
ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୫ ଫେବୃୟାରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 05 FEBRUARY 2021
Vol.No. 31 ■ No. 34 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଚାଷୀ ଆନ୍ଦୋଳନକୁ ନେଇ ଆମେରିକାର ପ୍ରତିକ୍ରିୟା

## ୱାଶିଂଟନ କହିଲା, ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ଗଣତନ୍ତ୍ରର ଅଂଶ, ଦୁଇ ପକ୍ଷ ମଧ୍ୟରେ ଆଲୋଚନା ଜରୁରୀ



ନୂଆଦିଲ୍ଲୀ,୦୪।୦୨ (ନି.ପ୍ର): ଦେଶରେ ଚାଲିଥିବା କୃଷି ଆନ୍ଦୋଳନ ଏବେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି । ଏବେ ଆମେରିକା ଏନେଇ ପ୍ରତିକ୍ରିୟା ରଖିଛି । ଆମେରିକା କହିଛି, ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଗଣତନ୍ତ୍ରର ଅଂଶ ଓ ଏନେଇ କଥାବାର୍ତ୍ତା ଜରିଆରେ ଆଲୋଚନା ହେବା ଦରକାର । ବୈଦେଶିକ ବିଭାଗର ଜଣେ ମୁଖପାତ୍ର କହିଛନ୍ତି, କୃଷିକୁ ଭଲ କରିବା ଲାଗି ଯେକୌଣସି ପଦକ୍ଷେପକୁ ଆମେରିକା ସ୍ୱାଗତ କରିବ । ସେପଟେ ସୋସିଆଲ ମିଡିଆରେ ଚାଷୀ ଆନ୍ଦୋଳନକୁ ନେଇ ଟ୍ୱିଟ ୱାର ଜାରି ରହିଛି । ଚାଷୀଙ୍କୁ ନେଇ ଅନ୍ତର୍ଜାତୀୟ ସେଲିବ୍ରିଟି ରିହାନା ଟ୍ୱିଟ କରିବା ପରେ ବିଭିନ୍ନ ସ୍ତରରୁ ପ୍ରତିକ୍ରିୟା ଆସିବାରେ ଲାଗିଛି । ସେଲିବ୍ରିଟି, କ୍ରିକେଟର ଚାଷୀ ଆନ୍ଦୋଳନ ନେଇ ସରକାରଙ୍କ ଆଭିମୁଖ୍ୟକୁ ସମର୍ଥନ କରିଛନ୍ତି । ସୁର ସାମ୍ରାଜ୍ଞୀ ଲତା ମଙ୍ଗେସକର ହ୍ୟାସଟ୍ୟାଗ ଇଣ୍ଡିଆ ଟୁଗେଦର ସହିତ ନିଜ ପ୍ରତିକ୍ରିୟା ରଖିଛନ୍ତି । ନିଜ ଟ୍ୱିଟରେ ସେ କହିଛନ୍ତି, ଭାରତ ଏକ ମହାନ ଦେଶ ଓ ଆମେ ଭାରତୀୟ ଏହାକୁ ନେଇ ଗୌରବାନ୍ୱିତ ମନେ କରୁଛୁ । ମୋର ପୂରା ଭରସା ଅଛି ଜଣେ ▶▶ପୃଷ୍ଠା ୭

# ରେଳ ବଜେଟ୍ ରେ ଓଡିଶାକୁ ମିଳିଲା ୬୯୯୫.୫୮ କୋଟି ଟଙ୍କା

- ବଜେଟ୍ ନୈରାଶ୍ୟଜନକ : ବିଜେଡି
- ଓଡ଼ିଶାକୁ ଉପେକ୍ଷିତ କରାଯାଇଛି : କଂଗ୍ରେସ
- ଅପେକ୍ଷା ଠାରୁ ଅଧିକ ଅନୁଦାନ ଦିଆଯାଇଛି : ବିଜେପି



ଭୁବନେଶ୍ୱର,୦୪।୦୨ (ନି.ପ୍ର): କେନ୍ଦ୍ର ରେଳ ବଜେଟରେ ଓଡ଼ିଶା ଦାବି କରିଥିବା ଅର୍ଥ ମିଳିନାହିଁ। ଚଳିତ ରେଳ ବଜେଟରେ ଓଡ଼ିଶାକୁ ୬୯୯୫.୫୮ କୋଟି ଟଙ୍କା ମିଳିଛି। ତେବେ ରାଜ୍ୟ ସରକାର ୭୨୦୦ କୋଟି ଦେବାକୁ ଦାବି କରିଥିଲେ। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ଚଳିତ ବଜେଟ୍ କୁ ଉଭୟ ବିଜେଡି କଂଗ୍ରେସ ଓ ବିଜେଡି ନୈରାଶ୍ୟଜନକ କହିଥିବା ବେଳେ ଓଡିଶାକୁ ଅପେକ୍ଷାକୃତ ଅଧିକ ଅନୁଦାନ ମିଳିଛି ବୋଲି କହିଛି ରାଜ୍ୟ ବିଜେପି ଏସମ୍ପର୍କରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ରାଜ୍ୟ ତରଫରୁ ୭ ହଜାର ୨ଶହ କୋଟି ଟଙ୍କା ଦାବି ଥିଲା। କିନ୍ତୁ ସେହି ଅନୁସାରେ ଅର୍ଥ ମିଳିନାହିଁ । ସେଥିରୁ ପୁରୁଣା ଖୋର୍ଦ୍ଧା ବଲାଙ୍ଗୀର ପାଇଁ ୫ ଶହ କୋଟି ଟଙ୍କା ରହିଛି। କେନ୍ଦ୍ର ବଜେଟ ନୈରାଶ୍ୟଜନକ ବୋଲି କହିଛନ୍ତି ବିଜେଡି ସାଂସଦ ଅମର ପଟ୍ଟନାୟକ। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ▶▶ପୃଷ୍ଠା ୭

## ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର,୦୪।୦୨ (ନି.ପ୍ର): ନବ ଉତ୍କଳର ନିର୍ମାତା, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ ବିଦ୍ଧାଣୀ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପରିପ୍ରେକ୍ଷୀରେ ସକାଳେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସକାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ରାଜ ଭବନଛକ ସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର, ବିଭାଗୀୟ ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ନିରଞ୍ଜନ ସେଠୀ, ଓଡିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡଃ. ଲେନିନ୍ ମହାନ୍ତି, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡଃ.ପ୍ରମୋଦ କୁମାର ମଲ୍ଲିକ, ବିଭାଗୀୟ ଅନ୍ୟ ପଦାଧିକାରୀ ଏବଂ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇ ଉତ୍କଳଗୌରବଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଏଠାରେ ଉତ୍କଳ ସମ୍ମିଳନୀ ଏବଂ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ପରିଷଦ ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ମଧୁବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

## ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୦୪।୦୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କର ପରିଚୟ ମିଳି ପାରି ନାହିଁ । ମିଳିଥିବା ସୂଚନା ଅନୁସାରେ ଭରତପୁର-ଚନ୍ଦକା ରାସ୍ତାର ଦାଶପୁର ନିକଟରୁ ଅଚିହ୍ନା ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ଭୁବନେଶ୍ୱର ଡିସିପି, ଫୋରେନସିକ୍ ଟିମ୍ ପହଂଚି ତଦନ୍ତ ଚଳାଇଛନ୍ତି। ମହିଳାଙ୍କୁ କେହି ହତ୍ୟା କରି ଫିଙ୍ଗିଥିବା ସନ୍ଦେହ କରାଯାଉଛି। ମୃତଦେହ ନିକଟରୁ ଛୁରୀ, ଗ୍ଲୋବସ୍ ମିଳିଛି। ଏ ସବୁକୁ ତଦନ୍ତ ଲାଗି ଫୋରେନସିକ୍ ଟିମ୍ ସଂଗ୍ରହ କରିଛି।

## ପ୍ରତିଭା ମହାରଥୀଙ୍କୁ ଟିକେଟ୍ ଦେବା ସପକ୍ଷରେ ଡେଲାଙ୍ଗ ନେତା ଓ କର୍ମୀ

ଭୁବନେଶ୍ୱର,୦୪।୦୨ (ନି.ପ୍ର): ପିପିଲି ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇନାହିଁ । କିନ୍ତୁ ପ୍ରଦୀପ ମହାରଥୀଙ୍କ ପତ୍ନୀ ପ୍ରତିଭା ମହାରଥୀଙ୍କୁ ଟିକେଟ ଦେବା ସପକ୍ଷରେ ଡେଲାଙ୍ଗ ବିଜେଡି ନେତା ଓ କର୍ମୀ ରାତି ଅଧରେ ଡେଲାଙ୍ଗରେ ମେଳି ବାନ୍ଧିଥିଲେ । ପ୍ରତିଭା ମହିଳା ହୋଇଥିବାରୁ ତାଙ୍କୁ ଟିକେଟ ଦିଆଯାଉ ବୋଲି ନେତା କର୍ମୀ ଖୋଲାଖୋଲି କହିଛନ୍ତି । ▶▶ପୃଷ୍ଠା ୭

## ଓଡ଼ିଶାରେ ଆନ୍ଧ୍ରର ଭୋଟ, ପଡ଼ିଲା ୧୫ ନାମାଙ୍କନ



ଜୟପୁର,୦୪।୦୨ (ନି.ପ୍ର): ଓଡ଼ିଶାର ୩ଟି ଗାଁରେ ଆନ୍ଧ୍ରପ୍ରଦେଶ ନିର୍ବାଚନ ଆୟୋଜନ କରୁଛି। ପଞ୍ଚାୟତ ନିର୍ବାଚନ ପାଇଁ ୩ଟି ଗାଁରୁ ୧୫ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗଞ୍ଜେଇବାଦ୍ରା ନାଁରେ ଓଡ଼ିଶାର ତଳଗଞ୍ଜେଇପଦରରୁ ସର୍ବାଧିକ ୧୩ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏଠାରୁ ୩ ସରପଞ୍ଚ, ୧୦ ଜଣ ୱାର୍ଡ ମେମ୍ବର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପଟୁଚେନୁରୁ ହୋଇଥିବା ଓଡ଼ିଶାର ପଟସୁନେରାରୁ ଜଣେ ସରପଞ୍ଚ ପ୍ରାର୍ଥୀ ଓ ପଟୁଗୁନେରୀ ହୋଇଥିବା ଫଗୁଣସିନେରୀରୁ ଜଣେ ସରପଞ୍ଚ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆନ୍ଧ୍ର ସାଲୁର ବ୍ଲକ କୁଟୁଗୁଟି ପଞ୍ଚାୟତ ନିର୍ବାଚନ ଅଧିକାରୀଙ୍କ ସୂଚନା। ଆନ୍ଧ୍ରପ୍ରଦେଶରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକାଶ ପାଇଛି ବିଜ୍ଞପ୍ତି। ଏଥିରେ ବିବାଦୀୟ କୋଟିଆ ପଞ୍ଚାୟତର ୩ ଗାଁର ନାଁ ରହିଛି। ଏହି ଗାଁ ଗୁଡ଼ିକ ସାଲୁର ବ୍ଲକରେ ସାମିଲ କରାଯାଇଛି। ଆନ୍ଧ୍ରରେ ସାମିଲ ହେବା ପରେ ଗଞ୍ଜାଇବାଦ୍ରା, ପଟୁଚେନୁର ଓ ପଟୁଗୁନେରୀ ହୋଇଛି। ଆଜି ଏହି ଗାଁ ଗୁଡ଼ିକରେ ନାମାଙ୍କନପତ୍ର ଦାଖଲ ଚାଲିଛି। ଆନ୍ଧ୍ର-ଓଡ଼ିଶା ସୀମା ବିବାଦ, ବିଶେଷକରି କୋଟିଆ କାହାର, ତାହା ଏବେ ବି ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପୂର୍ବରୁ ଆନ୍ଧ୍ରର ମନମାନୀ ଓ ଦାଦାଗିରି ଚଳାଇଛି। ▶▶ପୃଷ୍ଠା ୭

## ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର କଲେ ବନ୍ଧା ହେବେ ଡ୍ରାଇଭର ଓ ହେଲପର

ପୁରୀ,୦୪।୦୨ (ନି.ପ୍ର): ଶ୍ରୀକ୍ଷେତ୍ର ହେଉଛି ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର । ଏହାସହ ବିଶ୍ୱର କୋଣ ଅନୁକୋଣରୁ ତୀର୍ଥଯାତ୍ରୀମାନେ ଜଗନ୍ନାଥ ଧାମକୁ ଆସିଥାନ୍ତି। ସେମାନଙ୍କୁ ଉତମ ବ୍ୟବହାର ଓ ସୁଖଦ ଅନୁଭୂତି ନେଇ ଫେରିବା ପାଇଁ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ଅନେକ ନୀତି ନିୟମ ଧାର୍ଯ୍ୟ କରିଛନ୍ତି। ଗତ ଦୁଇଦିନ ତଳେ ଜଣେ ପର୍ଯ୍ୟଟକଙ୍କ ପରିବାର ଅର୍ବାନ ହାଟଠାରୁ ଟୁରିଷ୍ଟ ବସରେ ସାତପଡା ଚିଲିକା ବୁଲିବାକୁ ଯାଇଥିଲେ। ▶▶ପୃଷ୍ଠା ୭

## ଶ୍ରୀନିବାସ ପାଇକ ରାୟଙ୍କ ଦେହାନ୍ତ



ଭୁବନେଶ୍ୱର,୦୪।୦୨ (ନି.ପ୍ର): ପଞ୍ଚସଖା ଫିଲ୍ମସ୍ ଓ ଦେବାଶିଷ ଚଳଚିତ୍ର ପ୍ରଯୋଜନାର ପ୍ରଯୋଜକ ଶ୍ରୀଯୁକ୍ତ ଶ୍ରୀନିବାସ ପାଇକରାୟଙ୍କର ଭୁବନେଶ୍ୱର ସ୍ଥିତ ବାସଭବନରେ ଦେହାନ୍ତ ହେଇଯାଇଛି। ବର୍ତ୍ତମାନ ତାଙ୍କର ମୃତ ଶରୀରକୁ ତାଙ୍କର ପୈତୃକ ବାସଭବନ ନରଙ୍ଗରଡ଼ର ମାନପୁରକୁ ନିୟଯାଉଛି । ସେ ଓଡ଼ିଆ ଚଳଚ୍ଚିତ୍ର କିଏ କାହାର, ମାଣିକଯୋଡି, ନବଜନ୍ମ, ନୂଆବୋଉ, ଜୀବନସାଥୀର ପ୍ରଯୋଜକ ଥିଲେ ।

## ବିଶ୍ୱ କର୍କଟ ଦିବସରେ ଶୋଭଯାତ୍ରା

ଭୁବନେଶ୍ୱର,୦୪।୦୨ (ନି.ପ୍ର): ରାଜ୍ୟ ସମାଜ ମଙ୍ଗଳ ହୁଣ୍ଡି ପରିବାର ଓ ସାମାଜିକ ଯୁବ ସଂଗଠନ ମିଳିତ ଆନୁକୂଲ୍ୟରେ ଏକ ଶୋଭାଯାତ୍ରା ଖଣ୍ଡଗିରି ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ନିଶାମୁକ୍ତ ଭାରତ ଗଠନ ଦିଗରେ ଆଜିର ଯୁବପିଢି ନିଜକୁ ସାମିଲ କରନ୍ତୁ ଓ ନିଶାଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖନ୍ତୁ, ଏହି ସ୍ଲୋଗାନ ଦିଆଯାଇଥିଲା। ଏହି ଶୋଭାଯାତ୍ରାରେ ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ତଥା ଓଡ଼ିଶା ସମାଜସେବୀ ମହାସଂଘର ରାଜ୍ୟ ସଭାପତି ବାପୁ ଓଝାଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମଟରଯାନ ନିରୀକ୍ଷକ ବି. ମୁରୁଲୀଧର, ବିଶିଷ୍ଟ ଯୁବ ସମାଜସେବୀ ନିରଞ୍ଜନ ମାର୍ଥା, ରୋହିତ କୁମାର ନାୟକ, ରାଜ୍ୟ ସମାଜ ମଙ୍ଗଳ ହୁଣ୍ଡି ପରିବାରର ସଂଯୋଜକ ରକ୍ତଦାତା ତନ୍ମୟ ସାମନ୍ତରାୟ, ସମାଜସେବୀ ମହାସଂଘ ମୁଖପାତ୍ର ପ୍ରସନ୍ନ, ସଂଗଠନର ସମ୍ପାଦକ ରଞ୍ଜନ ବରାଡ଼, କୋଷାଧ୍ୟକ୍ଷ ସିଲୁ ମହାପାତ୍ର, ସଭ୍ୟ ଶିବ ପ୍ରସାଦ ସେଣ, ରଜନୀକାନ୍ତ ବେହେରା, ନାରାୟଣ ସାହୁ, ରିତାଞ୍ଜଳୀ ବଡ଼ଜେନା, ସନ୍ତୋଷ କୁମାର ପାତ୍ର, ପ୍ରଭାତ, ପପୁ, ସରୋଜ ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ ଯୁବ ସଂଗଠନର ସଭାପତି ଯୁବ ସମାଜସେବୀ ଚିତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧିକ ଅନୁଦାନ ପାଇଁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୦୪।୦୨ (ନି.ପ୍ର): ଓଡିଶାର ରେଳ ଭିତିଭୂମିର ବିକାଶ ପାଇଁ ଚଳିତ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ର ରେଳ ବଜେଟରେ ଓଡିଶାକୁ ୬୯୯୫ କୋଟି ୫୮ ଲକ୍ଷ ଟଙ୍କା ଅନୁଦାନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋୟଲ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ବିପୁଳ ଅର୍ଥ ଅନୁଦାନ ମାଧ୍ୟମରେ ରାଜ୍ୟରେ ରେଳ ପ୍ରକଳ୍ପକୁ ଶୀଘ୍ର ସାରିବା ପାଇଁ ବଜେଟ୍‌ରେ ଗୁରୁତ୍ୱ ଦିଆଯିବା ସହ ରାଜ୍ୟରେ ରେଳ ଭିତିଭୂମି ଓ ରେଳ ସଂଯୋଗ ସ୍ଥାପନକୁ ସୁଦୃଢ଼ କରିବା ଓ ଯାତ୍ରୀଙ୍କ ସୁବିଧା ବଢ଼ାଇବାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶା ତଥା ପୂର୍ବ ଭାରତର ବିକାଶ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରାଥମିକତାରେ ରହିଛି। ମୋଦି ସରକାରରେ ବିଗତ ୬ ବର୍ଷରେ ରେଳବାଇ କ୍ଷେତ୍ରରେ ଓଡିଶା ପ୍ରତି ଦୀର୍ଘ ଦିନର ଅବହେଳାକୁ ଦୂର କରାଯାଇ ରାଜ୍ୟକୁ ପ୍ରଚୁର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ପୂର୍ବ ବର୍ଷ ତୁଳନାରେ ଏ ବର୍ଷ ରେଳର ଅନୁଦାନ ବଢ଼ିଛି। ମିଶନ ପୂର୍ବୋଦୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କଳ୍ପନା କରାଯାଇଥିବା ବେଳେ ଦେଶର ବିକାଶ ପୂର୍ବ ଭାରତର ନେତୃତ୍ୱ ଦ୍ୱାରା ସମ୍ଭବ ବୋଲି ଏହା ସୁନିଶ୍ଚିତ କରୁଛି । ଓଡିଶାରେ ୬୧ ହଜାର ୯୪୯ କୋଟି ଟଙ୍କା ବ୍ୟୟରେ ୪,୮୭୭ କିମିର ୩୯ଟି ରେଳ ପ୍ରକଳ୍ପ ବିଭିନ୍ନ ପର୍ଯ୍ୟାୟରେ କ୍ରିୟାନ୍ୱିତ ହେଉଛି। ମୋଦି ସରକାର ଓଡିଶାକୁ ଅଧିକ ପ୍ରାଥମିକତା ଦେଉଛନ୍ତି। କଂଗ୍ରେସ ▶▶ପୃଷ୍ଠା ୭

## ମହମ୍ମଦ ଅବଦାଲ ଅଖତର ହେଲେ କୋରାପୁଟ ଜିଲ୍ଲାପାଳ



ଭୁବନେଶ୍ୱର,୦୪।୦୨ (ନି.ପ୍ର): ବଦଳିଲେ କୋରାପୁଟ ଜିଲ୍ଲାପାଳ। ମହମ୍ମଦ ଅବଦାଲ ଅଖତରଙ୍କୁ କୋରାପୁଟ ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। କୋରାପୁଟ ଜିଲ୍ଲାପାଳ ମଧୁସୂଦନ ମିଶ୍ରଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ ଅବଦାଲ ଅଖତରଙ୍କୁ ନିଯୁକ୍ତି ମିଳିଛି। ଅବଦାଲ ଅଖତର ଏବେ କଟକ ପିଡି ଡିଆରଡିଏ ଅଛନ୍ତି। ଅପରପକ୍ଷରେ ମଧୁସୂଦନ ମିଶ୍ରଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏସମ୍ପର୍କରେ ଗୁରୁବାର ଦିନ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ବ୍ରହ୍ମପୁର ଏସଡିଜେଏମ୍ କୋର୍ଟରେ ହାଜର ହେଲେ ବିଧାୟକ ପ୍ରଦୀପ ପାଣିଗ୍ରାହୀ

### ସ୍ୱାମୀ ପ୍ରଦୀପଙ୍କ ପାଇଁ କୋର୍ଟରେ ଲଢିଲେ ସ୍ତ୍ରୀ ସୁଜାତା




ଭୁବନେଶ୍ୱର,୦୪।୦୨ (ନି.ପ୍ର): ବ୍ରହ୍ମପୁର ଏସଡିଜେଏମ୍ କୋର୍ଟରେ ହାଜର ହୋଇଛନ୍ତି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ । କଡା ସୁରକ୍ଷା ମଧ୍ୟରେ ତାଙ୍କୁ ଝାରପଡା ଜେଲରୁ ନେଇ ବ୍ରହ୍ମପୁର ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଛି । ତେବେ ପ୍ରଦୀପ ପାଣିଗ୍ରାହୀଙ୍କ ପାଇଁ କୋର୍ଟରେ ଓକିଲ ଭାବେ ଲଢେଇ କରିଥିଲେ ତାଙ୍କ ପତ୍ନୀ । କୋର୍ଟରେ ହାଜର ପରେ ତାଙ୍କୁ ୩ ଦିନ ପାଇଁ ବ୍ରହ୍ମପୁର ଜେଲରେ ରଖାଯିବ । ଏହି ସମୟରେ ବ୍ରହ୍ମପୁର ପୋଲିସ ପ୍ରଦୀପଙ୍କୁ ରିମାଣ୍ଡରେ ନେଇପାରେ । ଟାଟା ନିଯୁକ୍ତି ଠକେଇ ମାମଲା ନେଇ ପ୍ରଦୀପ ପାଣିଗ୍ରାହୀଙ୍କ ନାଁରେ ରହିଛି ଏକାଧିକ ମାମଲା । ଏହି ଠକେଇ ମାମଲାର ଯାଂଚ ପାଇଁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯିବ । ଗୋପାଳପୁର ବିଧାୟକଙ୍କୁ ଗତ ୪ ତାରିଖରେ କ୍ରାଇମବ୍ରାଂଚ ଗିରଫ କରିଥିଲା । ଟାଟା କମ୍ପାନୀରେ ଚାକିରୀ କରାଇଦେବାକୁ କହି ଭାବି ଜ୍ୱାଇଁ ଆକାଶ ପାଠକଙ୍କ ପାଇଁ ପ୍ରଦୀପ ପାଣିଗ୍ରାହୀ ଟଙ୍କା ଆଦାୟ କରୁଥିବା ଅଭିଯୋଗ ଆସିଥିଲା । ଏହି ଘଟଣା ପରେ ଦଳ ତାଙ୍କୁ ବହିଷ୍କାର କରିଥିଲା ।

## ମିଳିଲା ସ୍କୁଟର : ଏଥିରେ ଝରାଫୁଲ ବୁଲିଥିଲେ, ତାଙ୍କ ଶବ ବି ବୁହା ହୋଇଥିଲା



ଭୁବନେଶ୍ୱର,୦୪।୦୨ (ନି.ପ୍ର): ରମାଦେବୀ ଛାତ୍ରୀ ଝରାଫୁଲଙ୍କ ମୃତ୍ୟୁ ଘଟଣାରେ ପୁଲିସ୍‌କୁ ଆଉ ଏକ ସଫଳତା ମିଳିଛି। ଝରାଫୁଲଙ୍କ ମୃତଦେହକୁ ଯେଉଁ ସ୍କୁଟରରେ ବୋହି ଅଭିଯୁକ୍ତମାନେ ନେଇଥିଲେ, ତାକୁ ଜବତ କରିଛି ଯାଜପୁର ପୁଲିସ୍। ଏହି ସ୍କୁଟରଟି ରାକେଶ ସ୍ୱାଇଁଙ୍କର। ଏଥିରେ ମଧ ଝରାଫୁଲ ତାଙ୍କ ସହିତ ବୁଲାବୁଲି କରିଥିଲେ। ଗତକାଲି ଭୁବନେଶ୍ୱରରେ ସିନ୍ ରିକ୍ରିଏସନ୍ ବେଳେ ରାକେଶ ସ୍ୱାଇଁ ଏହି ସ୍କୁଟର ସଂପର୍କରେ ସୂଚନା ଦେଇଥିଲେ। ତା’ପରେ ପୁଲିସ୍ ଏହାକୁ ଜବତ କରିଛି। ▶▶ପୃଷ୍ଠା ୭

# ସବ୍-ମିଶନ୍ କମିଟି ବୈଠକ ଅନୁଷ୍ଠିତ : ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ

ଭୁବନେଶ୍ୱର,୪।୨ (ନି.ପ୍ର): ବିଧାନସଭା ସବ୍-ମିଶନ୍ କମିଟି ବୈଠକ ବୁଧବାର ବିଧାନସଭା ପ୍ରକୋଷ୍ଠ – ୫୪ରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଡ଼ଃ. ପ୍ରମୋଦ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜଳସମ୍ପଦ ବିଭାଗ ଅଧୀନରେ ବକେୟା ଥିବା ପ୍ରକଳ୍ପ ଗୁଡିକ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା । ଯୁଦ୍ଧକାଳୀନ ଭିତିରେ ଏହି ପ୍ରକଳ୍ପଗୁଡିକର କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ବିଭାଗକୁ ପରାମର୍ଶ ଦିଆଯାଇଥିଲା । ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଳାଶୟ ଏବଂ ଉଠା ଜଳସେଚନ ପ୍ରକଳ୍ପ ଗୁଡିକର ପୁନରୁଦ୍ଧାର, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନଦୀବନ୍ଧର ମରାମତି ଏବଂ ସୁଇସ୍ ଗେଟ୍ ନିର୍ମାଣ କୁଶାଙ୍ଗ ଏବଂ ଲୋଇସିଂଘା ମଧ୍ୟରେ କୁସୁମି ନାଳ ଉପରେ ଚେକ୍ ଡ୍ୟାମ୍ ନିର୍ମାଣ, ଖଣ୍ଡପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହାନଦୀରେ ପଦ୍ମାବତୀ ବ୍ୟାରେଜ୍ ନିର୍ମାଣ, ଗୁଣୁପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୁଡାରୀ ବ୍ଲକରେ କେନାଲ ନିର୍ମାଣ, ଦଶପଲ୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୃତାଙ୍ଗ ଜଳସେଚନ ପ୍ରକଳ୍ପର ଆଧୁନିକୀକରଣ, ଧର୍ମଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମେଗା ଉଠା ଜଳ ସେଚନ ପ୍ରକଳ୍ପର ନିର୍ମାଣ ତ୍ୱରାନ୍ୱିତ, କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୋରୱେଲ ନିର୍ମାଣ, ପାଲଲହଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାଙ୍କଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ମଧ୍ୟମ ଜଳସେଚନ ପ୍ରକଳ୍ପରେ ରୂପାନ୍ତରିକରଣ, ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସପ୍ତଧାରା ଏବଂ ପାଙ୍ଗାମ ନଦୀରେ ବନ୍ଧ ନିର୍ମାଣ ପ୍ରଭୃତି ପ୍ରସଙ୍ଗରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । କାର୍ଯ୍ୟଗୁଡିକର ରୂପାୟନ ଉପରେ ବିଭାଗ ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । ଉକ୍ତ ବୈଠକରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପର୍ଶୁରାମ ଧଡା, ଅଧୀରାଜ ମୋହନ ପାଣିଗ୍ରାହୀ, ସମ୍ମିତ ରାଉତରାୟ, ଧ୍ରୁବଚରଣ ସାହୁ, ବିଷ୍ଣୁବ୍ରତ ରାଉତରାୟ, ରମେଶ ଚନ୍ଦ୍ର ବେହେରା, ଆଶୋକ କୁମାର ବଳ, ସରୋଜ କୁମାର ମେହେର, ସୁଧୀର ସାମଲ, ଲତିକା ପ୍ରଧାନ, ସୁନନ୍ଦା ଦାଶ, କୁସୁମ ଟେଟେ, ନାଉରୀ ନାୟକ, ସୂର୍ଯ୍ୟମଣି ବୈଦ୍ୟ, ମୁକେଶ ମହାଲିଙ୍ଗ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ବିଧାନସଭା ସଚିବ ଦାଶରଥୀ ଶତପଥୀ, ଯୁଗ୍ମ ସଚିବ ଦେବାନନ୍ଦ ଦୋରା ଏବଂ ସମ୍ପୃକ୍ତ ବିଭାଗର ଅନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ହୋଇ କମିଟି ସପକ୍ଷରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ ।

# କଣାସ ବ୍ଲକରେ ଭେଜାଲ ଔଷଧ ସାଙ୍ଗକୁ କ୍ୱାକଙ୍କ ପାର୍ଦୁର୍ଭାବ ବଢୁଛି: ରୋଗୀଙ୍କୁ ଭଗବାନ ଭରଷା

କଣାସ,୪।୨ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ପୁରୀ ଜିଲ୍ଲାର ଚିଲିକା ଉପକୂଳରେ ଅବସ୍ଥାପିତ ଜିଲ୍ଲାର ସର୍ବାଧିକ ଅନୁନ୍ନତ ଅଂଚଳ ଭାବେ ପରିଚିତ କଣାସ ବ୍ଲକରେ ପ୍ରତିଷ୍ଠିତ କଣାସ ଗୋଷ୍ଠୀ ସ୍ୱସ୍ଥ୍ୟକେନ୍ଦ୍ର ଓ ଗଡିଶାଗୋଦା, ନନ୍ଦିଗୋଦା, ସାହୁପଡା, ବିରକେଶରପୁର ଓ ମନ୍ଦାରବସ୍ତ ଠାରେ ସ୍ଥାପିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ ଗାଁଗହଳିର କ୍ୱାକମାନଙ୍କ ଆଶ୍ରୟ ନେଉଛନ୍ତି । ବଜାରମାନଙ୍କରେ ଥିବା ବହୁ ବେନାମି ଔଷଧ ଦୋକାନମାନଙ୍କରେ ଦୁଇ ନଂ ଔଷଧ ପ୍ରଚୁର ପରିମାଣରେ ବିକ୍ରି ହେଉଥିବାରୁ ରୋଗୀମାନେ ଭଗବାନଙ୍କ ଉପରେ ଭରଷା କରି ରହୁଛନ୍ତି । ସୂଚନା ଥାଉକି, କଣାସ ବ୍ଲକର ଚର୍ତୁପାଶ୍ୱ ନଦୀନାଳ ପରିପୂର୍ଣ୍ଣ ଥିବା ବେଳେ ଶେଷଭାଗରେ ଚିଲିକା ଉପକୂଳ ଅବସ୍ଥାପିତ ବର୍ଷସାରା ଏଠାରେ ପାନୀୟ ଜଳ ସମସ୍ୟା ଲାଗିରହୁଛି । ବର୍ଷସାରା ଜଳଜନିତ ରୋଗ ଲାଗିରହିବା ସହ ଅନେକ ଗ୍ରାମରେ ଝାଡାବାନ୍ତି ଲାଗିରହୁଛି । ଲୋକମାନେ ସ୍ୱସ୍ଥ୍ୟସେବା ଲାଗି ଡାକ୍ତରଖାନାକୁ ନଯାଇ ଗାଁଗହଳିର କ୍ୱାକମାନଙ୍କ ପାଖରେ ଆଶ୍ରୟ ନେଉଥିବା ଦେଖାଯାଉଛି । କାରଣ ଆବଶ୍ୟକ ସଂଖ୍ୟକ ଡାକ୍ତର ଉପସ୍ୱାସ୍ଥ୍ୟ କେନ୍ଦ୍ର ଓ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ନଥିବାରୁ ରୋଗୀମାନେ ଭରଷା କରି କ୍ୱାକମାନଙ୍କ ସରାଣପନ୍ନ ହେଉଛନ୍ତି । କଣାସ ବ୍ଲକର ବିଭିନ୍ନ ବଜାରରେ ଅନେକ ପଞ୍ଜିକୃତ ହୋଇନଥିବା ଔଷଧ ଦୋକାନ ଖୋଲାଯାଇ ଭେଜାଲ ଔଷଧ ମାନ ଅଧିକ ପରିମାଣରେ ବିକ୍ରି ହେଉଥିବାରୁ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଔଷଧ ଦୋକାନ ଗୁଡିକ ତଦାରଖ କରିବା ପାଇଁ ଜିଲ୍ଲାରେ ଡ୍ରଗ୍ ଇନିସିପେକ୍ଟର ଥିଲେ ମଧ୍ୟ ଦିନେକାଳେ କଣାସ ଅଂଚଳକୁ ଆସିନଥିବା ଅଭିଯୋଗ ହେଉଛି । ଯଦି ବା କେଉଁ ଦିନ କେଉଁ ବଜାରକୁ ଆସୁଛନ୍ତି ଆଗରୁ ଉକ୍ତ ବଜାରର ଦୋକାନି ମାନଙ୍କୁ କିଏ କାହିଁକି ଜଣାଇ ଦେଉଛି ସେମାନେ ଦିନସାରା ଦୋକାନ ବନ୍ଦ କରିଦେଉଥିବା ଦେଖିବାକୁ ମିଳୁଛି । ଡାକ୍ତରଖାନାମାନଙ୍କରେ ଆବଶ୍ୟକ ଥିବା ଡାକ୍ତର ପଦବୀ ପୂରଣ ପାଇଁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ବଦଳିଗୁଡା ଗ୍ରାମବାସୀଙ୍କ ଗଣବିକ୍ଷୋଭ

ଜୟପୁର,୪।୨ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ବଦଳିଗୁଡା ଗ୍ରାମବାସୀ ଆଜି ଗଣ ବିକ୍ଷୋଭ କରିଛନ୍ତି । ରେଡିଓ ଷ୍ଟେସନ ଠାରୁ ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ବଦଳିଗୁଡାର ଗ୍ରାମବାସୀ ମାନେ ବିଶାଳ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଘେରାଉ କରିଥିଲେ । ଜମିବାଡି ବିବାଦର ସମାଧାନ ଦାବୀରେ ଉପ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୟପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ମୌଡା ବଦଳିଗୁଡା ଗ୍ରାମକୁ ଲାଗି ରହିଥିବା ସୁଦ୍ଧେଶ୍ୱର ବାବା ପାହାଡକୁ ଗ୍ରାମର ପୁରୁଷ ପୁରୁଷ ଧରି ଭୋଗ ଦଖଲ କରି ରହି ଆସୁଛନ୍ତି । କିନ୍ତୁ ବାରିଣିପୁଟ ଗ୍ରାମପଚାଂୟତ ମୁଣ୍ଡିଗୁଡା ଓସିସି କୋଲନୀର କିଛି ଛଟେଇ କର୍ମଚାରୀ କାର୍ଯ୍ୟରତ କର୍ମଚାରିଙ୍କ ପରିବାର ବର୍ଗ ମିଳିମିଶି ସେହି ପାହାଡ ଜମିରେ ଜୋର ଜବରଦସ୍ତି ଗଛପତ୍ର ମାରି ଜଙ୍ଗଲ ନଷ୍ଟ କରିବା ସହ ଉକ୍ତ ଜମିରେ ଘର ଦ୍ୱାର କରି ରହିବାକୁ ଚେଷ୍ଟା କରୁଛନ୍ତି । ଉକ୍ତ ସ୍ଥାନରେ ୧୫୦ ପରିବାର ଘର କରିବାକୁ ସ୍ଥିର କରିବା ସମୟରେ ଉକ୍ତ ବ୍ୟକ୍ତି ବିଶେଷ ଗଛ ପତ୍ର ନଷ୍ଟ କରି ପାହାଡ ସଫା କରି ଦଖଲ କରୁଛନ୍ତି । ଏହାର ତଦନ୍ତ କରି ବଦଳିଗୁଡା ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସିପିଆଇର ପ୍ରମୋଦ ମହାନ୍ତି, ରାମକୃଷ୍ଣ ସାହୁ, ଗ୍ରାମବାସୀ ଡୁମା ଗାଦବା, ମାଧବ ନାୟକ, ତ୍ରିଲୋଚନ ମାଳି, ଜଳନ୍ଧର ମାଳା ପ୍ରମୁଖ ଦାବୀ କରିଛନ୍ତି ।

# ଶ୍ରମ କୋଡ୍ ବାତିଲ୍ ଦାବିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମାନଙ୍କ ବିକ୍ଷୋଭ

ଭୁବନେଶ୍ୱର, ୦୩ ଫେବୃଆରୀ – ୪ଟି ଶ୍ରମକୋଡ୍ ପ୍ରତ୍ୟାହାର,କୃଷି ଆଇନ ବାତିଲ, ବିଦ୍ୟୁତ ବିଲ୍-୨୦୨୦ ପ୍ରତ୍ୟାହାର, ରାଷ୍ଟ୍ରାୟତ ଶିଳ୍ପର ଘରୋଇକରଣ ବିରୁଦ୍ଧରେ ରାଜ୍ୟସ୍ତରୀୟ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ କର୍ମଚାରୀ ଫେଡେରେସନ ମାନଙ୍କ ପକ୍ଷରୁ ବୁଧବାର ଦିନ ବିଧାନସଭା ସମ୍ମୁଖରେ ପ୍ରତିବାଦ କରାଯାଇଛି । ଏହାସହ ଲେବର କୋଡ୍‌ର ପ୍ରତିଲିପି (କପି) ପୋଡା ଯାଇଛି । ଆଇଏନଟିୟୁସି, ଏଆଇଟୟୁସି , ଏଚଏମଏସ୍ , ସିଆଇଟିୟୁ , ଏଆଇୟୁଟିୟୁସି ,ଏଆଇସିସିଟିୟୁ ଆଦି ରାଜ୍ୟସ୍ତରୀୟ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ପୂର୍ବାହ୍ନରେ ଏକ ପଟୁଆର ମାଷ୍ଟରକ୍ୟାଂଟିନ ଠାରୁ ବାହାରି ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କେନ୍ଦ୍ର ସରକାର କରୋନା ମହାମାରୀ ସମୟରେ ୪ଟି ଲେବର କୋଡ୍, ୩ଟି କୃଷି ଆଇନ ପାର୍ଲିଆମେଂଟରେ ପାସ୍ କରିଛନ୍ତି, ବିଦ୍ୟୁତ୍ ଶିଳ୍ପର ଘରୋଇକରଣ ପାଇଁ ବିଦ୍ୟୁତ୍ ବିଲ୍ ୨୦୨୦ ଆଣିଛନ୍ତି । କେନ୍ଦ୍ରୀୟ ବଜେଟରେ ବିଭିନ୍ନ ଲାଭଦାୟକ ରାଷ୍ଟ୍ରାୟତ ଶିଳ୍ପର ଅଂଶ ଧନ ବିକିବା ସହ ଘରୋଇକରଣ କରୁଛନ୍ତି, ସାଧାରଣ ବୀମା ସମେତ ଏଲ.ଆଇ.ସି. ର ସରକାରୀ ଅଂଶ ଧନ ୭୫% ଭାଗ ବିକ୍ରି କରିବା ସହିତ ୨ଟି ରାଷ୍ଟ୍ରାୟତ ବ୍ୟାଙ୍କକୁ ସଂପୂର୍ଣ୍ଣ ଭାବେ ଘରୋଇ ମାଲିକ ମାନଙ୍କ ବିକ୍ରୀ କରିବାକୁ ଘୋଷଣା କରିଛନ୍ତି । ପେଟ୍ରୋଲ ଡିଜେଲ ଉପରେ ସେସ୍ ବସାଇ ଜନଗଣଙ୍କୁ ଲୁଟ୍ କରିବା ସହିତ କରର୍ପୋରେଟ୍ ଧନୀ ମାନଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବଜେଟକୁ ଦୃଢ ବିରୋଧ କରାଯିବାକୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମାନଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଟ୍ରେଡ୍ ୟୁନିଅନ୍ ନେତା ଡ. ରାମଚନ୍ଦ୍ର ଖୁଂଟିଆ, କିଶୋର ଜେନା, ମଦନ ଧଳ, ରାମକୃଷ୍ଣ ପଣ୍ଡା, ବିଜୟ ଜେନା, ସୁର ଜେନା, ବି.ପି. ଦାସ, ଦୁଷ୍ମନ୍ତ ଦାସ, ନିରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡା,ଜ୍ୟୋତିରଞ୍ଜନ ମହାପାତ୍ର, ପରିଲତା ମହାପାତ୍ର, ଟୁନି ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ । .

# ସୌନ୍ଦର୍ଯ୍ୟମୟୀ ତୋଷାଳି ମେଳାରେ କଳାନୈପୁଣ୍ୟର ଅଭିନବ ଚମକ

ଭୁବନେଶ୍ୱର,୪।୨ (ନି.ପ୍ର): ସ୍ଥାନୀୟ ଜନତା ମଇଦାନଠାରେ ଜାନୁଆରୀ ୨୧ ତାରିଖଠାରୁ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ତୋଷାଳି ମେଳା ଅନୁଷ୍ଠିତ ହେଉଛି । କେତେଦିନ ହେଲା ସୌନ୍ଦର୍ଯ୍ୟର ମାୟାପୁରୀ ପାଲଟିଛି ଜନତା ମଇଦାନ । ଜନତାଙ୍କ ସୁଅ ଛୁଟୁଛି । ମେଳା ମଇଦାନରେ ସୌନ୍ଦର୍ଯ୍ୟର ହାଟ ବସିଛି । ବିବିଧ ସୌନ୍ଦର୍ଯ୍ୟର ଅପରୂପ କାରୁକଳା ଦେଖି ଦର୍ଶକେ ଆତ୍ମବିସ୍ମୃତ ହେଉଛନ୍ତି । ପଢ଼ିଆ ସାରା ଖାଲି କଳାର କିମିଆ । କଳାପ୍ରାଣ ମଣିଷ ଖୋଜୁଛି ନିଜ ରୁଚିର କଳାସାମଗ୍ରୀ । ଉତ୍କୃଷ୍ଟ କଳାର କ୍ଷେତ୍ର ଉତ୍କଳ ମାଟିର କଳା ଉତ୍କର୍ଷ ଓ କାରିଗରୀ ଶିଳ୍ପନୈପୁଣ୍ୟ ଦେଖଣାହାରୀ ଓ କ୍ରେତାଙ୍କ ଆଖିରେ ସୃଷ୍ଟି କରୁଛି ଅଭିନବ ଚମକ । ଜାତୀୟ ହସ୍ତଶିଳ୍ପ ମେଳା ତୋଷାଳିର ମଧ୍ୟ ଭାଗରେ ଉତ୍କଳୀୟ ଦେବତା ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସୁଦୃଶ୍ୟ ମୂର୍ତିର ଅପରୂପ ଶୋଭା ଜଗନ୍ନାଥପ୍ରାଣ ଉତ୍କଳୀୟଙ୍କୁ ଘଡ଼ିଏ ଅଟକେଇ ଦଉଛି । କଟକ ବଡ଼ୟା ଷ୍ଟଲ୍ ରେ ଓଁ ଭିତରେ ଶ୍ରୀଜଗନ୍ନାଥଙ୍କ ଶୋଭା ବେଶ୍ ସୁନ୍ଦର ଦିଶୁଛି । ଫିରିଙ୍ଗିଆ ଓ ଗଣ୍ଡମୁଣ୍ଡାର କାଷ୍ଠଶିଳ୍ପ ଷ୍ଟଲ୍ ରେ ଦର୍ଶକଙ୍କ ନାହିଁ ନଥିବା ଭିଡ଼ । ସେମିତି ଭିଡ଼ ଲାଗିଛି ପିପିଲିର ଚାନ୍ଦୁଆ ଷ୍ଟଲ୍ ରେ । ଉତ୍କଳିକା, ଅମ୍ଳାନ, ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ ଷ୍ଟଲ୍‌ରେ ଅଧିକ ଭିଡ଼ ଜମୁଛି ।ଛତିଶଗଡ଼ର ଲୌହଶିଳ୍ପ, ତେଲେଙ୍ଗାନାର ଚମଡ଼ା ଶିଳ୍ପ, ରାଜସ୍ଥାନ, ପଂଜାବ ଓ ମଣିପୁର ବୟନଶିଳ୍ପ, ଆସାମର ବାଉଁଶଶିଳ୍ପ ଆଦି ଷ୍ଟଲଗୁଡ଼ିକ ଭାରତୀୟ ସୌନ୍ଦର୍ଯ୍ୟ ଓ କଳାଚେତନାର ଅନନ୍ୟ ପ୍ରତିଭାକୁ ପ୍ରଦର୍ଶିତ କରୁଛି । କର୍ଣ୍ଣାଟକର ଚନ୍ଦନଯୁକ୍ତ ବିବିଧ ପ୍ରସାଧନ ସାମଗ୍ରୀ କିଣିବାକୁ ଗ୍ରାହକମାନେ ବେଶ୍ ପସନ୍ଦ କରୁଛନ୍ତି । ଆଗ୍ରାର ସୁନ୍ଦର କାଚ ସାମଗ୍ରୀ ଦର୍ଶକଙ୍କ ଆଖି ଝଲସାଇ ଦେଉଛି । ଶୀତ ସରିସରି ଆସିଲେ ବି ହିମାଚଳ ପ୍ରଦେଶରୁ ଆସିଥିବା ମନୋଲୋଭା ଆକର୍ଷଣୀୟ ଶୀତରୋକା ଜ୍ୟାକେଟର ମୋହ ଷ୍ଟଲ ଆଡ଼କୁ ଆକର୍ଷିତ କରୁଛି । କେଉଁଝରର ଭଗାମୁଣ୍ଡାର ଟସର ସିଲକ୍ ପାର୍କ ଷ୍ଟଲରେ ଟସର ଜ୍ୟାକେଟ୍ ସହ ଅନ୍ୟାନ୍ୟ ସାମଗ୍ରୀର ଭଲ ଚାହିଦା ରହିଛି । ଡିଜିଟାଲ୍ ପ୍ରିଂଟ ଟସର ଶାଢ଼ିର ସୌନ୍ଦର୍ଯ୍ୟ କଳା ଦର୍ଶକଙ୍କୁ ବିମୋହିତ କରୁଛି । ପାରମ୍ପରିକ କଳାଚେତନା ସହ ଡିଜିଟାଲ ପ୍ରିଂଟିଂ କଳାର ଅପୂର୍ବ ମିଶ୍ରଣ । ତୋଷାଳି ମେଳା ଦିବା ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦର୍ଶକ ମାନଙ୍କ ନିମନ୍ତେ ଖୋଲା ରହୁଛି । ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ତୋଷାଳି ମେଳା ଚାଲିବ ।

# ନିଆଁରେ ପଡିହୋଇ ମହିଳା ଗୁରୁତର

ମାଲକାନଗିରି,୪।୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ବଡିଗେଟା ପଂଚାୟତର ଏମଭି-୭୦ ଗ୍ରାମରେ ଜଣେ ବିବାହିତା ମହିଳା ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଛନ୍ତି । ଏମ୍ ?ଭି-୭୦ ଗାଁର ରବୀନ ସରକାରଙ୍କ ସ୍ତ୍ରୀ ପ୍ରଭାତୀ ସରକାର ଆଜି ନିଆଁରେ ପୋଡିଯିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତି କରାଯାଇଛି । ପ୍ରଭାତିଙ୍କ ଶରୀରର ୬୦ ପ୍ରତିଶତରୁ ଅଧିକ ପୋଡ଼ିଯାଇଛି । ମୁଁହ ଠାରୁ ଗୋଡ଼ ପର୍ଯ୍ୟନ୍ତ ସବୁ ପୋଡି ହୋଇ ଚମଡା ବାହାରି ପଡିଛି । ତେବେ ତାଙ୍କର ଅବସ୍ଥା ସଙ୍କଟାପନ ଥିବାରୁ ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ମାଲକାନଗିରି ମେଡିକାଲକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତରିତ କରାଯାଇଛି । ରୋଷେଇ କରୁଥିବା ବେଳେ କେ ?ଣସି କାରଣରୁ ପ୍ରଭାତୀଙ୍କ ଦେହରେ ନିଆଁ ଲାଗିଯାଇଥିଲା ବୋଲି ସଂଦେହ କରାଯାଉଥିବା ବେଳେ କିଛି ଲୋକ କହୁଥିବା ବେଳେ ଅନ୍ୟମାନଙ୍କ ଅନୁସାରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଝଗଡା ଯୋଗୁଁ ଏଭଳି ଅଘଟଣ ଘଟିଛି । ଅନ୍ୟପକ୍ଷରେ ଶାଶୁ ଘର ଲୋକେ ନିଆଁ ଲାଗିବାର କାରଣ ସମ୍ପର୍କରେ କିଛି ଜାଣି ନାହାନ୍ତି ବୋଲି କହୁଥିବାରୁ ଘଟଣାଟି ସନ୍ଦେହ ସୃଷ୍ଟି କରିଛି । କାରଣ ସ୍ୱାମୀ ଓ ଶଶୁର ଘରେ ଥିବା ବେଳେ ଘଟଣାଟି ଘଟିଥିଲା ।

# ଆଦିବାସୀ ମେଳା ୨୦୨୧ : ମହିଳା ସଶକ୍ତିକରଣର ପ୍ରକୃଷ୍ଟ ନିଦର୍ଶନ

ଭୁବନେଶ୍ୱର,୪।୨ (ନି.ପ୍ର): ଓଡ଼ିଶାରେ ମହିଳା ସଶକ୍ତିକରଣ ନିମନ୍ତେ ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି । ମିଶନ ଶକ୍ତିରେ ସାମିଲ ହୋଇଥିବା ରାଜ୍ୟର ୮୦ ଲକ୍ଷ ମହିଳା ଆଜି ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରୁଛନ୍ତି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କିଭଳି ନିଜର ନିଷ୍ଠା ଓ ପରିଶ୍ରମ ବଳରେ ରୋଜଗାରକ୍ଷମ ହୋଇପାରିଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଆଦିବାସୀ ମେଳା । ଆଦିବାସୀ ମେଳା ମାଧ୍ୟମରେ ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଉତ୍ପାଦକୁ ବଜାର ସହିତ ସଂଯୁକ୍ତ କରାଯାଇଛି । ଏହି ମେଳା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ଉତ୍ପାଦକୁ ବିକ୍ରୟ କରିବା ସହିତ ରାଜଧାନୀରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଆଦିବାସୀ ମେଳାରେ ସୁଦୂର ରାୟଗଡ଼ାର ବିଷମକଟକରୁ ଆସିଥିବା ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ଚାଟିକଣାର ନିୟମଗିରି ସ୍ୱୟଂ ସହାୟକ ସଂଘ, ଖମ୍ବେସି, ମା'ଭୈରବୀ ସ୍ୱୟଂ ସହାୟକ ସଂଘ, ଖମ୍ବେସି ଆଦିବାସୀ ମେଳାରେ ଗୁଣ୍ଡ ହଳଦୀ, ସୋରିଷ, ଝୁଡୁଙ୍ଗ, ବିରି, ପାଳୁଅ, ଗୋଲମରିଚ, କଂଚା ହଳଦୀ, ଶୁଖା ହଳଦୀ, କାଙ୍ଗୁ ଚାଉଳ, ମାଣ୍ଡିଆ ଗୁଣ୍ଡ, ଅଦା, ଅଁଳା, କାନ୍ଦୁଲ, ହରିଡ଼ା, ବାହାଡ଼ା ଆଦି ସଂଗ୍ରହ ଓ ପ୍ରସ୍ତୁତ କରି ଉତମ ଗୁଣ ମାନର ସାମଗ୍ରୀ ଗ୍ରାହକମାନଙ୍କ ଆଗରେ ରଖିଛନ୍ତି । ଗ୍ରାହକମାନେ ଏହାକୁ ଆଗ୍ରହର ସହିତ କ୍ରୟ କରୁଛନ୍ତି । ୨୦୦୪-୦୫ ମସିହାରେ ଚାଟିକଣା ଅଂଚଳରେ ଆରମ୍ଭ ହୋଇଥିବା ଏହି ସଂଘ ପ୍ରଥମ ୧୦ ଜଣ ସଦସ୍ୟା ଗ୍ରୁପ୍ କରି ପ୍ରତ୍ୟେକ ସଦସ୍ୟା ୧୦ ଟଙ୍କା ହିସାବରେ ସଂଘ ଆରମ୍ଭ କରିଥିଲେ । ଏବେ ଏହି ସଂଘର ସଦସ୍ୟାମାନେ ୫୦ ଟଙ୍କା ଲେଖାଏଁ ଆଦାୟ କରି ବ୍ୟାଙ୍କ ଋଣ କରି ସବ୍‌ସିଡି ପାଉଛନ୍ତି । କେବଳ ଉପରଲିଖିତ ସାମଗ୍ରୀ ନୁହେଁ ଏହା ବ୍ୟତୀତ ସବୁ ପ୍ରକାରର ହାତ ତିଆରି ଜିନିଷ ଯଥା ଖଲିପତ୍ର, ଶିଆଳିପତ୍ର, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଗ୍ରୁପ୍ ମାଧ୍ୟମରେ ମଧ୍ୟ ବିକ୍ରି କରୁଛନ୍ତି । ଆଉ ମଧ୍ୟ ଜଙ୍ଗଲରୁ ସପୁରୀ, ଆମ୍ବ ଆଦି ବିଭିନ୍ନ ଫଳ ସଂଗ୍ରହ କରି ବିକ୍ରୟ କରୁଛନ୍ତି । ଏହି ସ୍ୱୟଂ ସହାୟକ ଗୋଷ୍ଠୀର ହଳଦୀ, ଝୁଡୁଙ୍ଗ, ଅଦା, କାନ୍ଦୁଲ, ବରଗଡ଼ ଓ ଝାଡୁ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିଅଛି । ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏବେ ମାସକୁ ଅତିକମ୍ ରେ ପାଂଚ ହଜାର ଟଙ୍କା ପାଇପାରୁଛନ୍ତି ବୋଲି ସଂଘର ଗୋଲକ ସିକକା ପ୍ରକାଶ କରିଛନ୍ତି । ଆଦିବାସୀ ମେଳାରେ ଏହି ଦୁଇଟି ଷ୍ଟଲ୍ ରେ ମିନାଇ ସିକକା, ଗଡେ କୁଣ୍ଡିକା, ମମି ଓ୍ୱାଡାକା, ସମିତା କୁଣ୍ଡିକା, ସମିତା ଓ୍ୱାଡାକା, ଚାରି ଓ୍ୱାଡାକା ଛଅ ଜଣ ସଦସ୍ୟା ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି । ଆଦିବାସୀ ମେଳା ଜାନୁଆରୀ ୨୬ ତାରିଖଠାରୁ ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆଠାରେ ଅନୁଷ୍ଠିତ ହେଉଛି । ପ୍ରତିଦିନ ଡିଜିଟାଲ ମାଧ୍ୟମରେ ମେଳା ପରିସରରେ ଓ ଆଦିବାସୀ ମେଳାର ଓ୍ୱେବ୍ ସାଇଟ୍ http//:www. adivasimela 2021.com ରେ ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ଦର୍ଶକମାନେ ଆଦିବାସୀ ନୃତ୍ୟ ଉପଭୋଗ କରିପାରୁଛନ୍ତି । ଆଜି ଭୋତଡ଼ା ଜନଜାତିଙ୍କର ଢେମ୍‌ସା ନୃତ୍ୟ, ମୁଣ୍ଡା ଜନଜାତିଙ୍କର ଇନ୍ ?ଡ ନୃତ୍ୟ, ଓରାଓଁ ଜନଜାତିଙ୍କର କରମା ନୃତ୍ୟ ପ୍ରଦର୍ଶିତ ହୋଇଛି । ଆସନ୍ତାକାଲି ଫେବୃଆରୀ ୪ ତାରିଖ ଦିନ ଡଙ୍ଗରିଆ କନ୍ଧଙ୍କ ଦ୍ୱାରା ବଜୁନି ନୃତ୍ୟ, ଉତରପ୍ରଦେଶର ଡାଙ୍ଗୀ ଜନଜାତିଙ୍କର ହୋଲି ନୃତ୍ୟ, ଶବର ଜନଜାତିଙ୍କର ବିବାହ ନୃତ୍ୟ ପ୍ରଦର୍ଶିତ ହେବ । ପ୍ରତିଦିନ ଆଦିବାସୀ ମେଳା ଦିବା ୧୧ ଘଟିକାଠାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଖୋଲା ରହୁଛି । ମେଳାରେ ୯୦ଟି ଷ୍ଟଲ ରହିଛି । ଫେବୃଆରୀ ୯ ତାରିଖ ପର୍ଯ୍ୟନ୍ତ ଆଦିବାସୀ ମେଳା ଚାଲିବ ।

# ନୃସିଂହନାଥ ଓ ହରିଶଙ୍କର ମନ୍ଦିର ଉନ୍ନୟନ ପାଇଁ ମାଷ୍ଟର ପ୍ଲାନ୍ ଖୁବ୍ ଶିଘ୍ର

ଭୁବନେଶ୍ୱର,୪।୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ସର୍ବୋଚ୍ଚ ପ୍ରଶାସନିକ ଟିମ୍ ନୃସିଂହନାଥ ଓ ହରିଶଙ୍କର ମନ୍ଦିର ପରିଦର୍ଶନ କରି ଉଭୟ ମନ୍ଦିର ଉନ୍ନୟନ ନକ୍‌ସା ପ୍ରସ୍ତୁତ କରିଛନ୍ତି । ଏହି ଟିମ୍‌ରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ, ଜଳ ସମ୍ପଦ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ୍ କ୍ରିଷ୍ଣା ବରଗଡ଼ ଓ ବଲାଙ୍ଗିର ଜିଲ୍ଲା ଗସ୍ତ କରିଥିଲେ । ଗସ୍ତ ପରେ ପରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତର ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ, ନୃସିଂହନାଥ ଓ ହରିଶଙ୍କର ମନ୍ଦିର ବିକାଶ ପାଇଁ ଖୁବ୍ ଶିଘ୍ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ । ଏଥିପାଇଁ ଏକ ବିଶେଷଜ୍ଞ ସ୍ଥପତି ଦଳ ପଠାଯିବ । ପ୍ରକଳ୍ପ ପ୍ରସ୍ତୁତି ସମୟରେ ସେବାୟତ, ସ୍ଥାନୀୟ ନେତୃବୃନ୍ଦ ଓ ଜନ ସାଧାରଣଙ୍କ ସହ ଆଲୋଚନା କରାଯବ । ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଥିଲେ ଯେ, ନୃସିଂହନାଥ ଓ ହରିଶଙ୍କର ମନ୍ଦିର ମଧ୍ୟରେ ଥବବା ଟ୍ରାକିଂ ରୁଟ୍‌ର ବିକାଶ କରାଯିବ । ପର୍ଯ୍ୟଟକ ମାନଙ୍କ ନିମନ୍ତେ ରୁଟ୍ ପାର୍ଶ୍ୱରେ ସୁବିଧା କେନ୍ଦ୍ର (ଆମେନିଟିଜ୍ ସେଂଟର) ମଧ୍ୟ ଖୋଲାଯିବ ।ଏହି ଅବସରରେ ପ୍ରମୁଖ ଉପଦେଷ୍ଟା ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଏହି ଦୁଇଟି ମନ୍ଦିରକୁ ମଧ୍ୟ ପରିବେଶ ପର୍ଯ୍ୟଟନ (ଇକୋ-ଟୁରିଜିମ୍) କେନ୍ଦ୍ର ଭାବେ ମଧ୍ୟ ବିକଶିତ କରାଯିବ । ପରେ ପରେ ଏହି ଉଚ୍ଚସ୍ତରୀୟ ଦଳ ସୁକ୍‌ତେଲ ପ୍ରକଳ୍ପ ପରିଦର୍ଶନ କରି ଏହାର ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରିଥିଲେ ।

# ନବରଙ୍ଗପୁରରେ ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଓ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ଯୋଜନାବୋର୍ଡ ଉପାଧ୍ୟକ୍ଷ

ଭୁବନେଶ୍ୱର,୪।୨ (ନି.ପ୍ର): ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ସଞ୍ଜୟ କୁମାର ଦାସ ବର୍ମା ତାଙ୍କର ଦ୍ୱିତୀୟ ଦିନ ନବରଙ୍ଗପୁର ଜିଲ୍ଲା ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ୫୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ମାର୍କେଟ କମ୍ପ୍ଲେକ୍ସ ଏବଂ ୧୦.୦୦ ଲକ୍ଷ ଟଙ୍କା ବ୍ୟୟରେ ମିଶନ ଶକ୍ତି ଗୃହର ଉପର ମହଲାରେ ନିର୍ମିତ ବହୁମୁଖୀ ହଲ୍ ର ଶୁଭ ଉଦ୍‌ଘାଟନ କରିଥିଲେ । ଏହା ପରେ ସେ ଜିଲ୍ଲା ସ୍ତରୀୟ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାର ପାନୀୟ ଜଳ ଯୋଗାଣ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜଙ୍ଗଲ ଜମିରେ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି, ଚଳିତ ବର୍ଷର ଧାନ କ୍ରୟ ଏବଂ ସ୍ୱାସ୍ଥ୍ୟ ସେବା ତଥା କୋଭିଡ୍-୧୯ ଟୀକାକରଣ ସମ୍ବନ୍ଧରେ ସମୀକ୍ଷା କରିଥିଲେ । ଆଲୋଚନା ସମୟରେ ଉପାଧ୍ୟକ୍ଷ ଶ୍ରୀ ଦାସ ଜିଲ୍ଲାରେ ଚାଲୁଥିବା ପାନୀୟ ଜଳ ଯୋଗାଣକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା, ଚନ୍ଦନଧାରା ଠାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପର ସମାପନ, ସର୍କିଟ ହାଉସ୍ ଠାରୁ ଭିଜିଲାନ୍ସ କାର୍ଯ୍ୟାଳୟ ରାସ୍ତା ନିର୍ମାଣ, ପରିବହନ କାର୍ଯ୍ୟାଳୟଠାରୁ ପୋଲିସ ରିଜର୍ଭ କାର୍ଯ୍ୟାଳୟ ରାସ୍ତା ଏବଂ ପାପଡାହାଣ୍ଡି ବାଇ ପାସ ରୋଡ ସମ୍ବନ୍ଧୀୟ କାର୍ଯ୍ୟ ଗୁଡିକ ତୁରନ୍ତ ସମାପନ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ତୁରିଗୁଣ୍ଡା ପ୍ରକଳ୍ପ ଓ ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏହା ସହିତ ସେ ୨୪ଘଂଟା ମଧ୍ୟରେ ସମସ୍ତ ପ୍ରକୃତ ଚାଷୀଙ୍କର ଧାନ ମଣ୍ଡିରୁ ମିଲ୍ ମାନଙ୍କୁ ପରିବହନ କରିବା ତଥା ଅତିରିକ୍ତ ଏକ ଲକ୍ଷ କ୍ୱିଂଟାଲ ଧାନ ପ୍ରକୃତ ଚାଷୀଙ୍କଠାରୁ କ୍ରୟ କରିବା ନିମନ୍ତେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ସେ ନିୟନ୍ତ୍ରିତ ବଜାର କମିଟି ଠାରେ ଖୋଲାଯାଇଥିବା ଧାନ ମଣ୍ଡି ଏବଂ ତାରାଗାଁ ଧାନ ମଣ୍ଡି ପରିଦର୍ଶନ କରିଥିଲେ । ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ସହିତ ବିଧାୟକ, ନବରଙ୍ଗପୁର, ଡାବୁଗାଁ ଓ ଝରିଗାଁ ଏବଂ ଜିଲ୍ଲାପରିଷଦର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ଓ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ପଦାଧିକାରୀ ଯୋଗ ଦେଇଥିଲେ ।

# ଠାକୁର ପରମହଂସଙ୍କ ୧୧୮ତମ ଜୟନ୍ତୀ ଉତ୍ସବ ଆସନ୍ତା ୧୦ରେ

କଣାସ,୪।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ କରମଳା ଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାମ ଆଶ୍ରମରେ ଚଳିତ ବର୍ଷ କୋଭିଡ୍ ନୟମ ମାନି ଆସନ୍ତା ୧୦ ତାରିଖ ଓ ୧୧ ତାରିଖ ଦୁଇଦିନ ଧରି ୧୧୮ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଜୟନ୍ତୀ ଉତ୍ସବର ପ୍ରସ୍ତୁତି ବୈଠକ ବାବାଜି ପ୍ରେମାନନ୍ଦ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଗତକାଲି ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ଆଖପାଖ ଗ୍ରାମର ଶାନ୍ତିକମିଟିର ସଭ୍ୟମାନେ ଯୋଗଦେଇ ଥିବା ବେଳେ ଆଶ୍ରମର ସାଧୁ ସନ୍ୟାସୀ ଉପସ୍ଥିତ ରହିଥିଲେ । କୋଭିଡ୍ ନିୟମ ମାନି ଠାକୁରଙ୍କ ବାର୍ଷିକ ଉତ୍ସବ ୫ ଦିନ ପରିବର୍ତେ ଦୁଇ ଦିନରେ କରିବା ପାଇଁ ବୈଠକରେ ନିଷ୍ପତି କରାଯାଇଥିଲା । ସମସ୍ତ ସାଧୁ ସନ୍ୟାସୀ ଆସିବାକୁ ଥିବା ଭକ୍ତମାନେ କୋଭିଡ୍ ନିୟମ ମାନି ମାସ୍କ ପିନ୍ଧି, ସାମାଜିକ ଦୂରତା ରଖି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା ।

# କୋଲାବ ଶାଖା କେନାଲ ଭୁଷୁଡିଲା: ଲୋକଙ୍କ ଘରେ ପଶିଲା ପାଣି

ଜୟପୁର,୪।୨ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଗଙ୍ଗା ପଚାଂୟତର ପୋକନାଗୁଡା ଗ୍ରାମର ବହୁ ଘରେ ପାଣି ପଶିଯାଇଥିବା ଜଣାଯାଇଛି । କୋଲାବର ଖାଶା କେନାଲ ଭୁଷୁଡି ପଡିଛି । ଫଳରେ ଲୋକଙ୍କ ଘରେ ପାଣି ପଶିଯାଇଥିବା ଖବର ମିଳିଛି । କେନାଲ ଜଳ ସମ୍ପଦ ବିଭାଗର ଅବହେଳା ଯୋଗୁଁ ଏପରି ପରିସ୍ଥିତି ଉପୁଜିଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେଲାଲ ଭୁଷୁଡିବା ଫଳରେ ଘରେ ପାଣି ପଶିବା ସହ ଜମିରେ ପାଣି ମାଡି ଯାଇଛି । ରବି ଚାଷ ଆରମ୍ଭ ହୋଇଥିବା ବେଳେ ପାଣି ସବୁ ଜମିରେ ପସି ବାଲିଚର ହୋଇ ଫସଲ ନଷ୍ଟ ମଧ୍ୟ ହୋଇଛି । ବିଭାଗିୟ ଅଧିକାରିଙ୍କୁ ଜଣାଇଲେ ମଧ୍ୟ ଘଟଣାସ୍ଥଳରେ ପହଂଚି ନାହାଁନ୍ତି । ଗତ ଜାନୁଆରୀରେ କୋଲାବ କେନାଲର ଧନପୁର ଶାଖା କେନାଲ ଭୁଷୁଡି ପଡିଥିଲା । ଫଳରେ ବହୁ ଚାଷ ଜମି ନଷ୍ଟ ହୋଇଥିଲା । ଏହି ଘଟଣା ଯୋଗୁଁ ଜମି ମାଲିକ ମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ । ବିଭାଗିୟ ଅଧିକାରି ମାନେ କୋନାଲ ମରାମତି କରୁ ନଥିବାରୁ ଚାଷି ମାନେ ପ୍ରତ୍ୟେକ ବର୍ଷ ଏପରି ଘଟଣାର ସମ୍ମୁଖିନ ହେଉଛନ୍ତି । ବ୍ୟାପକ ଫସଲ ହାନି ଘଟୁଛି । ଏହାର ସ୍ଥାୟୀ ପ୍ରତିକାର କରିବାକୁ ବିଭିନ୍ନ ମହଲରେ ଦାବୀ ହୋଇଛି । ତୁରନ୍ତ ଭୁଷୁଡ଼ି ପଡିଥିବା କେନାଲ ମରାମତି କରିବାକୁ ଡମ୍ବୁ ଦିଶାରି, ସୁକଦର ଗାଧବା, ଡମ୍ବରୁଧର ଗାଦବା, ସୂର୍ଯ୍ୟ ଗାଦବା, ତୁଳାରାମ ଦିସାରି, ବଳରାମ ଦିସାରି ଦାବି କରିଛନ୍ତି ।

# ପଲସ୍ ପୋଲିଓ ବୁନ୍ଦା ଚିକିତ୍ସା ସଫଳତା, କେନ୍ଦ୍ରାପଡାରେ ୯୮%

କେନ୍ଦ୍ରାପଡ଼ା,୪।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ପଲସ୍ ପୋଲିଓ ବୁନ୍ଦା ଚିକିତ୍ସା ଲକ୍ଷ୍ୟ ପୁରଣର ପାଖାପାଖି ହୋଇଥିବା ଜଣା ପଡିଛି । ବ୍ୟାପକ ସଚେତନତା ଓ ଜନ ସାଧାରଣଙ୍କ ଆଗ୍ରହ ଯୋଗୁଁ ଏହା ସଂପୂର୍ଣ୍ଣ ସଫଳ ହୋଇଥିବା ଜଣା ପଡିଛି । ଜିଲ୍ଲାରେ ମୋଟ୍ ୧ ଲକ୍ଷ ୧୯ ହଜାର ୫୫୫ ଜଣଙ୍କୁ ବୁନ୍ଦା ଚିକିତ୍ସା କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଥିବାବେଳେ ଏହା ୧ଲକ୍ଷ୍ୟ ୧୬ ହଜାର ୭୧୧ ଜଣ ଶିଶୁଙ୍କୁ ପଲସ୍ ପୋଲିଓ ବୁନ୍ଦା ଚିକିତ୍ସା କରାଯାଇ ଥିବା ଜଣା ପଡିଛି । ଏହା ୯୮% ସଫଳତା ହାସଲ କରିଥିବା ସୂଚନା ମିଳିଛି । ସେଥିମଧ୍ୟରୁ ଆଳି ବ୍ଲକରେ ୯୮.୬୯%, ଇନ୍ଦୁପୁର ରେ ୯୬%, ମାର୍ଶାଘାଇ ରେ ୯୭.୪୭%, ମହାକାଳପଡାରେ ୯୯.୫୩%, ପାଟକୁରା ରେ ୯୦.୩୧%, ପଟ୍ଟାମୁଣ୍ଡାଇରେ ୯୨.୮୯%, ରାଜନଗର ରେ ୯୪%, ରାଜକନିକା ରେ ୧୦୬.୪୧%, ଡେରାବିଶରେ ୧୦୧%, କେନ୍ଦ୍ରାପଡା ମୁନିସିପାଲିଟି ୧୦୫.୨୭%, ପଟ୍ଟାମୁଣ୍ଡାଇ ମୁନିସିପାଲିଟି ୧୦୪.୩୧% ଏହି ହାରରେ ସମଗ୍ର ଜିଲ୍ଲାରେ ୯୭.୮୦ % ସଫଳତା ହାସଲ ହୋଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି ।

# ରୋମାଞ୍ଚକର ସ୍କାଏ ଡାଇଭିଂ

ପକ୍ଷୀ ଡେଣା ଝାଡ଼ି ଆକାଶରେ ଉଡ଼ିବାକୁ କିଏ ବା ପସନ୍ଦ ନ କରିବ ! ତେବେ ଉଡ଼ାଜାହାଜରେ ଏମିତି ମଜା ମିଳିପାରେନି । ଏଭଳି ରୋମାଞ୍ଚକର ଅନୁଭୂତି ପାଇବା ଲାଗି ସ୍କାଏ ଡାଇଭିଂ ସବୁଠାରୁ ଭଲ ମାଧ୍ୟମ । ପ୍ରାୟ ୧୦ ହଜାର ଫୁଟ୍ ଉଚ୍ଚରୁ ତଳେ ଥିବା ପୃଥିବୀର ସୌନ୍ଦର୍ଯ୍ୟ ଉପଭୋଗ କରିବା ଏବଂ ପବନରେ ଭାସିବାର ଅନୁଭୂତି ଅବର୍ଣ୍ଣନୀୟ । ଦେଶରେ ସ୍କାଏ ଡାଇଭିଂ ସୁବିଧା ଥିବା ପାଞ୍ଚଟି ସ୍ଥାନ ସମ୍ପର୍କରେ...



**ମହୀଶୁର :-** ଏଠାରେ ଥିବା ଚାମୁଣ୍ଡି ପାହାଡ଼ ସ୍କାଏ ଡାଇଭିଂ ପାଇଁ ପ୍ରଖ୍ୟାତ । ତେବେ ଡାଇଭିଂକୁ ଯିବା ପୂର୍ବରୁ ପ୍ରଥମେ ପ୍ରଶିକ୍ଷଣ ଦିଆଯାଏ । ଏକାକୀ ଚାରିହଜାର ଫୁଟ ଉଚ୍ଚରୁ ପାରାଚୁଟରୁ ଡେଇଁବା ଲାଗି ପୂରା ଗୋଟିଏ ଦିନ କଡ଼ା ପ୍ରଶିକ୍ଷଣ ଭିତରେ ରହିବାକୁ ହୁଏ । ସକାଳ ୭ଟାରୁ ୯ଟା ଭିତରେ ଡାଇଭିଂ କରିପାରିବେ । ଟାଣ୍ଡେମ୍ ଜମ୍ପ୍ ପାଇଁ ଏହି ସ୍ଥାନଟି ଖୁବ୍ ଭଲ । ତିନିଘଣ୍ଟା ପାଇଁ ୩୫ହଜାର ଟଙ୍କା ଫିସ୍ ଧାର୍ଯ୍ୟ କରାଯାଇଛି । ମହୀଶୂରର ସ୍କାଏରାଇଡର୍ସ ୱେବ୍ସାଇଟରେ ଏଥିପାଇଁ ବୁକ୍ କରିବାକୁ ହେବ ।

**ଦୀସା :-** ନୀଳ ଆକାଶ ତଳେ ନୀଳ ଜଳରାଶିରେ ପରିପୂର୍ଣ୍ଣ ହ୍ରଦ ଏଭଳି ପ୍ରାକୃତିକ ଦୃଶ୍ୟ ଏଠାରେ ସ୍କାଏ ଡ୍ରାଇଭିଂର ମଜା ଦ୍ୱିଗୁଣିତ କରିଦିଏ । ଦୀସାଠାରେ ସମସ୍ତ ପ୍ରକାର ଜମ୍ପ୍ ଉପଭୋଗ କରିପାରିବେ । ଗୁଜୁରାଟ ଗ୍ରୀଡ଼ା ପ୍ରଧିକରଣ ଏବଂ ଇଣ୍ଡିଆନ୍ ପାରାଚୁଟିଂ ଫେଡେରେସନ୍ ଏଠାରେ ବିଭିନ୍ନ ସମୟରେ ସ୍କାଏ ଡାଇଭିଂ କ୍ୟାମ୍ପ ଆୟୋଜନ କରିଥାଏ । ଷ୍ଟାଟିକ୍ ଲାଇନ୍ ଜମ୍ପ ପାଇଁ ୧୬, ୫୦୦ଟଙ୍କା, ଟାଣ୍ଡେମ୍ ଜମ୍ପ୍ ଲାଗି ୩୩,୫୦୦ଟଙ୍କା ଏବଂ ଆକ୍ସିଲେରେଟେଡ୍ ଫ୍ରି ଫଲ୍ ଲାଗି ୩୭,୫୦୦ ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି । ସକାଳ ୭ଟାରୁ ଏଠାରେ ସ୍କାଏ ଡାଇଭିଂ ଆରମ୍ଭ ହୁଏ । ଏଥିପାଇଁ ଆଗ୍ରହୀ ଥିଲେ ପ୍ରଥମେ ଇଣ୍ଡିଆନ୍ ପାରାଚୁଟିଂ ଫେଡେରେସନ୍‌ର ୱେବସାଇଟରେ ପଞ୍ଜୀକରଣ କରାଇବାକୁ ହେବ ।



**ପୁଡୁଚେରୀ :-** ପ୍ରକୃତିର ଅଦ୍ଭୁତ ସୌନ୍ଦର୍ଯ୍ୟ ଭିତରେ ସ୍କାଏ ଡାଇଭିଂ କରବାର ସୁଯୋଗ ଏଠାରେ ରହିଛି । ଏଥିପାଇଁ ସକାଳ ୭ଟାରୁ ୯ଟା ପ୍ରକୃଷ୍ଟ ସମୟ । ଆୟୋଜିତ କ୍ୟାମ୍ପରେ ଷ୍ଟାଟିକ୍ ଲାଇନ୍ ସହିତ ଟାଣ୍ଡେମ୍ ଜମ୍ପ୍ କରିପାରିବେ । ଥରଟିଏ ଷ୍ଟାଟିକ୍ ଜମ୍ପ୍ ପାଇଁ ୧୮ ହଜାର ଟଙ୍କା ଏବଂ ପାଞ୍ଚଥର ଲାଗି ୬୨ ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଟାଣ୍ଡେମ୍ ଜମ୍ପ୍ ଲାଗି ୨୭ହଜାର ଟଙ୍କା ଦେବାକୁ ହୋଇଥାଏ । ଏଠାରେ ପ୍ରତିଯୋଗୀମାନଙ୍କୁ କେବଳ ଆରାମଦାୟକ ଢ଼ିଲା ପୋଷାକ ଏବଂ ସ୍ପୋର୍ଟସ ଜୋତା ଆଣିବାକୁ କହିଥାନ୍ତି । ପୁଡୁଚେରୀରେ ସ୍କାଏ ଡାଇଭିଂ କରିବାକୁ କରୁଥିଲେ ୱିଲଟେୟାର ଏସ୍‌କେପେଡ୍ ଥ୍ରିଲସ ୱେବସାଇଟ ଏବଂ ସ୍କାଏରାଇଡର୍ସ, ମହୀଶୂରର ୱେବ୍ସାଇଟରେ ପଞ୍ଜୀକରଣ କରିବାକୁ ହୁଏ ।

**ଆମ୍ବିଭ୍ୟାଲି :-** ମୁମ୍ବାଇ ଏବଂ ପୁନେ ବାସିନ୍ଦାଙ୍କ ପାଇଁ ଏହା ସ୍କାଏ ଡାଇଭିଂର ସବୁଠାରୁ ଚମ୍ତକାର ସ୍ଥାନ । ଦେଶର ବିଭିନ୍ନ ଭାଗରୁ ମଧ୍ୟ ରୋମାଞ୍ଚପ୍ରିୟ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ସକାଳ ଆଠଟାରୁ ଦଶଟା ମଧ୍ୟରେ ଡ୍ରାଇଭିଂ କରାଯାଏ । ଏଠାରେ କେବଳ ଟାଣ୍ଡେମ୍ ଜମ୍ପ୍ ଲାଗି ସୁବିଧା ରହିଛି । ସୋମବାରରୁ ଗୁରୁବାର ୨୦ହଜାର ଟଙ୍କା ଏବଂ ଶୁକ୍ରବାରରୁ ରବିବାର ୨୫ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ଏଠାରେ ସ୍କାଏ ଡ୍ରାଇଭିଂ କରିବା ପାଇଁ ୩୬୦ ଗ୍ଲୋବାଲରେ ପଞ୍ଜୀକରଣ କରାଇବା ଜରୁରୀ । ଆରାମଦାୟକ ଢ଼ିଲା ପୋଷାକ ଓ ସ୍ପୋର୍ଟସ ଜୋତା ନିଜ ସହିତ ଆଣିବାକୁ ପଡ଼େ ।



**ଧାନା :-** ରାଜଧାନୀ ଭୋପାଳଠାରୁ ୧୮୬ କିଲୋମିଟର ଦୂର ଧାନାଠାରେ ରୋମାଞ୍ଚକର କ୍ରୀଡ଼ାପ୍ରିୟ ବ୍ୟକ୍ତିଙ୍କ ଲାଗି ଏକାଧିକ ସ୍କାଏ ଡାଇଭିଂ କ୍ୟାମ୍ପ ବର୍ଷର ବିଭିନ୍ନ ସମୟରେ ଆୟୋଜିତ ହେଉଥାଏ । ୪୦୦୦ଫୁଟ ଜମ୍ପରେ ଅଧିକ ଫ୍ରି ଫଲ ଟାଇମ୍ ମିଳୁନଥିଲେ ମଧ୍ୟ ବିନା ସହାୟତାରେ ଉଡଶଣ କରିବା ଭଳି ଖୁସି ପାଇବାରିବେ । ଭାଗ ନେଉଥିବା ବ୍ୟକ୍ତି ଷ୍ଟାଟିକ୍ ଲାଇନ୍ କିମ୍ବା ଟାଣ୍ଡମ୍ ଜମ୍ପ୍ ମଧ୍ୟରୁ ଗୋଟିକୁ ବାଛିପାରନ୍ତି । ପ୍ରଥମ ଜମ୍ପରେ ସେମାନେ ୪୦୦୦ଫୁଟ ଉଚ୍ଚରୁ ଏକାକୀ ଡେଇଁବା ପରେ ବିମାନରେ ଲାଗିଥିବା ଷ୍ଟାଟିକ୍ ଲାଇନ୍ ସହାୟତାରେ ପାରାଚୁଟ୍ ଆପେ ଖୋଲିଯାଏ ।



**ସ୍କାଏ ଡାଇଭିଂର ପ୍ରକାର**

**ଟାଣ୍ଡେମ୍ ଜମ୍ପ୍ :-** ଏହା ସବୁଠାରୁ ସରଳ ପ୍ରକାର । ଏଥିରେ ଜଣେ ପ୍ରଶିକ୍ଷକଙ୍କ ସହ ଗୋଟିଏ ପାରାଚୁଟରେ ଜମ୍ପ୍ କରିବାକୁ ହୁଏ । ସେ ହିଁ ପାରାଚୁଟ୍ର ରସି ଟାଣି ଖୋଲିଥାନ୍ତି । ଏହି ଜମ୍ପ୍ ଲାଗି ଭାଗ ନେଉଥିବା ବ୍ୟକ୍ତିଙ୍କୁ କେବଳ କେତେକ ସାଧାରଣ ସୁଚନା ଜଣାଇ ଦିଆଯାଏ ।

**ଷ୍ଟାଟିକ୍ ଲାଇନ୍ ଜମ୍ପ୍ :-** ଏହି ପ୍ରକାରାରେ ଡେଉଁଥିବା ବ୍ୟକ୍ତିଙ୍କୁ ଉଡ଼ାଜାହାଜ ସହିତ ଏକ କର୍ଡରେ ସଂଯୁକ୍ତ କରିଦିଆଯାଏ । ଫ୍ରି ଫଲର ୩ସେକେଣ୍ଡ ମଧ୍ୟରେ ପାରାଚୁଟ୍ ଆପେ ଖୋଲିଯାଏ । ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ କିଛି କରିବାକୁ ହୁଏ ନାହିଁ । ଏହି ଜମ୍ପ୍ ମାତ୍ର ୩ହଜାର ଫୁଟ୍ ଉଚ୍ଚତା ମଧ୍ୟରେ ହେଉଥାଏ । ଏବଂ ଏଥିପାଇଁ ୬ଘଣ୍ଟାର ପ୍ରଶିକ୍ଷଣ ନେବା ଜରୁରୀ । ଆକ୍ସିଲେରେଟଡ୍ ଫ୍ରି ଫଲ :- ଏଭଳି ରୋମାଞ୍ଚ ପାଇଁ ହୃଦୟ ସେତିକି ସଶକ୍ତ ହୋଇଥିବା ଜରୁରୀ । ଏଥିରେ ହିଁ ସ୍କାଏ ଡାଇଭିଂର ପ୍ରକୃତ ଅନୁଭୂତି ମିଳିଥାଏ । ଏହା ପ୍ରାୟ ୧୩ହଜାର ଫୁଟ ଉଚ୍ଚତାରୁ ଏହା ପ୍ରାକରାଯାଏ । ସାଙ୍ଗରେ ପ୍ରଶିକ୍ଷକ ଯିବା କିମ୍ବା କର୍ଡ ପରି କୌଣସି ବ୍ୟବସ୍ଥା ନଥାଇ ଏପରି ସ୍କାଏ ଡ୍ରାଇଭିଂ କରିବା ଲାଗି କ୍ଲାସରୁମ୍ ସହିତ ପ୍ରାକ୍ଟିକାଲ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ରହିଛି । ବିନା ପ୍ରଶିକ୍ଷଣରେରେ ଏହି ଡାଇଭିଂ କରିପାରିବେ ନାହିଁ ।

# ଚିଙ୍ଗୁଡ଼ି ଝୋଲ



**ସାମଗ୍ରୀ:**

ବଡ଼ ଚିଙ୍ଗୁଡ଼ି-୬ଟି, ଟମାଟୋ-୨ଟି, ସୋରିଷ ତେଲ-୨ଚାମଚ, ଶୁଖିଲା ଲଙ୍କା-୬ଟି, ରସୁଣ-୮ କୋଳା, ସ୍ୱାଦ ଅନୁସାରେ ଲୁଣ ଓ ହଳଦୀ ।

**ପ୍ରଣାଳୀ:**

ଚିଙ୍ଗୁଡ଼ିକୁ ଭଲଭାବେ ସଫା କରି ହଳଦୀ ଗୋଳାଇ କିଛି ସମୟ ପାଇଁ ରଖିଦେବେ । ଏହାପରେ ସୋରିଷ, ଶୁଖିଲା ଲଙ୍କା ଓ ରସୁଣକୁ ମିଶାଇ ଏକ ଚିକ୍କଣ ମସଲା ପ୍ରସ୍ତୁତ କରିବେ । ହଳଦୀ ଗୋଳା ଚୁଙ୍ଗୁଡ଼ିରେ ସୋରିଷ ମସଲା, ଲୁଣ ଓ କଟା ଟମାଟୋ, ସୋରିଷ ତେଲ ଓ ଏକ କପ ପାଣି ମିଶାଇ ଢ଼ାଙ୍କୁଣୀ ଦେଇ ଚିଙ୍ଗୁଡ଼ିକୁ ହାଲକା ଆଞ୍ଚରେ ବସାଇଦେବେ । ମଝିରେ ମଝିରେ ଢ଼ାଙ୍କୁଣୀ କାଢ଼ି ଚିଙ୍ଗୁଡ଼ିଗୁଡ଼ିକ ସିଝିଲା କି ନାହି ଦେଖିବେ । ଚିଙ୍ଗୁଡ଼ି ଗୁଡ଼ିକ ସିଝିଯାଇ ମସଲା ସବୁ ଚିଙ୍ଗୁଡ଼ିର ଦେହକୁ ଦେହ ଲାଗିଲାପରେ ଚିଙ୍ଗୁଡ଼ି ସବୁକୁ ଗୋଟିଏ ପାତ୍ରକୁ କାଢ଼ି ପରଶିଦେବେ ଓ ଗରମ ଗରମ ଚିଙ୍ଗୁଡ଼ି ଝୋଲର ମଜାନେବେ ।

# ଗ୍ଲୁକୋମା ଚିକିତ୍ସା କରିବ ସ୍ମାର୍ଟ ଡିଭାଇସ୍



'ଗ୍ଲୁକୋମା' ଆଖି ପାଇଁ ସବୁଠୁ ଭୟାନକ ରୋଗ ମଧ୍ୟରୁ ଗୋଟିଏ ବୋଲି କୁହାଯାଏ । ବିଶ୍ୱସ୍ତରରେ ଦୃଷ୍ଟିହୀନତାର ପ୍ରମୁଖ କାରଣ ମଧ୍ୟରୁ ଏହା ଅନ୍ୟତମ । ଚକ୍ଷୁରେ ଚାପ ବୃଦ୍ଧି, ମୋଟାପଣ, ଉଚ୍ଚରକ୍ତଚାପ ଏବଂ ଅଧକପାଳୀ ଆଦି ଏହାର ମୁଖ୍ୟ କାରକ । ଏବେ ବୈଜ୍ଞାନିକମାନେ ଏକ ସ୍ମାର୍ଟ ଡିଭାଇସ୍ ତିଆରି କରିଛନ୍ତି, ଯାହା ଗ୍ଲୁକୋମା ରୋଗୀଙ୍କ ଦୃଷ୍ଟିଶକ୍ତି ଠିକ୍ ରଖିବାରେ ସାହାଯ୍ୟ କରିବ । ଆମେରିକା ସ୍ଥିତ ପରଡ୍ୟୁ ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ୟୋବୋନ୍ ଲି' ଙ୍କ ମତରେ, ଏହି ଡିଭାଇସ ଗ୍ଲୁକୋମା ରୋଗୀଙ୍କ ପାଇଁ ବରଦାନ ସଦୃଶ କାମ କରିବ । ସ୍ମାର୍ଟ ଡିଭାଇସଟି ଆଖି ଭିତରେ କମ୍ପନ ଉତ୍ପନ୍ନ କରିଥାଏ, ଯଦ୍ଦ୍ୱାରା ଭିତରୁବାହାରୁଥିବା ପାଣିରୁ କମ କରାଯାଇପାରିବ । ଏହି କୌଶଳ ଅଧିକ ସୁରକ୍ଷିତ ଏବଂ ଉପଯୋଗୀ । ଏହି କୌଶଳ ଜରିଆରେ ଚିକିତ୍ସା କରିବା ଦ୍ୱାରା ରୋଗୀର ଆଖି ଭିତରକୁ ଏକ ନଳୀ ପ୍ରବେଶ କରାଯିବ । ଏହାଦ୍ୱାରା ଭିତରେ ଜମିଥିବା ଲିକ୍ୱିଡ୍‌କୁ ଟାଣି ବାହାରକୁ ଅଣାଯିବାରେ ସହଜ ହେବ । କିନ୍ତୁ ଏ ସମୟରେ ଗ୍ଲୁକୋମା ରୋଗୀ ଗମ୍ଭୀର ସ୍ତର ପର୍ଯ୍ୟନ୍ତ ଯେମିତି ନ ପହଞ୍ଚିଥାନ୍ତି । ପ୍ରାରମ୍ଭିକ ସ୍ତରରେ ଏହାର ଲକ୍ଷଣ ଦେଖାଦେଇନଥାଏ । କିନ୍ତୁ ଯେତେବେଳେ ଏହାର ଲକ୍ଷଣ ବୁଝାପଡ଼େ, ସେତେବେଳେ ଆଖିର ବହୁତ କ୍ଷତି ହୋଇସାରିଥା, । ଏହାର ଅନ୍ତିମ ଅବସ୍ଥାରେ ଏକମାତ୍ର ଚିକିତ୍ସା ଅସ୍ତ୍ରୋପଚାର । ଅସ୍ତ୍ରୋପଚାର ଜରିଆରେ ସିନା ଗ୍ଲୁକୋମା ଚିକିତ୍ସା କରାଯାଇଥାଏ ସତ; କିନ୍ତୁ ଏହା ଗମ୍ଭୀର ସ୍ଥିତିରେ କରାଯାଏ । ବର୍ତ୍ତମାନ ସମୟରେ ଏହି ସ୍ମାର୍ଟ ଡିଭାଇସ୍ ଗ୍ଲୁକୋମା ରୋଗୀଙ୍କ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇପାରେ । ତେବେ ଏହା ଚିକିତ୍ସା କ୍ଷେତ୍ରରେ କେବେ ଉପଯୋଗ ହେବ ତା'ର କୌଣସି ସୂଚନା ମିଳିବନାହିଁ ।




# ସୌନ୍ଦର୍ଯ୍ୟ ଉପଚାରରେ କଖାରୁ ରସ



■ ଦୁଇ ଚାମଚ ନଡ଼ିଆ ତେଲରେ ଏକ ଚାମଚ ଲେଖାଏଁ କଖାରୁ ରସ, ମହୁ ଓ ଗୁଡ଼ ଫେଣ୍ଟି, ରାତିରେ ଶୋଇବା ପୂର୍ବରୁ ମୁହଁ, ଓଠ, ବେକ ହାତରେ ଲଗାଇ ଦଶ ମିନିଟ ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ । ଏହା ଦ୍ୱାରା ତ୍ୱଚା ନରମ ରହେ । କଳା ଓଠ ସଫା ପଡ଼େ । ଶୁଷ୍କ ତ୍ୱଚା ପାଇଁ ଏହା ଅଧିକ ଭଲ ।

■ ସମାନ ପରିମାଣରେ କଖାରୁ ରସ, ଡାଲଚିନି ଗୁଣ୍ଡ ଓ ନଡ଼ିଆ ତେଲ ମିଶାଇ, ପ୍ରତିଦିନ ଗାଧୋଇବା ପୂର୍ବରୁ ଦେହରେ ମାଲିସ କରନ୍ତୁ । ଏହାଦ୍ୱାରା ଶରୀର ଆର୍ଦ୍ର ରହେ କିନ୍ତୁ ସମସ୍ୟାଦୂର ହୁଏ । ନିୟମିତ ଲଗାଇଲେ, ତ୍ୱଚା ସଫା ପଡ଼େ । ଫ୍ରିଜରେ ରଖି ବ୍ୟବହାର କରିପାରିବେ ।

# ଜାପାନର ଏକ ଅଦ୍ଭୁତ ଗ୍ରାମ

ବିଗତ କିଛି ବର୍ଷରେ ଜାପାନର ଜନସଂଖ୍ୟା ହ୍ରାସ ପାଉଥିବାର ଦେଖାଯାଉଛି । ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠାରୁ ଜନସଂଖ୍ୟା କମ ହେବାର ଦେଖାଯାଉଛି । ଜାପାନର ଗୋଟେ ଗାଁ ଅଛି ଯେଉଁଠାରେ କେବଳ ୨୭ ଜଣ ଲୋକ ରୁହନ୍ତି । ପଶ୍ଚିମ ଜାପାନରେ ଶିକୋକୁ ଟାପୁରେ ସ୍ଥିତ ନାଗୋରୋ ଗ୍ରାମରେ ଜଣେ ହେଲେ ମଧ୍ୟ ଛୋଟ ପିଲା ନାହାଁନ୍ତି । ଏଠାରେ ଏକୁଟିଆ ନ ଲାଗିବା ପାଇଁ ଲୋକମାନେ ଘର ବାହାରେ କଣ୍ଢେଇ ରଖିଥାନ୍ତି । ଏହି ଗ୍ରାମର ୬୯ ବର୍ଷିୟ ସୁକିମି ଆୟନୋ ନାସର ମହିଳା ମଣିଷ ପରି କଣ୍ଢେଇ ତିଆରି ଆରମ୍ଭ କରିଥିଲେ । ତାଙ୍କର କହିବାନୁସାରେ ଗ୍ରାମରେ କେବଳ ୨୭ଜଣ ଲୋକ ରୁହନ୍ତି କିନ୍ତୁ ଏଠାରେ କଣ୍ଢେଇ ସଂଖ୍ୟା ୨୭୦ ଅଟେ । ଏହି କଣ୍ଢେଇ ତିଆରି କରିବାର ପ୍ରଥା ୧୬ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା । ସୁକିମ ପ୍ରଥମ କଣ୍ଢେଇ ତିଆରି କଲେ ଓ ସେ ତାଙ୍କ ପିତାଙ୍କର ଲୁଗା କଣ୍ଢେଇକୁ ପିନ୍ଧାଇଦେଲେ । ସେ ଏହି ମୂର୍ତ୍ତିକୁ ମଧ୍ୟ ବଗିଚାରେ ରଖିଛନ୍ତି ଯାହାଦ୍ୱାରା ପକ୍ଷୀମାନେ ଫସଲ ନଷ୍ଟ କରିବାକୁ ଆସୁନାହାଁନ୍ତି । ଏହି ଗ୍ରାମରେ କୌଣସି ଛୋଟ ପିଲା ନାହାଁନ୍ତି । ସବୁଠାରୁ କମ୍ ବୟସର ଲୋକର ବୟସ ୫୫ । ଏହି ଗ୍ରାମର ଲୋକମାନେ ସହରକୁ ପଳାୟନ କରିଥିବାରୁ ଏହି କଣ୍ଢେଇ ସବୁ ଏକାକି ଥିବାର ଜଣାଯାଏ । ଏହି କଣ୍ଢେଇମାନଙ୍କ ନାଗୋରୋ ଗ୍ରାମକୁ ପର୍ଯ୍ୟଟକମାନଙ୍କ ଆଗମନ ମଧ୍ୟ ଆରମ୍ଭ ହୋଇଗଲାଣି ।



# ଖାଇବା ପରେ ଭୁଲ୍‌ରେ ବି କରନ୍ତୁନି ଏହି ସବୁ କାମ

ଅଧିକ କାମ ଯୋଗୁଁ ଲୋକେ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଏଥିଯୋଗୁଁ ଆମ ଶରୀରର ଅନେକ ସିଷ୍ଟମ ପ୍ରଭାବିତ ହେବାକୁ ଲାଗେ । ଶରୀରକୁ ସୁସ୍ଥ ରଖିବା ପାଇଁ ସର୍ବଦା ପୋଷକ ତତ୍ତ୍ୱରେ ଭରପୁର ଖାଦ୍ୟ ଖାଇବା ଉଚିତ । ଏହା ବ୍ୟତୀତ ଅନେକ ଜିନିଷ ଉପରେ ମଧ୍ୟ ଧ୍ୟାନ ଦେବା ଜରୁରୀ । ଯେପରିକି ଭୋଜନ କରିବା ପରେ କ'ଣ ସବୁ ନକରିବା ଉଚିତ ସେ ନେଇ ମଧ୍ୟ ବିଶେଷ ଧ୍ୟାନ ଦେବା ନିହାତି ଆବଶ୍ୟକ । ନଚେତ ଆମ ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ବିଗିଡିବାକୁ ଲାଗେ ।



◆ ପୋଷକ ତତ୍ତ୍ୱର ସବୁଠୁ ଭଲ ସ୍ରୋତ ହେଉଛି ଫଳ । କିନ୍ତୁ ଖାଦ୍ୟ ଖାଇବା ପରେ ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ । ହଜମ ଶକ୍ତି କମିଯାଏ । ଫଳରେ ପେଟ ଜନିତ ସମସ୍ୟା ସୃଷ୍ଟି ହୁଏ । ତେଣୁ ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ଫଳ ଖାଆନ୍ତୁ ନାହିଁ । ଖାଲି ପେଟ କିମ୍ବା ଭୋଜନ କରିବାର କିଛି ସମୟ ପରେ ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ ।

◆ ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ବ୍ୟାୟାମ କରନ୍ତୁ ନାହିଁ । ଏଭଳି କଲେ ଅସୁବିଧା ହୋଇପାରେ । ପେଟ ଯନ୍ତ୍ରଣା ଏବଂ ମୁଣ୍ଡ ବୁଲାଇବା ଭଳି ସମସ୍ୟା ସୃଷ୍ଟି ହୋଇପାରେ ।

◆ ଭୋଜନ କରିବା ପାରେ ଧୂମପାନ କରିବା ସ୍ୱାସ୍ଥ୍ୟ ପାଇଁ ହାନୀକାରକ । ତମାଖୁରେ ଥିବା ନିକୋଟିନ ଅକ୍ସିଜେନ ସହ ମିଶି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ଫଳରେ ଶରୀରରେ ଅନେକ ଗୁଡିଏ ସମସ୍ୟା ଦେଖାଦିଏ । ରକ୍ତ ସଂଚାଳନରେ ବାଧା ଦେବା ସହ ଶରୀରରେ ଅକ୍ସିଜେନର ଅଭାବ ସୃଷ୍ଟି କରିବା ସହ ଅନ୍ତନଳୀ କ୍ୟାନସର ହେବା ଭଳି ବିପଦ ରହିଥାଏ ।

◆ ଅଧିକାଂଶ ଲୋକ ଖାଦ୍ୟ ଖାଇବା ପରେ ଶୋଇବା ପାଇଁ ପସନ୍ଦ କରନ୍ତି । କିନ୍ତୁ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ହାନୀକାରକ । ପ୍ରକୃତରେ ଖାଇବା ପରେ ହଜମ ହେବା ପାଇଁ ଅଧିକ ସମୟ ଲାଗେ । ଏଭଳି ସ୍ଥିତିରେ ନିଦ ଆମ ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସାମାଜିକ ଉପଚାର ଓ କରୋନା..

ବିଶ୍ୱବ୍ୟାପୀ କରୋନା ସଂକ୍ରମଣ ପ୍ରାୟତଃ ଅପସରିଯିବାକୁ ବସିଛି। ପ୍ରତିଷେଧକ ଟିକାର ପ୍ରୟୋଗ ସହିତ ବିଭିନ୍ନ ସାମାଜିକ ଉପଚାର ଅନୁପାନଳର ଉତ୍ତର ପରିଣତି ସ୍ୱରୂପ କରୋନା ବିରୋଧୀ ସଂଗ୍ରାମରେ ଉଲ୍ଲେଖଯୋଗ୍ୟ ସଫଳତା ମିଳିପାରିଛି ବୋଲି କୁହାଯାଇପାରିବ। କେନ୍ଦ୍ର ସରକାର କରୋନା ବିରୋଧୀ ନିର୍ଣ୍ଣାୟକ ଲଢ଼େଇରେ ସମସ୍ତ ରାଜ୍ୟର ସହଭାଗିତା ଆଧାରରେ ଯେଉଁ ସୁଫଳ ପ୍ରାପ୍ତ ହେଲେ, ତାହା କିଛି ପରିମାଣରେ ନିର୍ମଳା ସୀତାରମଣଙ୍କ ବଜେଟରେ ପ୍ରତିଫଳିତ ହୋଇଛି। କୁହାଯାଇପାରିବ, ପ୍ରଧାନମନ୍ତ୍ରୀଙ୍କ ଘୋଷିତ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ଯୋଜନାପାଇଁ ଅର୍ଥମନ୍ତ୍ରୀଙ୍କ ବଜେଟରେ ଊଣାଅଧିକେ ପ୍ରାବଧାନ ରହିଛି। ମାତ୍ର ଚାଲୁରହିଥିବା ଅନେକ ଯୋଜନାକୁ ସଂଜୀବନୀ ପ୍ରଦାନ ବଦଳରେ କେବଳ ଜୀବିତ ରଖାଯିବା ଭଳି ବୁନ୍ଦା ସିଂଚନ କରାଗଲା ଭଳି ହୋଇଛି। ମାତ୍ର ଲକ୍ଷ୍ୟଣୀୟ କଥା ହେଉଛି, ବିଭିନ୍ନ ରାଜ୍ୟ ନିର୍ବିଶେଷରେ ଉଚ୍ଚ ଆୟକାରୀ ବର୍ଗଙ୍କ ସହିତ ମଧ୍ୟମ ତଥା ନିମ୍ନ ଆୟକାରୀଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରତି ବ୍ୟବସ୍ଥାରେ ସେଭଳି କିଛି ପରିବର୍ତ୍ତନ ଦେଖାଯାଇନାହିଁ। ଏହାର ମୁଖ୍ୟ କାରଣ ଭିତରେ କରୋନାର ପ୍ରତିକୂଳ ପ୍ରଭାବ ପ୍ରମୁଖ ବୋଲି କୁହାଯିବ। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଲୋକହିତକର କାର୍ଯ୍ୟକ୍ରମ ଚଳାଯାଇଥିବାର କୁହାଯାଉଛି। ଆମ ସମ୍ବିଧାନରେ ଉଲ୍ଲିଖିତ ବିଭିନ୍ନ ଧାରାରେ ବିଭିନ୍ନ ବର୍ଗ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଖାଦ୍ୟାନ୍ନ ବ୍ୟବସ୍ଥା ମୌଳିକ ଅଧିକାର ଅନ୍ତର୍ଭୁକ୍ତ। ଜନକଲ୍ୟାଣ ରାଷ୍ଟ୍ରୀୟ ବ୍ୟବସ୍ଥାରେ ଏଭଳି ଉତ୍ତରଦାୟିତ୍ୱ ଖଂଜାଯିବାର ଉଦ୍ଦେଶ୍ୟ ହେଉଛି, କୌଣସି ପରିସ୍ଥିତିରେ କାହାରିକୁ ଅନାହାରରେ ରହିବାକୁ ଦିଆଯିବ ନାହିଁ। ସମୟକ୍ରମେ ନେତାମାନେ ଆଭିମୁଖ୍ୟର ଅପଭ୍ରଂଶ କରି ସଭାସମିତିରେ କାହାରିକୁ ଅନାହାରରେ ମରିବାକୁ ଦିଆଯିବ ନାହିଁ ବୋଲି କହୁଛନ୍ତି। ଏହା ହୋଇପାରେ, ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର କ୍ରୁର ତାତ୍ସଲ୍ୟ। ଖାଦ୍ୟ-ଯୋଗାଣ ବ୍ୟବସ୍ଥା ଜରିଆରେ ନିମ୍ନ ଆୟକାରୀ ପରିବାରକୁ ଚାଉଳ, ବୁଟଡାଲି, ଗହମ ଇତ୍ୟାଦି ରେସନ କାର୍ଡ଼ ଜରିଆରେ ଯୋଗାଇ ଦିଆଯାଉଛି। ସରକାର ଏହି ଦାୟିତ୍ୱ ପାଳନ କରୁଛନ୍ତି। ସମସ୍ତ ଯୋଗ୍ୟ ହିତାଧିକାରୀ କ'ଣ ପଡ଼ି କାର୍ଡ଼ ରଖିଛନ୍ତି ? କିଛିବର୍ଷ ତଳେ ଯେଉଁ କାଂଟଛାଂଟ କରାଗଲା, ସେଥିରେ ଲକ୍ଷ ଲକ୍ଷ ପ୍ରକୃତ ହିତାଧିକାରୀ କଟିଗଲେ। ଏହାର ନଗଦ ପ୍ରଭାବ ପଡ଼ିଲା ଖାଦ୍ୟଶୃଙ୍ଖଳ ଉପରେ। ସ୍ୱଚ୍ଛଳ ଓ ସମ୍ପନ୍ନଙ୍କ ପାଖରେ କେତେକ କ୍ଷେତ୍ରରେ ପଡ଼ିକାର୍ଡ଼ ଥିବା, ଇନ୍ଦିରା ଆବାସ ଗୃହ ରହିଥିବା ଭଳି ଦୃଷ୍ଟାନ୍ତ ରହିଛି ହଜାର। ଯେଉଁମାନଙ୍କ ପାଖରେ ବାସ ନାହିଁ କି ଚାଷ ନାହିଁ, ସେମାନେ ଅନାଥ ଓ ସମାଜରେ ଏକପ୍ରକାର ଉପେକ୍ଷିତ। ସେହି ବଂଚିତବର୍ଗଙ୍କ ପାଇଁ ଅତିକମ୍‌ରେ ଦୁଇବେଳା ଭୋଜନ ସୁବିଧା ସକାଶେ ସମ୍ବିଧାନରେ ରଖାଯାଇଥିବା ପ୍ରାବଧାନର ପାଳନ ରାଷ୍ଟ୍ରର ଦାୟିତ୍ୱ। ଏହା କେବଳ ନୈତିକ କିମ୍ବା ପ୍ରାବଧାନର ପାଳନ ରାଷ୍ଟ୍ରର ଦାୟିତ୍ୱ। ଏହା କେବଳ ନୈତିକ କିମ୍ବା ମାନବିକତା ଦାୟରେ କରାଯିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ତାହାଠାରୁ ଅଧିକ ହେଉଛି ସାମ୍ବିଧାନିକ ବାଧ୍ୟବାଧକତା। ଆମ ରାଜ୍ୟର ଉଦାହରଣ ନେଲେ ଦେଖାଯିବ, କରୋନା ସଂକ୍ରମଣ ସମୟରେ ବହୁ ଜାଗାରେ ଆହାର କେନ୍ଦ୍ରଗୁଡ଼ିକ ବନ୍ଦ କରିଦିଆଯାଇଥିଲା। ରେଳଷ୍ଟେସନ, ଡାକ୍ତରଖାନା ଓ ବସଷ୍ଟାଣ୍ଡରେ ରହିବା ଠିକଣା ନଥିବା ଲୋକମାନଙ୍କ ଉଦ୍ଦେଶ୍ୟରେ ପାଂଚଟଙ୍କିଆ ଆହାର ବ୍ୟବସ୍ଥା ହୋଇଛି। ଦୁଇବେଳା ପାଂଚଟଙ୍କିଆ ଭୋଜନ ପରିବର୍ତ୍ତେ କେଉଁଠି କେଉଁଠି କେବଳ ଦିନବେଳା ଖାଇବାକୁ ଦିଆଯାଉଛି। ଏଭଳି କରାଯିବା କୁଆଡ଼େ ସମ୍ବିଧାନ ପ୍ରଦତ୍ତ ଆଦେଶର ଖୋଲା ଉଲ୍ଲଂଘନ। କରୋନା ପାଇଁ ଯେଉଁ ଲକ୍‌ଡାଉନ୍ ଥିଲା, ତାହା ବହୁ ମାସ ପରେ ଉଠିଲା, ଆହାର କେନ୍ଦ୍ରଗୁଡ଼ିକରୁ ତାଲା ଖୋଲାଗଲା ମଧ୍ୟ। ବିଭିନ୍ନ ସହରରେ ଖୋଲିଥିବା ଆହାର କେନ୍ଦ୍ରରେ ଗରିବ ଓ ଅଭାବୀ ଲୋକମାନଙ୍କୁ ରନ୍ଧାଖାଦ୍ୟ ନାମମାତ୍ର ପାଂଚଟଙ୍କାରେ ଯୋଗାଯାଉଥିବା ବେଳେ କେବଳ କାହିଁକି ବେଳାଏ ଦେଇ ଆଉ ବେଳାଏ ଉପାସରେ ରଖାଯିବ, ସେଭଳି କାର୍ଯ୍ୟ ସପକ୍ଷରେ କିଛି ଯୁକ୍ତି ନାହିଁ। ଆମ ରାଜ୍ୟରେ ପ୍ରଚଳିତ ହେବା ବହୁପୂର୍ବରୁ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ଆମ୍ମା ମିଲସ୍, ଆନ୍ନା ମିଲସ୍ ଚାଲିଆସୁଛି। କେତେକ ବେସରକାରୀ ସଂସ୍ଥାଗୁଡ଼ିକୁ ଆହାର କେନ୍ଦ୍ର ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିବାସ୍ଥଳେ ସେଗୁଡ଼ିକର କାର୍ଯ୍ୟକାରିତା ନେଇ ଉପଯୁକ୍ତ ତଦାରଖ ହେଉଛି ବୋଲି କହିହେବନାହିଁ। ରାଜଧାନୀ ଭୁବନେଶ୍ୱରରେ ଆହାର କେନ୍ଦ୍ର ପରିଚାଳନା ଦାୟିତ୍ୱ ନେଇଛି ବିଏମସି। ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନ୍ ଅଧୀନରେ କିଛି କେନ୍ଦ୍ର ପରିଚାଳିତ ହେଉଛି।

## ବୈକୁଣ୍ଠ ସମାନ ଅଟେ ସେହି ଘର



ରଶ୍ମୀ ସାମଲ

ଏକ ସୁସ୍ଥ ଓ ଉନ୍ନତ ସମାଜ ଗଠନରେ ପରିବାରର ଭୂମିକା ଗୁରୁତ୍ୱ ପୂର୍ଣ୍ଣ । ପରିବାରକୁ ଛାଡି ସମାଜ ଗଠନ ଚିନ୍ତା କରାଯାଇନପାରେ । ଜୀବନକୁ ସରସ ସୁନ୍ଦର କରି ଗଢି ତୋଳିବାରେ ପରିବାରର ଭୂମିକା ସଦାସର୍ବଦା ଅତୁଳନୀୟ। ପରିବାର ହେଉଛି ସ୍ନେହ, ମମତା, ସହଯୋଗ ଓ ଭ୍ରାତୃଭାବର ଅନନ୍ୟ ନିଦର୍ଶନ। ମନୁଷ୍ୟ ନିଜର ଜୀବନକୁ ସଠିକ ମାର୍ଗରେ ପରିଚାଳିତ କରିବା ନିମନ୍ତେ ପରିବାରର ଆବଶ୍ୟକତା ରହିଛି । ବାପା, ମା, ଜେଜେମା ଓ ଜେଜେବାପା ଆଦି ଗୁରୁଜନମାନଙ୍କୁ ନେଇ ପରିବାର ଗଠିତ ହୋଇଥାଏ ।

ଯେଉଁ ଗୃହରେ ସମସ୍ତେ ସୁଖୀ, ପୁତ୍ର ବୁଦ୍ଧିମାନ, ପତ୍ନୀ ମଧୁରଭାଷିଣୀ, ମିତ୍ର ବିଶ୍ୱସନୀୟ, ପତି ପତିବ୍ରତା ଏବଂ ଭୃତ୍ୟ ଆଜ୍ଞାକାରୀ ଥାଆନ୍ତି, ଯେଉଁଠାରେ ନିତ୍ୟ ଅତିଥିସେବା ଓ ଭଗବାନ ଶଙ୍କରଙ୍କ ପୂଜା ହୁଏ। ପବିତ୍ର ଓ ସୁନ୍ଦର ଖାଦ୍ୟପେୟ ଥାଏ। ସର୍ବଦା ସାଧୁସନ୍ଥଙ୍କ ସତସଙ୍ଗ ମିଳେ, ସେହି ଗୃହ ଧନ୍ୟ ଅଟେ। କହିବାର ତାତ୍ପର୍ଯ୍ୟ ଯେ ପରିବାର ମଧରେ ଉତ୍ତମ ବୁଝାମଣା ସହିତ ବିଶ୍ୱାସ ଓ ସଦଭାବନା ରହିବା ନିତାନ୍ତ ଜରୁରୀ।

ଏକ ସୁସ୍ଥ ଓ ଉନ୍ନତ ସମାଜ ଗଠନରେ ପରିବାରର ଭୂମିକା ଗୁରୁତ୍ୱ ପୂର୍ଣ୍ଣ । ପରିବାରକୁ ଛାଡି ସମାଜ ଗଠନ ଚିନ୍ତା କରାଯାଇନପାରେ । ଜୀବନକୁ ସରସ ସୁନ୍ଦର କରି ଗଢି ତୋଳିବାରେ ପରିବାରର ଭୂମିକା ସଦାସର୍ବଦା ଅତୁଳନୀୟ। ପରିବାର ହେଉଛି ସ୍ନେହ, ମମତା, ସହଯୋଗ ଓ ଭ୍ରାତୃଭାବର ଅନନ୍ୟ ନିଦର୍ଶନ। ମନୁଷ୍ୟ ନିଜର ଜୀବନକୁ ସଠିକ ମାର୍ଗରେ ପରିଚାଳିତ କରିବା ନିମନ୍ତେ ପରିବାରର ଆବଶ୍ୟକତା ରହିଛି । ବାପା, ମା, ଜେଜେମା ଓ ଜେଜେବାପା ଆଦି ଗୁରୁଜନମାନଙ୍କୁ ନେଇ ପରିବାର ଗଠିତ ହୋଇଥାଏ । ପରିବାର ଛୋଟ ହେଉ ବା ବଡ ହେଉ ସେଥିରେ ଅନେକ ଗୁଡିଏ ସମ୍ପର୍କ ସୃଷ୍ଟି ହୋଇଥାଏ । ଆମେ ପରିବାରରେ ସାଧାରଣତଃ ଏକତା ବଦ୍ଧ ହୋଇ କାର୍ଯ୍ୟ କରିବା ଶିଖି ଥାଉ। ଏକତା ଏକ ସାମୁହିକ ଶକ୍ତି । ଅସ୍ତ୍ର ବଳ ଧନ ବଳଠାରୁ ଏକତାର ବଳ ଅଧିକ । ଯେପରି ଆଙ୍ଗୁଳି ଗୁଡିକର ଏକତ୍ରିକରଣରେ ହସ୍ତ କାର୍ଯ୍ୟକ୍ରମ ହୁଏ। ଗୋଟିଏ ଆଙ୍ଗୁଳି କଟିଗଲେ ହାତର କାମ କରିବା ଶକ୍ତି କମିଯାଏ । ଠିକ ସେହି ପରି ପରିବାରରେ ଏକତା ହିଁ ପରିବାରର ବଳ ଓ ଉନ୍ନତିର ଚାବି କାଠି । ଶିଶୁଟିଏ ବାଲ୍ୟକାଳରୁ ପରିବାର ସଂସ୍ପର୍ଶରେ ରହି ସମ୍ପର୍କର ମହତ୍ୱ ବୁଝିଥାଏ। ସତ ବ୍ୟବହାର, ସଦାଚାର, ଶିକ୍ଷା ଲାଭ କରିଥାଏ । ପରିବାର ମଧରେ ପିଲାମାନଙ୍କୁ ନୈତିକତାବୋଧ, ଆତ୍ମନିର୍ଭରଶିଳତା, ସହନଶୀଳତା, କ୍ଷମାଶୀଳତା, ଭାଷା ଜ୍ଞାନର ଔପଚାରିକତା ଇତ୍ୟାଦି ଶିକ୍ଷା ଦିଆଯାଇଥାଏ । ପରିବାର ବିନା ମନୁଷ୍ୟ ଜୀବନ ସମ୍ପୂର୍ଣ୍ଣ ଅଧୁରା ଓ ମୂଲ୍ୟହୀନ । ବିପଦ ସମୟରେ ପରିବାରର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ତାର ମୁକାବିଲା କରନ୍ତି । ଯେପରି ବିନ୍ଦୁଏ ଜଳ ତାର ଶକ୍ତି ବା କେତେ ? ମାତ୍ର ଅଗଣିତ ଜଳ ବିନ୍ଦୁର ସମଷ୍ଟିରେ ମହାସିନ୍ଧୁର ସୃଷ୍ଟି । ସୁଖ ଦୁଃଖ ଝଡ ଝଞ୍ଜା ଆସିଲେ ମଧ ସମସ୍ତେ ଏହାର ସମ୍ମୁଖୀନ ହୋଇ ସବୁକିଛି ସାମ୍ନା କରିଥାନ୍ତି। ସେଥିପାଇଁ ସମସ୍ତେ ଏକତାର ସୂତ୍ରରେ ବାନ୍ଧି ରହିବା ଜରୁରୀ। ପରିବାର ଶିଶୁ ର ପ୍ରଥମ ଗୁରୁ । ପରିବାରରୁ ହିଁ ଶିଶୁଟି ପ୍ରତ୍ୟେକ ବିଷୟରେ ଅଭିଜ୍ଞତା ହାସଲ କରିଥାଏ । ଯାହା ଜୀବନରେ ଦିନେ ସଫଳତା ଆଣି ଦେଇଥାଏ । ହତାଶରେ ଥିବା ଲୋକଟି ଆଗକୁ ବଢିବା ପାଇଁ ଏଇଠୁ ହିଁ ପ୍ରେରଣା ପାଇଥାଏ । ଭାରତ ବର୍ଷରେ ଯୌଥ ପରିବାର ବହୁଳ ପରିମାଣରେ ଦେଖା ଯାଇଥାଏ । ଭାରତୀୟ ସଂସ୍କୃତିରେ ପରିବାରକୁ ଏକ ମନ୍ଦିର ରୂପେ ଦର୍ଶାଯାଇଛି । ପରିବାର ବିନା ସମାଜର କଳ୍ପନା ଆଦୌ ସମ୍ଭବ ନୁହେଁ। ସୁଖୀ ପରିବାର ସମାଜ ପାଇଁ ଶୁଭଙ୍କର ଓ ପ୍ରେରଣା ଦାୟୀ । ମଣିଷଟିଏ ସୁଖ ଦୁଃଖକୁ ସାମ୍ନା କରିବାକୁ ପରିବାର ପକ୍ଷରୁ ସାହସ ପାଇଥାଏ । ପରିବାର ମନୁଷ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ । କଥାରେ ଅଛି ପିତାମାତାଙ୍କ ପରି ବଡ ପରାମର୍ଶ ଦାତା ନାହିଁ କି ମା'ର ପଣତ କାନି ଭଳି ସୁରକ୍ଷିତ ସ୍ଥାନ ନାହିଁ । ଭାଇ ପରି ଉତ୍ତମ ସହଯୋଗୀ କି ଭଉଣୀ ପରି ଶୁଭ ଚିନ୍ତକ ଦୁନିଆରେ ନାହିଁ । ତେଣୁ ପ୍ରତ୍ୟେକ ବ୍ୟକ୍ତିକୁ ପରିବାର ନିମନ୍ତେ ସମୟ ଦେବା ନିହାତି ଆବଶ୍ୟକ। ଘରର ମୁଖିଆଙ୍କ ପ୍ରତ୍ୟକ ଅନୁଶାସନ ସମସ୍ତ ସଦସ୍ୟ ଏକ ରକମ ମାନିବା ଉଚିତ । ଗୃହକର୍ତ୍ତାଙ୍କ ନୀତି ନିୟମ ଆଦେଶକୁ ଅବମାନନା କରିବା ଗ୍ରହଣୀୟ ନୁହେଁ। ସେମାନେ ସଦା ସର୍ବଦା ଆମ ଶୁଭ ଚିନ୍ତକ ବୋଲି ମନେ ରଖିବା ଉଚିତ । ମିଳିମିଶି ରହିବା ଯୋଗୁ ଆମର ଅନେକ ଭ୍ରମ ଧାରଣା ଦୂର ହୁଏ । ପର୍ବ ପର୍ବାଣୀ ଓ ପୂଜା_ତରେ ଖୁସିର ମାହଲ ବଢିଥାଏ। ପରସ୍ପର ମଧରେ ସ୍ନେହ ଶ୍ରଦ୍ଧାରେ ସମସ୍ତେ ବାନ୍ଧି ହୋଇଥାନ୍ତି । ବଡ ପରିବାର ରେ କିଛି ଭୁଲ ବୁଝାବଣାରୁ ଫାଟ ସୃଷ୍ଟି ହେଲେ ମଧ ତାହା ଅଳ୍ପ ସମୟ ମଧରେ ସମାଧାନ ହୋଇଯାଏ । ଆଜିକାଲି ଆଧୁନିକତାର ସ୍ପର୍ଶରେ ଛୋଟ ଛୋଟ ପରିବାର ସୃଷ୍ଟି ହେବାରେ ଲାଗିଛି । ମନୁଷ୍ୟ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ହେଉ ବା କର୍ମ ସଂସ୍ଥାନ ପାଇଁ ହେଉ ପରିବାରଠୁ ଦୁରେଇ ଯାଉଛି । ଯାହା ଦ୍ୱାରା ଛୋଟ ଛୋଟ ଅସୁବିଧାରେ ମଧ ସେ ହତାଶ ହୋଇ ଯାଉଛି । ରୋଗ ଯେପରି ଦେହକୁ ଶକ୍ତିହୀନ ଓ ଦୁର୍ବଳ କରିଦିଏ ସେହିପରି ପରିବାରର ଏକତା ବିନା ମନୁଷ୍ୟ ମାନସିକ ସ୍ତରରେ ଦୁର୍ବଳ ହୋଇଯାଇଥାଏ। ଏକାଠି ବସିବା , ହସଖୁସି ସୁଖ ଦୁଃଖ ବାଣ୍ଟିବା ସମ୍ପର୍କକୁ ମଜଭୁତ କରେ । ଏ ସବୁରୁ ବଂଚିତ ହେଲେ ମଣିଷ ଅବାଟରେ ଯାଇଥାଏ। ଏକତା ବିନା ସମସ୍ତଙ୍କର କ୍ଷତି ହୋଇଥାଏ। ବର୍ତ୍ତମାନ ସମୟରେ ଯୌଥ ପରିବାର ମିଳିବା କଷ୍ଟକର ହୋଇ ପଡ଼ିଲାଣି । କାରଣ ଏକଚାଟିଆ ସଂକୀର୍ଣ୍ଣ ମନୋବୃତ୍ତି, ସୌଖିନ ଜୀବନ ଶୈଳୀ ଓ ପାଶ୍ଚାତ୍ୟ ସଂସ୍କୃତି ଧୀରେ ଧୀରେ ଆମ ସମାଜକୁ କବଳିତ କରିବାରେ ଲାଗିଛି । ରାଗ, ହିଂଷା , ସ୍ୱାର୍ଥପରତା ଓ ଅଳସୁଆ ମନୋବୃତ୍ତି ଯୋଗୁ ପରିବାରର ସୁ ସମ୍ପର୍କ ଛିନ୍ନ ହେଉଛି । ସମୟାନୁସାରେ ଏବେ ନିଜ ନିଜ ମନ ଅନୁସାରେ ବଂଚିବାକୁ ପସନ୍ଦ କରୁଛନ୍ତି । ପରିବାରର ବାତାବରଣ ଦିନକୁ ଦିନ ଅଶାନ୍ତ ହେବାକୁ ଲାଗିଛି । ସମାଜରେକୁ ପ୍ରଭାବ ପକାଉଛି । ଯଦି ଦୁଇ ଦଳ ଖେଳାଳିଙ୍କ ମଧରୁ ଯଦି ଗୋଟିଏ ଦଳ ଖେଳାଳିଙ୍କ ମଧରେ ସହଯୋଗ ନ ରୁହେ ଓ ମତାନ୍ତର ଘଟେ ତେବେ ସେହି ଦଳ ପରାଜିତ ହୁଏ । ବହୁ କ୍ଷେତ୍ରରେ ଏହା ଦେଖିବାକୁ ମିଳେ । ଏକତା ବିନା ପରିବାରର ଧ୍ୱଂସସାଧନ ହୁଏ। ମନୁଷ୍ୟ ସମୟେ ସମୟେ ଖରାପ ରାସ୍ତାରେ ପାଦ ଦେଇ ଜୀବନକୁ ନଷ୍ଟ କରି ଦେଉଛି । ପରିବାରର ଉନ୍ନତି ସେତେବେଳେ ସମ୍ଭବ ହେବ ଯେତେବେଳେ ପରିବାରର ସମସ୍ତ ସଦସ୍ୟ ସ୍ୱାର୍ଥ, ବିଳାସ ବ୍ୟସନ ଏବଂ ଦୁର୍ଗୁଣରୁ ଦୁରେଇ ରହିବେ, ପରିବାରର ମହତ୍ୱକୁ ବୁଝି ପାରିବେ, ନିଜ ନିଜର ଦାୟିତ୍ୱ ସୁଚାରୁ ରୁପେ ପାଳନ କରିବେ। ସହଯୋଗ ମନୋବୃତ୍ତି ରଖିଲେ ଏକତା ବୃଦ୍ଧି ହେବା ସହିତ ଗଠନମୂଳକ କାର୍ଯ୍ୟ କରିବାକୁ ଆଗ୍ରହ ଉତ୍ସାହ ବୃଦ୍ଧି ପାଇବ। ସମାଜକୁ ସୁଖ ଓ ଶାନ୍ତିମୟ କରିବାକୁ ଏକତା ଦରକାର । ଏହାକୁ ରକ୍ଷା କରିବା ପାଇଁ ଉଦାର ମନୋବୃତ୍ତି ଦରକାର । ସହିଷ୍ଣୁତା, ସହଯୋଗ ଓ କର୍ତ୍ତବ୍ୟ ନିଷ୍ଠା ସମସ୍ତଙ୍କର ରହିବା ଉଚିତ । ସ୍ୱାର୍ଥପର ହୋଇ ନିଜେ ଖାଇପିଇ ନିଜେ ଭଲରେ ରହିଲେ ମନୁଷ୍ୟତାର ମହତ୍ୱ ପ୍ରକଟିତ ହୁଏ ନାହିଁ। ପରିବାରକୁ ବଞ୍ଚେଇ ରଖିବା ସହିତ ତାହାର ଆବଶ୍ୟକତା ଉପଲବ୍ଧ କରି ପାରିଲେ ହସ ଖୁସିରେ ରହି ନିଜ ଜୀବନକୁ ସୁଖମୟ କରିପାରିବା । ପରିବାର ଭିତରେ ସ୍ନେହ ଶ୍ରଦ୍ଧା ଭାତୃଭ୍ରା ଓ ସାହାଯ୍ୟ ସହଯୋଗ ଉଦେଶ୍ୟ ରଖି ଆଗେଇ ଆସିଲେ ନିର୍ଶ୍ଚିତ ଏକ ଆଦର୍ଶ ପରିବାର ଗଢି ଉଠିବ। ଯାହାଫଳରେ ଏକ ଆଦର୍ଶ ଉନ୍ନତ ସମାଜ ଗଢି ଉଠିପାରିବ । ତେଣୁ ଏକ ଆଦର୍ଶ ପରିବାର ଛାଡି ଏକ ଆଦର୍ଶ ଓ ସୁସ୍ଥ ସମାଜ ପରିକଳ୍ପନା କରାଯାଇନପାରେ।

ଏଥି ପାଇଁ କୁହାଯାଏ..

'ବୈକୁଣ୍ଠ ସମାନ
ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ
ଥାଏ ନିରନ୍ତର'।


+ଭୁବନେଶ୍ୱର

ମୋ: ୯୪୩୭୧୧୫୮୭୫


## କବିତା କୋଣାର୍କ

### କୋଳ ତୋ ବୈକୁଣ୍ଠପୁର...

ସୁଦର୍ଶନ ମହାପାତ୍ର



କିଛି ଲୋଡା ନାହିଁ ଆଉ ଏ ଜୀବନେ
ବୋଉ ରୂପେ ତୋତେ ପାଇ
କେତେ ତପସ୍ୟାର ପୂଣ୍ୟଫଳ ନେଇ
ତୋ' କୋଳ ଲଭିଛି ମୁହିଁ ।

କାନ୍ଦୁଥିଲେ କେବେ ପୋଛି ଦେଉ ତୁହି
ମୋ ଆଖିର ଯେତେ ଲୁହ
ତୁ କେବେ କାନ୍ଦିଲେ
ମୋ ଛାତି ଭିତରେ
ଉଠୁଥାଏ ସତେ କୋହ ।

ତୋତେ ନ ଦେଖିଲେ
ଖୋଜୁଥାଏ ମୁହିଁ
ପାଗଳଟି ପରି ସତେ
ପାଇଗଲା ପରେ ଲାଗେ ମିଳିଗଲା
ସାରା ଅଇଶ୍ୱର୍ଯ୍ୟ ମୋତେ ।

ଅଝଟ କରିଲେ
ତୋ ପାଖରେ କେବେ
ଅଳି ଯେତେ ପୂରା ହୁଏ
ସେନେହ କାଙ୍ଗାଳ ମନଟି ମୋହର
ତୋତେ ଖାଲି ଝୁରୁଥାଏ ।

ମୋ ପାଦରେ କଣ୍ଟା ବାଜୁ କି ନବାଜୁ
ତୋ ଛାତିରେ ଲାଗେ ବ୍ୟଥା
ରୋଗ ବଇରାଗେ
ମୋ ପାଖରେ ଥାଉ
ଭୁଲିଯାଇ ନିଜ କଥା ।

ତୋର ମାଡ ଗାଳି ସତେ ଦାଣ୍ଡ ଧୂଳି
କଥା ତୋ ସତେକି ମହୁ
ତୋ ହାତ ପରଶ ସବୁଠୁ ସରସ
ତୋ ପରି ହେବ କେ ଆଉ ?
ତୋ ଡାକ ମଧୁର ସ୍ନିଗଧ କୋମଳ
ସତେ ପୀୟୁଷର ଝର
ମମତାରେ ବୋଳା ସେ ସ୍ୱରଟି ପରା
ଚିର ଆକାଂକ୍ଷିତ ମୋର ।

ତୋ ପଣତ ତଳେ ସରଗର ସୁଖ
ନଥାଏ ମନରେ ଡର
ଦୁଃଖ କଷ୍ଟ ଯେତେ ପାଶୋରି ଦିଏ ମୁଁ
କୋଳ ତୋ ବୈକୁଣ୍ଠପୁର ।

+କୁଞ୍ଜବିହାରୀ ଲେନ,କଟକ

### କି ଯୁଗ ହେଲା...

ସନାତନ ଦାସ

କି ଯୁଗ ହେଲାରେ ନଟିଆ
କିଛି ତ ପଡୁନି ଜଣା,
ଦୁନିଆର ସବୁ ଭାବ ଭଙ୍ଗୀ ଦେଖି
ଲାଗିଲାଣି ସବୁ ଅଲଣା..!!

ବାପା ବୋଉ ଛାଡ଼ି ପିଲାମାନେ ଏଠି
ଡାଡି ମମି ଡାକିଲେଣି,
ପାଶ୍ଚାତ୍ୟ ରଙ୍ଗରେ କବଳିତ ହୋଇ
ଜିଅନ୍ତାକୁ ଶବ କଲେଣି..!!

ଭାତ ଚୁଡ଼ା ଛାଡ଼ି ଧୀରେ ଧୀରେ ସବୁ
ପିଜା ବର୍ଗର୍ ଖାଇଲେଣି,
ଦେଶୀ ଖାଦ୍ୟ ସବୁ ପାଦରେ ଆଡେଇ
ରୋଗକୁ ନେଲେଣି କିଣି..!!

ପିଲାମାନେ ଆଜି ଭଲ ବସ୍ତ୍ର ଛାଡ଼ି
ଚିରା ଫଟା ପିନ୍ଧିଲେଣି,
ଘରେ ପଚାରିଲେ ଜବାବ୍ ଆସୁଛି
ଏଇଟା ନୂଆ ଫ୍ୟାସନ୍ ହେଲାଣି!!

ରାସ୍ତା ଘାଟରେ ଗଳି କନ୍ଦିରେ
ଲାଜ ସରମ ଗଲାଣି,
ଚିରା ଫଟା ଦେଖି ପୁଅ ଝିଅଙ୍କର
ଭିକାରି ସରମ କଲାଣି..!!

କି ମୋବାଇଲ ଆସିଛି ହେ ଭାଇ
କମ୍ ତାର ନୁହେଁ ଭାଉ,
ନ ଖାଇବି ପଛେ ପେଟକୁ ଦାନା
ଫୋନ୍ ମୋ ପାଖେ ଥାଉ...!!

ଚାର୍ଜ ସରିଲେ ସତେକି ଲାଗେ ଆମ
ଦେହରୁ ରକ୍ତ ସରିଲା,
କେତେ ବିକଳରେ ବ୍ୟସ୍ତ ବିବ୍ରତ
ହୁଏ ମୋବାଇଲ ବାଲା..!!

ଢୋଲ ଘଣ୍ଟ କରତାଳ ଚୁଲିକୁ ଗଲାଣି
ଡିଜେର ଜମାନା ଆସିଛି,
କର୍କଶ ସ୍ୱରରେ ହୃଦୟ ଥରୁଛି
ହାର୍ଟ ଆଟାକ୍ ଆସୁଛି..!!

ଉଦଣ୍ଡ ଡ଼ିଆଁକୁ ଅଶ୍ଳୀଳ ନାଚ ଆଜି
ଚାରି ଦିଗ ମେଲିଛି,
ପାଲା ସଙ୍କୀର୍ତ୍ତନ ଭଲ ଲାଗୁ ନାହିଁ
ରେକର୍ଡ ଡାନ୍ସ ଚାଲିଛି..!!

ହଇରେ ନଟିଆ ସୁଧୁରି ଯାଆ
ଏବେ ବି ସମୟ ଅଛି,
କଳା ସଂସ୍କୃତିକୁ ଭଲ ପାଅ ଟିକେ
ନୌକା ବୁଡି ଯାଉଛି..!!

ମାର୍ଜିତ ହୁଅ ନିଜକୁ ବଦଳାଇ
ଦୁନିଆ ବଦଳିଯିବ,
ପରେ ଭାବିଲେ କିଛି ଲାଭ ନାହିଁ
ନେଡି ଗୁଡ ବୋହିଯିବ ..!!


+ସଅଁରା, ନାଳିବର,
ଜଗତସିଂହପୁର
ଫୋନ-୯୭୭୬୪୧୪୮୦୫


## ଜାହାଙ୍ଗୀର ବାଦଶାଙ୍କର ଆଦେଶ



ଅଜୟ କୁମାର ବେହେରା

ମୋଗଲ ବାଦଶା ଜାହାଙ୍ଗୀର ତାଙ୍କର ପିତୃଗଣଙ୍କର ପ୍ରତାପରେ ନିରଙ୍କୁଶ ଭବରେ ରାଜ କରୁଥିଲେ ବି ସେ ତାଙ୍କର ଜାୟାଙ୍କର ବଚସ୍କର ହୋଇ ପଡ଼ିଥିଲେ। ନୁରଜାହାନ ବେଗମ ତାଙ୍କର ପ୍ରକୃତରେ ଶାସନ କ୍ଷମତାରେ ଥିଲେ ଓ ସେ ଯେଉଁ କାନୁନ ଲଗାଇବାକୁ ଚାହୁଁଥିଲେ ସେଥିରେ ଜାହାଙ୍ଗୀରଙ୍କ ଦସ୍ତଖତ ବା ମୋହର କରାଇ ଜାହିର କରାଉଥିଲେ। ସେତେବେଳେ ବର୍ତ୍ତମାନ ପରି ଯୋଗାଯୋଗ ମାଧ୍ୟମ ନଥିଲା। ରାଜ ଅନ୍ତଃପୁରରେ ବାଦଶା ରହି ପ୍ରଜା ଗୁହାରୀ କିଛି ଶୁଣିବା ପାଇଁ ଏକ ଘାସ ନିର୍ମିତ ଦଉଡିରେ ରାଜ ଅନ୍ତଃପୁରରେ ପିତଳ ଘଣ୍ଟି ବାନ୍ଧି ଆର ମୁଣ୍ଡଟି ବାହାର ପଟରେ ଲମ୍ବାଇ ଝୁଲାଇ ରଖିଥିଲେ। ଏହି ଦୌଡ଼ିକୁ ଟାଣିଲେ ରାଜ କର୍ମଚାରୀ ପଠାଇ ବାଦଶା ଲୋକଟିକୁ ଭିତରକୁ ଡାକି ତାର ଗୁହାରି ଶୁଣିବା ବ୍ୟବସ୍ଥା କରାଇଥିଲେ। ଏମିତି ପ୍ରଥା ବହୁଦିନ ଧରି ଚାଲୁଥିଲା। ଥରେ ଗୋଟିଏ ବୁଢ଼ାଗଧ ବୁଲି ବୁଲି ଆସି ସେହି ଦୌଡ଼ିଟିକୁ ପେଟ ବିକଳରେ ଚୋବାଇବାରେ ଲାଗିଗଲା। ଘଣ୍ଟିଟି ତାର ଟାଣି ଖାଇବାର ମଧରେ ମଧରେ ବାଦଶା ମହଲରେ ରହି ରହି ବାଜୁଥିଲା। ଏଥିରେ ବିରକ୍ତି ଆସିବା ସ୍ୱାଭାବିକ ମାତ୍ର ତଦାରଖରେ ଆସିବା ଲୋକ ଦେଖି ରାଜାଙ୍କୁ ପ୍ରକୃତ କଥା କହିଲେ ଏକ ବୃଦ୍ଧ ଗଧ ଏ ଦୌଡ଼ିକୁ ଚୋବାଇବାକୁ ଏପରି ଶବ୍ଦ ଶୁଭାଯାଇଛି। ଏ ପ୍ରଜା କେହି ନୁହଁନ୍ତି। ଜାହାଙ୍ଗୀରଙ୍କ ମନରେ କୌତୁହଳ ଆସିଲା ସେ ଗଧକୁ ଦେଖିବା ପାଇଁ ଆସିଲେ ଦେଖି ଅନେକ ପ୍ରଶ୍ନ ପଚାରି ବସିଲେ ଏ ଗଧ କାହାର? ତାହାର ମାଲିକ ଏହାକୁ ଭୋଜନ ବ୍ୟବସ୍ଥା ନକରିବାରୁ ସେ ଭୋକିଲା ହୋଇ ଏଇ ବୁଢ଼ା ଘାସ ନିର୍ମିତ ଦୌଡ଼ିକୁ ଛିଣ୍ଡାଇ ଖାଉଛି। ଅତଏବ ତାର ମାଲିକ ବିରୁଦ୍ଧରେ ସେ ଗୁହାରି ଆପତ୍ତିକୁ ଆସିଛି, ଏହାକୁ ଦରବାରରେ ଜାହିର କରାଯାଇଛି। ତାହା ହିଁ କରାଗଲା। ଗଧ ଜଣେ ଧୋବା ବ୍ୟକ୍ତିର ସେ ଗଧଦ୍ୱାରା ଅନେକ କାର୍ଯ୍ୟ ହାସଲ କରାଇଛି। ମାତ୍ର ଗଧଟି ଅପାରଗ ବୃଦ୍ଧ ହେବାରୁ ତାକୁ କାମରେ ନ ଲଗାଇ ବୁଲି ଖାଇବାକୁ ଛାଡ଼ି ଦେଇଛି। ଧୋବା ଠାରୁ ତାର ବୟାନ ଶୁଣି ବଦଶା ଧୋବାକୁ କହିଲେ ତୁ ଯୌବନ କାଳ ପୌଢ଼କାଳ ଜୀବଟିକୁ କେତେ କାମ କରାଇ ମୁନଫା ନକରିଛୁ ତାର ପରିଶ୍ରମରେ ତୁ ତୋର ଅବସ୍ଥା ଧନବଳ ସୁଧାରିଛୁ। ଅଥଚ ତାର ବୃଦ୍ଧ ବିଶ୍ରାମ ସମୟରେ କାହିଁକି ତାର ଖାଦ୍ୟପେୟ ଦେଉନାହୁଁ। ଏଥିପାଇଁ ତୋତେ ଦଣ୍ଡ ଭୋଗ କରିବାକୁ ପଡ଼ିବ। ଆଉ ତୁ ଯଦି ସେହି ଗଧଟିର ଖାଦ୍ୟ, ପେୟ, ସ୍ୱାସ୍ଥ୍ୟ କଥା ବୁଝିବୁ ତେବେ ରାଜଦଣ୍ଡ ଜେଲଖାନାରେ ଭୋଗ ନହୋଇ ତୋରି ଗୃହରେ ହିଁ ତୋର ନିତ୍ୟ ଚଳଣି ମଧରେ ହିଁ ସୀମିତ ରହିବ। ଧୋବା ବ୍ୟକ୍ତି ଜଣଙ୍କ ସମ୍ମତି ସହିତ ଗଧକୁ ନେଇ ଗୃହକୁ ଚାଲିଗଲା ଓ ରାଜା ଭୟରେ ତାର ସେବା ତାର ମୃତ୍ୟୁ ପର୍ଯ୍ୟନ୍ତ କରିଥିଲା। ଆଉଥରେ ପଦ୍ମ ପୁଷ୍କରଣୀଟିଏ କାଶ୍ମୀର ଡାଲ ହ୍ରଦ। ଏଥିରେ ଅନେକ ପ୍ରକାର ହଂସ ଆସି ବିଚରଣ କରୁଥିଲେ। ବାଦଶା ଖରାଦିନେ ଏହି କାଶ୍ମୀର ଅଞ୍ଚଳକୁ ଚାଲିଯାଇ ବେଗମ ବେଷ୍ଟିତ ହୋଇ ବାସ କରୁଥିଲେ। ଡାଲ ହ୍ରଦରେ ପକ୍ଷୀ ଶିକାର ପାଇଁ ନୂରଜାହାନଙ୍କ ମନ ହେଲା। ପୁଣି ନିଜେ ଧନୁତୀରରେ ଧଳାହଂସ ତୀର ଚଳାଇ ମାରିବେ ବାସ ବ୍ୟବସ୍ଥା ହେଲା। ହଂସ ଉଡି ଆସି ପଡ଼ିବା ବେଳେ ତୀର ଚଳନା କରିବାକୁ ତିଆର ରହି ଦୃଷ୍ଟି ରଖିଛନ୍ତି। ଏହି ସମୟ ଜଣେ ଧୋବା ଘାଟରେ କାଠଗଣ୍ଡି ପଟାରେ ଲୁଗା କାଚୁଛି। ଏହା ବେଗମଙ୍କ ନଜରରେ ନାହିଁ। ଲୁଗା କାଚିବା ବେଳେ ଲୁଗା ଉପରକୁ ଉଠାଇ ପଟାରେ ପଡ଼ିବା ବେଳେ ବେଗମ ହଂସ ଜଳରେ ପଡ଼ିଲା ଭାବି ତୀର ଛାଡ଼ିଲେ, ଯାହା ଭ୍ରମରେ ନଇଁ ରହିଥିବା ଧୋବା ଛାତିରେ ବାଜିଗଲା ଓ ସେ ସେଠାରେ ଚିତ୍‌କାର କରି ପାଣିରେ ପଡ଼ି ମରିଗଲା। ଧୋବଣୀ ଜାଣିଲା କେତେ ଦୁଃଖ, କେତେ ଶୋକ, ଭବିଷ୍ୟତ ଭାବି ଭାଙ୍ଗି ପଡ଼ିଲା। ହେଲେ ତାର ସାଇଭାଇ ଜାତି ଭାଇ ଏଇଟା ଏକ ଅପରାଧ ଏଇଟା ବାଦଶାଙ୍କୁ ଜଣାଇବା ଆବଶ୍ୟକ। ଧୋବଣୀ ବାଦଶା ଜାହାଙ୍ଗୀରକୁ ଦେଖାକରି ଘଟଣା ବର୍ଣ୍ଣନା କଲେ, ବାଦଶାହା ପରଦିନ ଦରବାରକୁ ଆସିବାକୁ ଆଦେଶ ଦେଇ ବିଦାୟ ଦେଲେ ଓ ପରଦିନ ଉଦ୍ଦିଷ୍ଟ ସମୟରେ ଦରବାରରେ ଧୋବଣୀ ନ୍ୟାୟ ପାଇଁ ଉପସ୍ଥିତ। ବାଦଶା ଧୋବଣୀକୁ କହିଲେ ଏହି ବେଗମ୍ ତୋର ସ୍ୱାମୀକୁ ତୀର ଚଳାଇ ମାରିଛି, ଏକ ଧନୁ ଓ ତୀର ଦେଇ କହିଲେ ତୁ ଏଇ ଧନୁତୀର ନେଇ ତାର ସ୍ୱାମୀକୁ ତୀର ଚଳାଇ ମାର ବଦ୍‌ଲା ନେଇପାରୁ। ଏ ରାଜା ହୁକୁମ ମୋଗଲ ବାଦଶା ହୁକୁମ ଏହାକୁ କିଏ ଟାଳିବ? ଧୋବଣୀ ଏ ଆଦେଶ ଶୁଣି ଆହୁରି ଜୋରରେ କାନ୍ଦି କହିଲା ଯାହାପନା, ହଜୁର, ମୋ ସ୍ୱାମୀ ଜଣେ ସାମାନ୍ୟ ପ୍ରଜା, ଜାତିରେ ଧୋବାଟିଏ, ତାର ମୃତ୍ୟୁରେ ଦେଶର କିଛି କ୍ଷତି ହୋଇଯାଏନାହିଁ ମାତ୍ର ଯାହାପନାଙ୍କ ହାନି ଦେଶକୁ ଅରାଜକ କରାଇବ। ବେଗମଙ୍କ ସ୍ୱାମୀ ଖୋଦ ଆପଣ, ଅତଏବ ଏଇ ଆଦେଶ ପ୍ରତ୍ୟାହାର କରନ୍ତୁ। ମୋତେ ଏ ଦୋଷ ଦଣ୍ଡରୁ ମୁକ୍ତ କରନ୍ତୁ। ରାଜ ଜାହାଙ୍ଗୀରକୁ କେବଳ ନୁହେଁ, ନୂରଜାହାନ ବେଗମଙ୍କୁ ମଧ ଏହି ପରିସ୍ଥିତି ବ୍ୟଥିତ କରିଥିଲା। ପରେ ଧୋବଣୀର ରାଜ ସାହାଯ୍ୟ ମିଳିଥିଲା। ମନୁଷ୍ୟର ଯେ ମହାନ ବିଚାର ଶକ୍ତି ଅଛି, ତାହା କଷାଘାତ ସମୟରେ ବାହାରେ।


+ସମ୍ପାଦକ 'ନିୟତି'
ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୧୦୩୧୨୫୩


## କବିତା କୋଣାର୍କ



### ପ୍ରେମର ପ୍ରସ୍ଥାନ ବେଳା..

ସିଦ୍ଧେଶ୍ୱର ତ୍ରିପାଠୀ

କାହିଁକି ଯୋଡୁଛ ଅଦିନିଆ ଭାବ
ଇଶାରାରେ ହାତଠାରି
ପ୍ରେମ କରିବାର ବୟସଟା ମୋର
କେବେଠୁ ଗଲାଣି ସରି ।

ଆସନାହିଁ ଆସନାହିଁ ମୋ ପାଖକୁ
ଅଶହ୍ୟ ଏ ଚଲାବାଟ
ଅଚଳା ବେଳାରେ କରି ପାରିବନି
ମୋ ସାଥେ ଜୀବନ ହାଟ ।

ନାହିଁ ମଧୁମାସ ମଳୟ ପରଶ
ସପନ ଗଲାଣି ମରି
ପ୍ରେମ କରିବାର ବୟସଟା ମୋର
କେବେଠୁ ଗଲାଣି ସରି ।

ଏଇ ରବି ତଳେ ଚନ୍ଦ୍ରମା କୋଳେ
ପରିଚୟ ନାହିଁ ମୋର
ଯାଯାବର ଟାର ଜୀବନ କାହାଣୀ
ଅସମାପ୍ତ ଦୁଃଖ ଭାର ।

ଯାଅ ନୂଆ ଦେଶେ ଆଉକା ପରଶେ
ଲଭିବାକୁ ସୁଖଶିରି
ପ୍ରେମ କରିବାର ବୟସଟା ମୋର
କେବେଠୁ ଗଲାଣି ସରି ।

+ଖୋର୍ଦ୍ଧା



## ସଂସ୍କୃତିପ୍ରେମୀ ବିଜୁବାବୁ ଓ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର

**ଦିଲ୍ଲୀପ ହାଲି**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସ୍ୱାଭିମାନୀ ବିଜୁବାବୁ କୌଣସି ସମୟରେ ଭି.ଆଇ.ପି. ପ୍ରକୋଷ୍ଠରେ ଅନ୍ୟ କୌଣସି ଅତିଥିଙ୍କୁ ବସିବାର ଲୋକ ନଥିଲେ । ସେ ପହଞ୍ଚିବା ମାତ୍ରେ ଉତ୍ସବ ଆରମ୍ଭ ହୋଇଯାଉଥିଲା । ସେଦିନ ସନ୍ଧ୍ୟାରେ ମୀନାକ୍ଷି ଶେଷାଦ୍ରି ରହୁଥିବା ମାଷ୍ଟରକ୍ୟାଣ୍ଟିନ ଛକ ନିକଟବର୍ତ୍ତୀ ଏକ ତାରକା ହୋଟେଲ ଆଗରେ ତାଙ୍କୁ ଦେଖିବା ପାଇଁ ଏଭଳି ଜନଗହଳି ହୋଇଥିଲା ଯେ, ସେ ସହଜରେ ସେଠାରୁ ବାହାରି ପାରିନଥିଲା । ତେଣୁ ବାଧ ହୋଇ ପୁଲିସ୍ ସହାୟତାରେ ସେ ଓ ତାଙ୍କର ମା' କିଛି ସମୟ ବିଳମ୍ବରେ ଉତ୍ସବରେ ଆସି ପହଞ୍ଚିଥିଲେ । ମଞ୍ଚ ଉପରେ ପହଞ୍ଚିବା କ୍ଷଣି ବିଜୁବାବୁ ମୀନାକ୍ଷିଙ୍କୁ ହସ ହସ ମୁହଁରେ ପ୍ରଶ୍ନ କରିଥିଲେ- ହ୍ୱାଏ ୟୁ ଆର୍ ସୋ ଲେଟ୍ ? ମୀନାକ୍ଷି ହୋଟେଲ ଆଗରେ ଭିଡ଼ କଥା ତାଙ୍କୁ ଜଣାଇ ଦୁଃଖ ପ୍ରକାଶ କରିଥିଲେ । ସିନେକ୍ରିଟିକ୍ ଆସୋସିଏସନ୍ ପକ୍ଷରୁ ମୀନାକ୍ଷି ଓ ତାଙ୍କ ମା'ଙ୍କ ପାଇଁ ଦୁଇଟି ସମ୍ବଲପୁରୀ ଶାଢ଼ୀକୁ ବନ୍ଧା ହୋଇଥିବା ପ୍ୟାକେଟକୁ ବିଜୁବାବୁ ନିଜେ ଖୋଲି ଦୁହିଁଙ୍କୁ ପ୍ରଦାନ କରିଥିଲେ । ତା' ପରଦିନ ସେହିଶାଢ଼ୀ ପିନ୍ଧି ପୁରୀକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଲାଗି ମୀନାକ୍ଷିଙ୍କୁ କହିଥିଲେ । ପୁରୀରେ ତାଙ୍କୁ ସବୁ ପ୍ରକାର ସୁରକ୍ଷା ଯୋଗାଇ ଦେବାକୁ ଆମ ଉତ୍ସବରେ ଉପସ୍ଥିତ ଥିବା ପୁରୀର ତତ୍କାଳୀନ ଜିଲ୍ଲାପାଳ ପ୍ରଫୁଲ୍ଲ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ତାଙ୍କ ନିର୍ଦ୍ଦେଶ ମୁତାବକ ପରଦିନ ମୀନାକ୍ଷି ଓ ତାଙ୍କ ମା' ପୁରୀକୁ ପରିଦର୍ଶନରେ ଯିବାବେଳେ ଶ୍ରୀମନ୍ଦିର ଭିତରେ ଓ ବାହାରେ ଏବଂ ସମୁଦ୍ରକୂଳ ହୋଟେଲଠାରେ ସେମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ନିଜେ ଜିଲ୍ଲାପାଳ ତଦାରଖ କରିଥିଲେ ।

ଆଉ ଦିନକର କଥା । ସମ୍ଭବତଃ ୧୯୯୪ ମସିହା ଜାନୁଆରୀ ଶେଷ ସପ୍ତାହ । ସିନେକ୍ରିଟିକ ପୁରସ୍କାର ପ୍ରଦାନ ସହ ପ୍ରସିଦ୍ଧ ଅଭିନେତା ତଥା ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦଙ୍କ ଚଳଚ୍ଚିତ୍ର ଜୀବନର ରୌପ୍ୟ ଜୟନ୍ତୀ ପାଳନ କରିବା ଲାଗି ସ୍ଥିର ହେଲା । ସବୁଥର ଭଳି ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ସଚିବାଳୟ ପ୍ରକୋଷ୍ଠରେ ଭେଟି ନିମନ୍ତ୍ରଣ କରିବାକୁ ଆମ ସଭାପତି ପ୍ରଦୋଷ ପଟ୍ଟନାୟକ ଓ ମୁଁ ଯାଇଥିଲୁ । ବିଜୁବାବୁ ଚିଠିଟି ପଢ଼ି ତା' ଉପରେ ଓକେ ଲେଖି ବ୍ୟକ୍ତିଗତ ସଚିବ ଗୌରବମୋହନ ଷଡ଼ଙ୍ଗୀଙ୍କ ହାତରେ ଧରାଇ ଦେଲେ । ଆମେ ଖୁସିରେ ତାଙ୍କ ପ୍ରକୋଷ୍ଠରୁ ବାହାରି ଆସୁଛୁ, ହଠାତ୍ ପଛରୁ ଡାକି ପଚାରିଲେ- what is the prasanta Nanda silver Night ? who is prasanta Nanda ? why this silver Night ? ତା' ପରେ ଆମେ ବିଜୁ ବାବୁଙ୍କୁ ଓଡ଼ିଆ ଚଳଚ୍ଚିତ୍ରର ଜଣେ ଆଗଧାଡ଼ିର ବ୍ୟକ୍ତିତ୍ୱ ପ୍ରଶାନ୍ତ ନନ୍ଦଙ୍କ ସମ୍ପର୍କରେ ସବୁ ବିଷୟ ଜଣାଇଲୁ । ତାଙ୍କ ଚଳଚ୍ଚିତ୍ର ଜୀବନରେ ୨୫ ବର୍ଷ ପୂରି ଯାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବାକୁ ଏହି ଉତ୍ସବ ଆୟୋଜିତ ହେଉଛି ବୋଲି ଜଣାଇଲୁ । ଏଥିସହିତ ଓଡ଼ିଆପ୍ରାଣ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଭାବିତ କରିବା ଲାଗି ଏକ ଉପାୟ ସ୍ଥିର କରି ପ୍ରଦୋଷ ଭାଇ ପ୍ରଶାନ୍ତ ନନ୍ଦ କିଭଳି ମହାନ୍ ଓଡ଼ିଆ ବୀର ଖାରବେଳଙ୍କ ଉପରେ ଏକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯାଉଛନ୍ତି, ତାହାର ସୂଚନା ଦେଇଥିଲେ । ସତକୁ ସତ ଏହିକଥା ପଦକ ବିଜୁ ବାବୁଙ୍କୁ ଖୁବ୍ ଆନନ୍ଦ ଦେଇଥିଲା ଏବଂ ସେ ଆହୁରି ଖୁସି ହୋଇ ଉତ୍ସବକୁ ଆସିବେ ବୋଲି କହିଥିଲେ । ଆଗକୁ ଆସୁଥିବା ରାଜ୍ୟସଭା ନିର୍ବାଚନରେ ଜନତା ଦଳର ପ୍ରାର୍ଥୀ ଚୟନ ନେଇ ବରିଷ୍ଠ ମନ୍ତ୍ରୀ ଓ ଦଳୀୟ ନେତାମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିମଗ୍ନ ଥିଲେ । ତାହାର ଭିତରେ ଉତ୍ସବ ବିଷୟ ସେ ପୁରାପୁରି ଭୁଲି ଯାଇଥିଲେ । ରବୀନ୍ଦ୍ର ମଣ୍ଡପରେ ତାଙ୍କର ପହଞ୍ଚିବାରେ ବିଳମ୍ବ ଦେଖି ଆମେ ତିନିଜଣ ନବାଗତା କଳାକାରଙ୍କୁ ବିଜୁବାବୁଙ୍କ ପାଛୋଟି ଆଣିବା ପାଇଁ ସଚିବାଳୟ ପଠାଇଲୁ । ସେମାନେ ତାଙ୍କ ପ୍ରକୋଷ୍ଠରେ ସିଧା ପ୍ରବେଶ କରି ପ୍ରଣାମ କରିବା ସହ ବିଜୁବାବୁଙ୍କୁ ଉତ୍ସବ ସ୍ଥଳକୁ ନେଇଆସିବା ପାଇଁ ଉଦ୍ୟମ କରିଥିଲେ । ତା'ପରେ ବିଜୁବାବୁ ହସି ହସି ଦଳୀୟ ସଭାପତି ଅଶୋକ ଦାସଙ୍କୁ ବୈଠକର ଦାୟିତ୍ୱ ନ୍ୟସ୍ତ କରି ଚଳଚ୍ଚିତ୍ର ଉତ୍ସବକୁ ଚାଲିଆସିଲେ । ସେଦିନର ଉତ୍ସବରେ ଜଣେ କଳାକାର ଅନ୍ୟ ଜଣେ କଳାକାରଙ୍କୁ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିବେ ବୋଲି ଆମେ ପୂର୍ବରୁ ସ୍ଥିର କରିଥିବା ଶୁଣି ବିଜୁବାବୁ ବିରକ୍ତ ହୋଇ ନିଜେ ସବୁ ପୁରସ୍କାର ବାଣ୍ଟିବେ ବୋଲି କହିଥିଲେ ଏବଂ ଉତ୍ସବରେ ଦୁଇଘଣ୍ଟା ଧରି ଉପସ୍ଥିତ ଥିଲେ । ସେଦିନ ଉତ୍ସବରେ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ପ୍ରଶାନ୍ତ ନନ୍ଦ ଖାରବେଳଙ୍କ ଉପରେ ଚଳଚ୍ଚିତ୍ର ନିର୍ମାଣ କରୁଥିବା ଜାଣି ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରଶଂସାରେ ପୋତି ପକାଇ ସବୁ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ । କଳିଙ୍ଗ ସମ୍ରାଟ ଖାରବେଳଙ୍କୁ ବୀରତ୍ୱ ଓ ସାହସ ବିଜୁ ପଟ୍ଟନାୟକଙ୍କୁ କିପରି ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ କରିଥିଲା, ସେଦିନ ଉତ୍ସବରେ ତାହା ପ୍ରତିଫଳିତ ହୋଇଥିଲା ।

(କ୍ରମଶଃ)


+ସମ୍ପାଦକ, ଓଡ଼ିଆ ସିନେକ୍ରିଟିକ୍ ଆସୋସିଏସନ୍
ବଡ଼ଗଡ଼, ଭୁବନେଶ୍ୱର-୧୮


## ଚଉକା ମାରିଲେ ଦିଲ୍ଲୀପ



ସିଙ୍ଗଲ୍ କି ଡବଲ୍ ନୁହେଁ, ଏକାବେଳକେ ଚଉକା ମାରିଛନ୍ତି ଏସ୍ ଦିଲ୍ଲୀପ ପଣ୍ଡା । ହଁ, ଆମେ ଏଠି ଓଡ଼ିଆ ଚଳଚ୍ଚିତ୍ର ଜଗତର ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡାଙ୍କ କଥା କହୁଛେ । ଏକାଥରକେ ଚାରି ଚାରିଟି ଫିଲ୍ମର ନିର୍ଦ୍ଦେଶନା ହାତକୁ ନେଇ ଚହଳ ପକାଇଛନ୍ତି ଦିଲ୍ଲୀପ । ଦିଲ୍ଲୀପଙ୍କ ନିର୍ଦ୍ଦେଶନାରେ ନିର୍ମାଣଧୀନ ଏହି ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ରହିଛି- 'ପ୍ରେମ ସାଥୀ', 'ଆସିବ ବର ତୋର', 'ଲାଗେ ପ୍ରେମ ନଜର' ଓ 'ହନିମୁନ୍' । ଚାରୋଟି ଚଳଚ୍ଚିତ୍ରରୁ ତିନୋଟିର ସଂଳାପ ଲେଖିଛନ୍ତି ଡ. ରଜନୀ ରଂଜନ । ଏନ୍‌ଆର ଫିଲ୍ମସ୍ ବ୍ୟାନରରେ ନିର୍ମାଣ ଚାଲିଛି 'ପ୍ରେମ ସାଥୀ' । ଏ ଫିଲ୍ମର ପ୍ରଯୋଜକ ଅଛନ୍ତି ଜଗନ୍ନାଥ ପାଣି ଓ ସତ୍ୟବ୍ରତ ଜେନା । କାହାଣୀ ଲେଖିଛନ୍ତି ସଂଜୟ ଭଟ୍ଟ । ଦ୍ୱିତୀୟ ଫିଲ୍ମ 'ଆସିବ ବର ତୋର'ର ପ୍ରଯୋଜନା କରୁଛନ୍ତି ପଣ୍ଡା ବ୍ରଦର୍ସ । ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର । ବିଡିଆର ଫିଲ୍ମସ୍ ବ୍ୟାନରରେ ଏହାର ନିର୍ମାଣ ଚାଲିଛି । ସେହିପରି 'ଲାଗେ ପ୍ରେମ ନଜର' ନିର୍ମାଣ ଚାଲିଛି ' ବ୍ଲୁ ଆଇଜ୍ ଏଣ୍ଟରଟେନ୍‌ମେଂଟ ବ୍ୟାନରରେ । ଏ ଫିଲ୍ମର ପ୍ରଯୋଜକ ମିଷ୍ଟର ବ୍ୟୋମକେଶ । ଷ୍ଟୋରୀ ଲେଖିଛନ୍ତି ଖଗେଶ୍ୱର ଶେଯଜପଡ଼ା ଓ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ । ସଂଳାପ ଲେଖିଛନ୍ତି ଚିନ୍ମୟଦାସ ପଟ୍ଟନାୟକ । ଶେଷ ଫିଲ୍ମ 'ହନିମୁନ୍' ତିଆରି ହେଉଛି ସରୋଜିନୀ ଫିଲ୍ମସ୍ ବ୍ୟାନରରେ ଓ ପ୍ରଯୋଜନା କରୁଛନ୍ତି ରାଜ୍ । ଏ ସମସ୍ତ ଚଳଚ୍ଚିତ୍ରର କ୍ରିଏଟିଭ୍ ହେଡ୍ ଦାୟିତ୍ୱ ତୁଲାଉଛନ୍ତି ପ୍ରଣୟ ଜେଠୀ । ତେବେ କରୋନାର ଆତଙ୍କ, କଟକଣା ଯୋଗୁଁ ନାନା ପ୍ରତିବନ୍ଧକ ସାମ୍ନା କରିବାକୁ ପଡୁଥିଲେ ହେଁ ସେସବୁକୁ ଚ୍ୟାଲେଂଜ ଭାବରେ ନେଇ ଦିଲ୍ଲୀପ କାମରେ ଲାଗିଛନ୍ତି । ଦିଲ୍ଲୀପଙ୍କ ଏହି ପରିଶ୍ରମୀ ଫଳବତୀ ହେବ ଓ ଚାରୋଟିଯାକ ସିନେମାକୁ ଦର୍ଶକ ପସନ୍ଦ କରିବେ ବୋଲି ଆଶା କରିଛନ୍ତି ସେ । ଉଲ୍ଲେଖଯୋଗ୍ୟ, ଏ ସମସ୍ତ ସିନେମା ମୁଖ୍ୟସ୍ରୋତର ଓ ପ୍ରେକ୍ଷାଳୟରେ ରିଲିଜ୍ କରାଯିବା ଲକ୍ଷ୍ୟରେ ହିଁ ନିର୍ମାଣ କରାଯାଉଛି । ଜଣାଯାଉଛି, ନୂଆବର୍ଷ ଦିଲ୍ଲୀପ ଓ ତାଙ୍କ ପ୍ରଶଂସକଙ୍କ ପାଇଁ ଖୁବ୍ ଲକି ସାବ୍ୟସ୍ତ ହୋଇଛି ।

## ସନ୍ନି ଲିଓନକୁ କପି କଲେ ଜାହ୍ନବୀ !



ବି-ଟାଉନ ଅଭିନେତ୍ରୀମାନେ ବେଳେ ବେଳେ ନିଜ ଷ୍ଟାଇଲ ଏବଂ ଡ୍ରେସିଂ ସେନ୍ସକୁ ନେଇ କପି କରିଥାନ୍ତି । ଏଥିପାଇଁ ସେମାନଙ୍କ ଉପରେ କପି-କ୍ୟାଟ୍ ଟ୍ୟାଗ୍ ମଧ ଲାଗେ । ଅନ୍ୟ ଅଭିନେତ୍ରୀଙ୍କୁ କପି କରୁଥିବା ଅଭିଯୋଗ ମଧ ଉଠେ । ତେବେ ବଲିଉଡରେ ଏହା ବେଶ ସାଧାରଣ କଥା । ନିକଟରେ ଅଭିନେତ୍ରୀ ଜାହ୍ନବୀଙ୍କ ନିକଟରେ ଏଭଳି କିଛି ଘଟଣା ଘଟିଛି । ସେ ଅଭିନେତ୍ରୀ ସନ୍ନି ଲିଓନିଙ୍କୁ କପି କରିଛନ୍ତି । ଗତ କିଛି ଦିନ ତଳେ ସନ୍ନି ଲିଓନି କ୍ରିକେଟ ଖେଳୁଥିବାର ଏକ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା । ଏବେ ଜାହ୍ନବୀ ମଧ ତାଙ୍କୁ କପି କରି କ୍ରିକେଟ ଖେଳୁଥିବା ଦେଖିବାକୁ ମିଳିଛି । ଚଣ୍ଡିଗଡରେ ତାଙ୍କ ଅପକମିଂ ଫିଲ୍ମ 'ଗୁଡ ଲକ୍ ଜେରୀ'ର ଶୁଟିଂ ସେଟରେ ସେ ସାଲଓ୍ୱାର ପିନ୍ଧି ହାତରେ ବେଟ୍ ଧରି ବ୍ୟାଟିଂ କରୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି । ଏହି ଭିଡିଓକୁ ନିଜେ ଜାହ୍ନବୀ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶେଆର କରିଛନ୍ତି, ଯାହା ସୋଶାଲ ମିଡିଆରେ ଖୁବ୍ ଜୋରସୋରରେ ଭାଇରାଲ ହେବାରେ ଲାଗିଛି । ଶୁଟିଂର ଫ୍ରି-ଟାଇମରେ ଜାହ୍ନବୀ ଫିଲ୍ମର କ୍ରୁ ମେମ୍ବରଙ୍କ ସହ କ୍ରିକେଟ ଖେଳୁଥିବା ନଜର ଆସିଛନ୍ତି । ଗତ କିଛି ଦିନ ତଳେ ବି-ଟାଉନର ହଟ୍ ଅଭିନେତ୍ର ସନ୍ନି ଲିଓନୀ କେରଳରେ ସ୍ପିଲ୍ଟଭିଲ୍ଲାର ଶୁଟିଂ ବେଳେ କ୍ରିକେଟ ଖେଳିବାର ମଜା ଉଠାଇଥିଲେ । ଏହି ଭିଡିଓକୁ ସେ ଇନଷ୍ଟାଗ୍ରାମରେ ଶେଆର କରି କ୍ୟାପସନରେ ଇଂଲଣ୍ଡ ବିପକ୍ଷରେ ଇଣ୍ଡିଆନ ଟିମରେ ଖେଳିବା ପାଇଁ ଇଷାରା କରିଥିଲେ । ସିଦ୍ଧାର୍ଥ ସେନଗୁପ୍ତାଙ୍କ ନିର୍ଦ୍ଦେଶନାରେ ତିଆରି ଫିଲ୍ମ 'ଗୁଡ୍ ଲକ୍ ଜେରୀ'ର ଲିଡ୍ ରୋଲରେ ଜାହ୍ନବୀ କପୁର ଥିବାବେଳେ ତାଙ୍କ ଅପୋଜିଟରେ ଦୀପକ ଡୋବ୍ରିଆଲ, ମିତା ବଶିଷ୍ଟ, ନିରଜ ସୁଦ ଏବଂ ସୁଶାନ୍ତ ସିଂହ ପ୍ରମୁଖ ଅଛନ୍ତି ।

## ତାପସୀଙ୍କ 'ଲୁପ୍ ଲପେଟା'



ସାମ୍ନାକୁ ଆସିଲା ବଲିଉଡ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ଅପକମିଂ ଫିଲ୍ମ 'ଲୁପ୍ ଲପେଟା'ର ଫାଷ୍ଟ ଲୁକ୍ । ଏହାକୁ ତାପସୀ ନିଜେ ତାଙ୍କ ଇନଷ୍ଟାଗ୍ରାମରେ ଶେଆର କରିଛନ୍ତି, ଯାହାକୁ ତାଙ୍କ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି । ନିକଟରେ ଫିଲ୍ମ 'ରଶ୍ମି ରକେଟ' ଶୁଟିଂ ସରିଛି । ଏହା ପରେ ଏବେ ସେ 'ଲୁପ ଲପେଟାକ୍' ପାଇଁ ଶୁଟିଂ ଆରମ୍ଭ କରିଦେଇଛନ୍ତି । ତାପସୀ ଶେଆର କରିଥିବା ଫଟୋରେ ସେ ଗ୍ରୀନ୍ ଟି- ସାର୍ଟ ଏବଂ ବ୍ଲାକ୍ ସର୍ଟସ୍‌ରେ ନଜର ଆସିଛନ୍ତି । ଏହା ସହିତ କଳା ରଙ୍ଗର ଜୋତା ମଧ ପିନ୍ଧିଛନ୍ତି ତାପସୀ । ଖୁବ କମ ମେକଅପ୍ ଏବଂ ହାଇ ବନ୍ ଦ୍ୱାର ଅଭିନେତ୍ରୀ ତାଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି । ସେ ଟଏଲେଟ୍ ?ର କମୋଡ଼ ଉପରେ ବସି ହାତରେ କାଗଜ ଧରିଥିବା ଦେଖିବାକୁ ମିଳିଛି । ଫଟୋ ସେୟାର କରି ତାପସି ଲେଖିଛନ୍ତି- 'ଜୀବନରେ ବେଳେବେଳେ ଏମିତି ସମୟ ଆସେ, ଯେତେବେଳେ ଆମ ନିଜକୁ ଏହି ପ୍ରଶ୍ନ ପଚାରିବାକୁ ପଡିଥାଏ, ଏହାକୁ କେମିତି ଶେଷ କରିବି ଫିଲ୍ମ 'ଲୁପ୍ ଲପେଟା ।' ୧୯୯୮ରେ ରିଲିଜ ହୋଇଥିବା ଜର୍ମାନୀ ଫିଲ୍ମ 'ରନ୍ ଲୋଲା ରନ୍'ର ରିମେକ୍ । ଏହି ଫିଲ୍ମରେ ତାପସୀଙ୍କ ଅପୋଜିଟ୍‌ରେ ପ୍ରଥମ କରି ତାହିର ରାଜ୍ ଭସିନ୍ ନଜର ଆସିବେ । ଗୋଆରେ ଏବେ ଏହି ଫିଲ୍ମର ଶୁଟିଂ ଚାଲିଛି । ଆକାଶ ଭାଟିୟା ଏହି ଫିଲ୍ମରେ ନିର୍ଦ୍ଦେଶନା ଦେଇଛନ୍ତି । ଏହା ବ୍ୟତୀତ ତାପସୀ ଆଗକୁ 'ରଶ୍ମି ରକେଟ୍', କ୍ରିକେଟର ମିତାଲି ରାଜଙ୍କର 'ସାବାସ ମିତୁ' ଏବଂ 'ହସିନ୍ ଦିଲରୁବା'ରେ ମଧ ନଜର ଆସିବେ ।

## କରଣଙ୍କ ସହ ୧୦୦ କୋଟିର ଡିଲ୍ କଲେ ବିଜୟ



ଖୁବଶୀଘ୍ର ବଲିଉଡରେ ଡେବ୍ୟୁ କରିବେ ସାଉଥ ସୁପରଷ୍ଟାର ତଥା 'ଅର୍ଜୁନ ରେଡ୍ଡି' ଫେମ୍ ବିଜୟ ଦେବରକୋଣ୍ଡା । ପୁରୀ ଜଗନ୍ନାଥଙ୍କ ନିର୍ଦ୍ଦେଶିତ କରଣ ଜୋହରଙ୍କ ପ୍ରଡକ୍ସନ୍ 'ଲାଇଗର'ରେ ବିଜୟ ମୁଖ୍ୟ ଭୂମିକାରେ ନଜର ଆସିବେ । ଶୁଣିବାକୁ ମିଳିଛି ଯେ ବିଜୟ କେବଳ କରଣ ଜୋହରଙ୍କ ସହ 'ଲାଇଗର' କରିବେ ନାହିଁ ବରଂ ଆଉ ଦୁଇଟି ଫିଲ୍ମ ମଧ କରିବେ । ଏକକାଳୀନ ତିନୋଟି ଚଳଚ୍ଚିତ୍ରର ପାଇଁ ସେ କରଣଙ୍କ ସହ ଚୁକ୍ତି କରିଛନ୍ତି । ଏଥିପାଇଁ ବିଜୟ ଏବଂ କରଣଙ୍କ ମଧରେ ୧୦୦ କୋଟି ଟଙ୍କାର ଡିଲ୍ ହୋଇଛି । ତିନୋଟି ଫିଲ୍ମ ପାଇଁ କରଣ ବିଜୟଙ୍କୁ ୧୦୦ କୋଟି ଟଙ୍କା ଫିସ ଦେଇଛନ୍ତି । ସୂତ୍ରରୁ ପ୍ରକାଶ ଯେ, "କରଣ ଜୋହର ବିଜୟଙ୍କ ସହ ଏକ ଚୁକ୍ତି କରିଛନ୍ତି । ଏହି ଚୁକ୍ତି ଅନୁସାରେ, କରଣ ବିଜୟଙ୍କୁ ପ୍ରାୟ ୧୦୦ କୋଟି ଟଙ୍କା ଦେବାକୁ ରାଜି ହୋଇଛନ୍ତି । ବିଜୟଙ୍କୁ କରଣଙ୍କ ଧର୍ମା ପ୍ରଡକ୍ସନ୍ସ ବ୍ୟାନରରେ ତିନୋଟି ଚଳଚ୍ଚିତ୍ର କରିବାକୁ ପଡିବ । ସାଉଥ ଫିଲ୍ମ ଅପେକ୍ଷା ବିଜୟଙ୍କ ସହ ଅଧିକ ବଲିଉଡ ଫିଲ୍ମ ତିଆରି କିରବାକୁ ଇଚ୍ଛା ରଖିଛନ୍ତି । ଡିଲ ଅନୁଯାୟୀ ବିଜୟଙ୍କୁ ଏହି ତିନୋଟି ଚଳଚ୍ଚିତ୍ର ଏକାସାଙ୍ଗରେ କରିବାକୁ ପଡିବ ନାହିଁ । ଫ୍ରି ଟାଇମ ମିଳିଲେ ସେ କରଣଙ୍କ ସହ ଏହି ପ୍ରୋଜେକ୍ଟରେ କାମ କରିପାରିବେ ।

## ମହାଶ୍ୱେତାଙ୍କ ପ୍ରେମରେ ପାଗଳ ସମ୍ବିତ



ମହାଶ୍ୱେତାଙ୍କ ପ୍ରେମରେ ପାଗଳ ହୋଇଯାଇଛନ୍ତି ଓଲିଉଡ ଅଭିନେତା ସମ୍ବିତ । ୨୫ ବର୍ଷ ବୟସରେ ଭଲ ପାଉଛନ୍ତି ଜଣେ ୫୨ ବର୍ଷୀୟ ବୟସ୍କାଙ୍କୁ । ତାଙ୍କୁ ପାଇବା ପାଇଁ ଆପଣାଇଛନ୍ତି ବିଭିନ୍ନ ଉପାୟ । ତେବେ ସମ୍ବିତ ତାଙ୍କ ଡାର୍ଲିଙ୍ଗକୁ ବୁଢ଼ା ହୋଇ ପ୍ରେମ କରିବେ ନା ଟୋକା ହୋଇ, ତାହା ଜାଣି ପାରୁନାହାନ୍ତି । ପ୍ରକୃତ ଜୀବନରେ ନୁହେଁ, ପରଦାରେ ଦେଖିବାକୁ ମିଳିବ ମହାଶ୍ୱେତା ଓ ସମ୍ବିତଙ୍କ ଏଭଳି କିଛି ପ୍ରେମ କାହାଣୀ । ଏହି ଫିଲ୍ମକୁ ନେଇ ଅଭିନେତା ସମ୍ବିତ ବେଶ ଉତ୍ସାହିତ ଅଛନ୍ତି । ସେ କହିଛନ୍ତି, ବାହା ହେବା ପୂର୍ବରୁ ଯେତେ ନୁହେଁ, ବାହା ହେବା ପରେ ଭଲ ପାଇବା ନିହାତି ଜରୁରୀ । ଫିଲ୍ମରେ ଅଭିନୟ କରିବାକୁ ସମ୍ବିତକୁ ବହୁ କଷ୍ଟ କରିବାକୁ ପଡିଛି । ତାଙ୍କୁ ଟୋକାରୁ ବୁଢ଼ା ଗେଟଅପ୍ ନେବା ପାଇଁ ଦେଢ଼ ଘଣ୍ଟାରୁ ଅଧିକ ସମୟ ଲାଗୁଥିଲା । ଏହା ତାଙ୍କ ପାଇଁ ଏକ ଭଲ ଅଭିଜ୍ଞତ । ଭାଗ୍ୟରେ ଥିଲେ ଏଭଳି ଭୂମିକା ମିଳେ ବୋଲି ସମ୍ବିତ କହିଛନ୍ତି ।

ନୂଆ ବର୍ଷରେ ତରଙ୍ଗ ସିନେ ପ୍ରଡକ୍ସନ ଭେଟି ଦେବାକୁ ଯାଉଛି ନୂଆ ଫିଲ୍ମ । ଏହି ଫିଲ୍ମର ଟାଇଟଲ ରହିଛି 'ଚୁମ୍‌କି ମାଇଁ ଡାର୍ଲିଙ୍ଗ' । ଫିଲ୍ମରେ ଦର୍ଶକ ଏକ ନୂଆ ଯୋଡି ସହ ଏକ ନୂଆ କାହାଣୀ ଦେଖିବାକୁ ପାଇବେ । ଫିଲ୍ମର ଲିଡ୍ ରୋଲରେ ସମ୍ବିତ ଆଚାର୍ଯ୍ୟ, ପିଆଲି ଦାସ, ମହାଶ୍ୱେତା ରାୟ, ପ୍ରଦ୍ୟୁମ୍ନ ଲେଙ୍କା, ଓ ପୁଷ୍ପା ପଣ୍ଡା ପ୍ରମୁଖ ଅଛନ୍ତି । ନିର୍ଦ୍ଦେଶନା ଦାୟିତ୍ୱରେ ସୁଧାଂଶୁ ମୋହନା ସାହୁ ଥିବା ବେଳେ ପ୍ରଯୋଜନା ଦାୟିତ୍ୱରେ ପ୍ରଦ୍ୟୁମ୍ନ ଲେଙ୍କା ଅଛନ୍ତି । କାହାଣୀ ଓ ଚିତ୍ରନାଟ୍ୟ ଭାର ସମ୍ଭାଳିଛନ୍ତି ଦେବୀ ଦତ୍ତ ମହାନ୍ତି । ଫିଲ୍ମର ମ୍ୟୁଜିକ ନିର୍ଦ୍ଦେଶନା ଦାୟିତ୍ୱରେ ଅଭିଜିତ ମଜୁନଦାର ଅଛନ୍ତି । ଭିନ୍ନ ଏକ କାହାଣୀକୁ ନେଇ ଆଧାରିତ ଏହି ଫିଲ୍ମଟି ଦର୍ଶକଙ୍କ ନିଶ୍ଚିତ ରୂପେ ମନ ଜିଣିପାରିବ ବୋଲି ପୁରା ଷ୍ଟାରକାଷ୍ଟ ଆଶା ରଖିଛନ୍ତି ।



## ସଫଳ ଅଭିନେତା ଓ କଣ୍ଠଶିଳ୍ପୀ ଗୋବର୍ଦ୍ଧନ ରଣା

ଓଡ଼ିଶାର କଳା ସଂସ୍କୃତି କ୍ଷେତ୍ରରେ ସଫଳ ଅଭିନେତା ଓ କଣ୍ଠଶିଳ୍ପୀ ଗୋବର୍ଦ୍ଧନ ରଣାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ସେ ଏକାଧାରରେ ଅଭିନେତା, ବାଦ୍ୟକାର, କଣ୍ଠଶିଳ୍ପୀ, ପାଲାଗାୟକ, ଯାତ୍ରା ଅଭିନେତା ଓ ଦକ୍ଷ ସଂଗଠକ, ସୁନ୍ଦର ଓ ମନଛୁଆଁ ଅଭିନୟ କରି ସେ ଅତୀତରେ ହଜାର ହଜାର ଦର୍ଶକ ବନ୍ଧୁମାନଙ୍କୁ ମନ୍ତ୍ରମୁଗ୍ଧ କରି ପାରିଥିଲେ । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅର୍ନ୍ତଗତ ଚୁଡ଼ାମଣି ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ବର୍ତ୍ତମାନ ନରସିଂହପୁର ପଂଚାୟତର ଜୟପୁର ଗ୍ରାମରେ ପରିବାର ବର୍ଗଙ୍କ ସହିତ ସେ ବାସ କରୁଛନ୍ତି । ତାଙ୍କର ପରିବାରରେ ସମସ୍ତେ କଳାପ୍ରେମୀ ମଣିଷ । ଭଜନ ସମ୍ରାଟ ଭିକାରୀ ବଳ, କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲି, କଣ୍ଠଶିଳ୍ପୀ ସୁବାସ ଦାଶଙ୍କ ଭଜନକୁ ଶ୍ରୀ ରଣା ଅନେକ ସମୟରେ ଗାନ କରନ୍ତି । ଓଡ଼ିଶାର ଅନେକ ଜିଲ୍ଲାରେ ଶ୍ରୀ ରଣା ପାଲା ପରିବେଷଣ କ୍ଷେତ୍ରରେ ସୁନ୍ଦର ଭାବେ ବାଦ୍ୟ ବଜାଇଥାନ୍ତି । ହାରମୋନିୟମ, ମୃଦଙ୍ଗ, ତବଲା ଓ ଅନ୍ୟାନ୍ୟ ବାଦ୍ୟ ଶ୍ରୀ ରଣା ବଜାଇଥାନ୍ତି ଓ ସୁନ୍ଦର ଗୀତ ଗାଇଥାନ୍ତି । ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶ୍ରୀ ରଣା ନିଜର କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି । ସେ ରାଜ୍ୟ ସ୍ତରରେ ପୁରସ୍କାର ମଧ୍ୟ ଅନେକ ଲାଭ କରିଛନ୍ତି । ଆଗାମୀ ଯୁବପିଢ଼ି ମାନଙ୍କୁ ସେ ଅନେକ କଳା ଓ କୌଶଳ ଶିଖାଇଥାନ୍ତି । ମା' ତାରିଣୀଙ୍କ ଭଜନ, ଶିବଙ୍କ ଭଜନ ଓ ମହାପ୍ରଭୁ ଜଗନ୍ନାଥଙ୍କ ଭଜନ ଶ୍ରୀ ରଣା ଅନେକ ସମୟରେ ଗାଇଥାନ୍ତି । ହଜାର ହଜାର ଶ୍ରୋତା ତାଙ୍କ କଣ୍ଠରୁ ସୁନ୍ଦର ଗୀତ ଶୁଣିଥାନ୍ତି । 'ମୁନି ସମାଜ'ର ଆଧ୍ୟାତ୍ମିକ ସଂଗଠନରେ ଶ୍ରୀ ରଣା ବାଦ୍ୟ ବଜାଇଥାନ୍ତି ଓ ସଂଗୀତ ମଧ୍ୟ ପରିବେଷଣ କରିଥାନ୍ତି । ଏହି ବରିଷ୍ଠ କଳାକାର ଶ୍ରୀ ରଣାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ । ଓଡ଼ିଶା ସରକାରଙ୍କ ଭତ୍ତା ପାଉଛନ୍ତି ଶ୍ରୀ ରଣା । କିନ୍ତୁ କେନ୍ଦ୍ର ସରକାରଙ୍କ ଭତ୍ତା ମିଳିନାହିଁ । ଯଦି କେନ୍ଦ୍ର ଭତ୍ତା ଶ୍ରୀ ରଣା ପାଆନ୍ତେ ତେବେ ତାଙ୍କ ପରିବାର ଚଳିବାରେ ସୁବିଧା ହୁଅନ୍ତା ବୋଲି ମତପ୍ରକାଶ କରିଛନ୍ତି ଶ୍ରୀ ରଣା । ଭଗବାନ ତାଙ୍କର ମଙ୍ଗଳ କରନ୍ତୁ ।


ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସଂପାଦକ - ରଙ୍ଗରାଗ
ବରଣ୍ଡୁଆ, ବେତଡ଼ା, ଭଦ୍ରକ
ମୋ: ୯୯୩୭୯୭୬୩୫୧

### ଜଟଣୀ ଜଗନ୍ନାଥ ଜମି ପ୍ରସଙ୍ଗ

## ସରକାରଙ୍କ ପ୍ରତିଶ୍ରୁତି ପରେ ସଚିବାଳୟ ଘେରାଉ କାର୍ଯ୍ୟକ୍ରମ ବାତିଲ : ସୁର ରାଉତରାୟ

ଭୁବନେଶ୍ୱର,୪ା୨ (ନି.ପ୍ର): ଜଟଣୀ ଜଗନ୍ନାଥ ଜମି ପ୍ରସଙ୍ଗରେ ଖୁବଶୀଘ୍ର ଅସଲ ଜମିମାଲିକଙ୍କ ନାମକୁ ଜମିର ମାଲିକାନା ସତ୍ୱ ପରିବର୍ତ୍ତନ କରାଯିବ ବୋଲି ସଚିବମାନେ ପ୍ରତିଶ୍ରୁତି ଦେଇଛନ୍ତି। ସରକାର ଜଟଣୀବାସୀଙ୍କ ଏହି ସମସ୍ୟାକୁ ଦୂର କରିବାପାଇଁ ନିଷ୍ପତି ନେଇଥିବାରୁ ମାର୍ଚ୍ଚ ୧ ତାରିଖରେ ହେବାକୁ ଥିବା ସଚିବାଳୟ ଘେରାଉ କାର୍ଯ୍ୟକ୍ରମକୁ ବାତିଲ କରାଗଲା ବୋଲି ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ତେବେ ଆମେ ସରକାରଙ୍କ ଅନୁରୋଧକୁ ରକ୍ଷାକରୁଛୁ । ଯଦି ଫେବୃଆରୀ ୨୦ ଭିତରେ ସରକାର ସଂପୂର୍ଣ୍ଣ ଜମି ଫେରସ୍ତ ନକରନ୍ତି ତେବେ ମାର୍ଚ୍ଚ ୧ ତାରିଖରେ ହେବାକୁ ଥିବା ସଚିବାଳୟ ଘେରାଉ କାର୍ଯ୍ୟ ବଳବତର ରହିବ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ରାଉତରାୟଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ବାସିନ୍ଦାଙ୍କର ଏକ କମିଟି ଗତ ଫେବୃଆରୀ ୧ ତାରିଖରେ ମୁଖ୍ୟ ଶାସନ ସଚିବ, ଡେଭଲପମେଣ୍ଟ କମିଶନର, ରାଜସ୍ୱ ସଚିବ, ଅତିରିକ୍ତ ରାଜସ୍ୱ ସଚିବ, ଆଇନ ସଚିବଙ୍କ ସହିତ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

## ରଫାଦଫା ପାଇଁ ପୁଲିସର ବାରମ୍ବାର ଚାପ, ନ୍ୟାୟ ପାଇଁ ଏସପିଙ୍କୁ ଭେଟିଲେ ଦମ୍ପତି

କୋରେଇ,୪ା୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ବର୍ତମଣା ଗ୍ରାମର ପାଗଳ ମଳିକଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କ ଅଭିଯୋଗ ମୁତାବକ ତାଙ୍କର ପିତା ଅଧିକାରୀ ଯେନା ତାଙ୍କ ମାଆ ଡାଳିଆ ଯେନାଙ୍କୁ ବିବାହ କରି ଘରଜ୍ୱାଇଁ ହୋଇ ରହୁଥିଲେ । ଡାଳିଆର ପିତା ସାଉଁଟିଙ୍କ ନାମରେ ଥିବା ଜମିରେ ଡାଳିଆ ପରିବାର ସହ ରହିଆସୁଅଛି । ବାପା ଅଧିକାରୀ କିଛି ବର୍ଷ ପରେ ବର୍ତମଣା ଗ୍ରାମର ଅନ୍ନପୂର୍ଣ୍ଣା ମଳିକଙ୍କୁ ଦ୍ୱିତୀୟ ବିବାହ କରି ଭଦ୍ରକ ଜିଲ୍ଲା ଝୁଂଟୁଣା (ଯାହାକି ଅଧିକାରୀଙ୍କ ନିଜ ଗୃହ)ରେ ରହୁଥିଲେ । ମାତ୍ର ଅଧିକାରୀଙ୍କ ମୃତ୍ୟୁ ପରେ ଅନ୍ନପୂର୍ଣ୍ଣା ଅନ୍ୟତ୍ର ବିବାହ କରି ସାହାପୁରରେ ରହୁଥିଲେ । ୨୦୧୪ ମସିହାରେ ହଠାତ ଗ୍ରାମକୁ ଫେରି ସମ୍ପତିରୁ ଭାଗ ଦାବି କରିଥିଲେ । ହେଲେ ଗ୍ରାମବାସୀ ମାନେ ଏହାର ବିଚାର କରି ଅନ୍ନପୂର୍ଣ୍ଣା ଅନ୍ୟତ୍ର ବିବାହ କରିଥିବାରୁ ସମ୍ପତିରେ ତାର କୌଣସି ଭାଗ ନାହିଁ ବୋଲି ଶୁଣାଇ ଦେଇଥିଲେ । ମାତ୍ର ଅନ୍ନପୂର୍ଣ୍ଣା ଗ୍ରାମରୁ ଫେରିଯିବା ପରେ ଏବେ ପୁଣି ଗ୍ରାମକୁ ଆସି ସମ୍ପତିର ଭାଗ ଦାବି କରଉଛନ୍ତି । ଏନେଇ ମଧ୍ୟ ଅଦାଲତରେ ମାମଲା ଚାଲୁ ରହିଛି ଓ ଜମିବାଡିରେ ୧୪୪ ଲାଗୁ ରହିଛି । କିନ୍ତୁ ପାଣିକୋଇଲି ପୁଲିସକୁ ପ୍ରଭାବିତ କରି ଜୁଲମ ଜାରି ରହିଛି । ଜୈନିକ ଏଏସଆଇ ସେମାନଙ୍କ କଥାରେ ପଡି ବାରମ୍ବାର ଧମକ ଚମକ, ଗାଳି ଗୁଲଜ ସହ ଥାନାକୁ ଡାକି ଓ ଘରକୁ ଯାଇ ସମ୍ପତି ଭାଗ କରିବାକୁ ବାଧ୍ୟ କରୁଛନ୍ତି । ଫଳରେ ରାତ୍ରୀରେ ପୁଲିସ ଶୁଆଇ ଦେଉନି । ଜମିଭାଗ ଦେବାକୁ ଧମକ ସହ ରାତ୍ରୀରେ ଉଠାଇଆଣିବାର ଧମକ ମଧ୍ୟ ଦେଉଛନ୍ତି । ଅଦାଲତ ନିଷ୍ପତି ଅନୁଯାୟୀ ଭାଗ ହେବ ବୋଲି କହିଲେ ମଧ୍ୟ ଉକ୍ତ ପୁଲିସ ଅଧିକାରୀ (ଏଏସଆଇ) ଶୁଣିବାକୁ ନାରାଜ । ବାରମ୍ବାର ପୁଲିସ ଜୁଲମ ପ୍ରତିବାଦରେ ଲକ୍ଷ୍ମୀ ଓ ପାଗଳ ଏସପି ରାହୁଲ ପିଆରଙ୍କୁ ଭେଟି ନିରପେକ୍ଷ ତଦନ୍ତ ଓ ପୁଲିସ ଜୁଲମରୁ ରକ୍ଷା ପାଇଁ ଗୁହାରୀ ଜଣାଇଛନ୍ତି ।

## କାର ପଛରେ ଟ୍ରକ ଧକ୍କା, ଜଣେ ଗରୁତର

କୋରେଇ,୪ା୨ (ନି.ପ୍ର): ଏକ କାରକୁ ଟ୍ରକ ଧକ୍କା ଦେବା ଫଳରେ ଆଗରେ ଯାଉଥିବା କଂଟେନର ସହ କାର ଧକ୍କା ହେବାରୁ ଜଣେ ଗରୁତର ହୋଇଛି । ପ୍ରକାଶଯେ ବୁଧବାର ରାତ୍ରୀରେ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଟୋଲ ପ୍ଲଜା ନିକଟରେ ଏକ ଏଟିକା କାର(ଓଡି୦୨ଏଟି୪୫୪୬) ପଛରେ ଏକ ଟ୍ରକ ଧକ୍କା ଦେଇଥିଲା । ଫଳରେ କାରଟି ଆଗରେ ଥିବା କଂଟେନରରେ ଧକ୍କା ଖାଇଥିଲା ।

## ବିଜେପି ଯୁବମୋର୍ଚ୍ଚାରେ ପାଟକୁରାର ୪ ଯୁବକଙ୍କୁ ଦାୟିତ୍ୱ

କେନ୍ଦ୍ରାପଡ଼ା,୪ା୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ଯୁବମୋର୍ଚ୍ଚାର ନୂଆ ଟିମ୍ ଘୋଷଣା କରାଯାଇଛି । ଏହି ଟିମ୍‌ରେ ୪ଜଣ ଯୁବ କାର୍ଯ୍ୟକର୍ତାଙ୍କୁ ନୂତନ ଭାବେ ଦାୟିତ୍ୱ ଦିଆଯାଇଛି । ସଂପାଦକ ଭାବେ ଚିତ ରଞ୍ଜନ ଜେନା,କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅବିନାଶ ସ୍ୱାଇଁ,ପ୍ରଦିପ କୁମାର ମହାପାତ୍ର,ମାନସ ରଞ୍ଜନ ଦାସଙ୍କୁ ସ୍ଥାନ ଦିଆଯାଇଛି । ଏହି ୪ଜଣ ଯୁବ କର୍ମକର୍ତା ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା, ପାଟକୁରା ର ବିଧାୟକ ପାର୍ଥୀ ବିଜେପିର ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା,ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ,ରାଜ୍ୟ ଯୁବ ସଭାପତି ଇରାଶିଷ ଆଚାର୍ଯ୍ୟ,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିନ୍ଦୁସାଗର ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ମନରେଗା ଯୋଜନାରେ ଦୁର୍ନୀତିର ଗନ୍ଧ : ତଦନ୍ତ ଆବଶ୍ୟକ

କେନ୍ଦୁଝର,୪ା୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ବ୍ଲକରେ ଚାଲିଥିବା ମନରେଗା ଯୋଜନାରେ ବ୍ୟାପକ ଅନିୟମିତତା ସଂପର୍କରେ ପ୍ରାୟତଃ ଅଧିକାଂଶ ସମୟରେ କେବଳ ବିଭିନ୍ନ ସଂବାଦ ପତ୍ରର ପୃଷ୍ଠା ମଣ୍ଡନ କରୁନାହିଁ ବରଂ ଅଭିଯୋଗ ପତ୍ରମାନ ଜିଲ୍ଲା ମୁଖିଆଙ୍କ ନିକଟକୁ ଆସୁଛି । କିନ୍ତୁ ସଂପୃକ୍ତ ଅଭିଯୋଗ ଗୁଡିକ ସତ୍ୟତା ସଂପର୍କରେ କେତେ ତଦନ୍ତ ହେଉଛି କିମ୍ବା ହେଉନାହିଁ ସେ ସଂପର୍କରେ ପ୍ରାୟତଃ ସମସ୍ତେ ଅଜ୍ଞ ରହୁଛନ୍ତି। ଅନେକ ସମୟରେ ଅଭିଯୋଗ ଗୁଡିକୁ ମଧ୍ୟ ଚପାଇ ଦିଆଯାଉଛି । କେନ୍ଦୁଝର ଦେଖିବାକୁ ମିଳୁଛି। ଅନିୟମିତତାରେ ପ୍ରମୁଖ ସହଯୋଗକାରୀ ସାଜିଛନ୍ତି କେତେକ ଜବକାର୍ଡଧାରୀ। ସଂପୃକ୍ତ ଜବକାର୍ଡଧାରୀମାନେ କାମକୁ ଯାଉ ନାହାଁନ୍ତି, ହେଲେ ମଷ୍ଟରରୋଲ ସେମାନଙ୍କ ନାମରେ ତିଆରି ହେଉଛି । ସେମାନେ ଦସ୍ତଖତ ଦେଉଛନ୍ତି, ଟଙ୍କା ବ୍ୟାଙ୍କ ଖାତାକୁ ଆସୁଛି । ଏ କ୍ଷେତ୍ରରେ କାମ ନ କରି ଅଧା ମଜୁରୀ ଟଙ୍କାରେ ଜବକାର୍ଡଧାରୀ ମାନେ ସନ୍ତୁଷ୍ଟ ହେଉଥିବା ଲକ୍ଷ୍ୟ କରାଯାଉଛି । ଝୁମ୍ପୁରା ବ୍ଲକରେ ଏଭଳି କାମ ବେଶ ଜୋରସୋର ଚାଲିଥିବା ଜଣା ପଡିଛି। ଏହା ପରେ ପ୍ରକଳ୍ପ ଗୁଡିକରେ ସାମଗ୍ରୀ ପାଇଁ ହେଉଥିବା ବ୍ୟୟବରାଦରେ ମଧ୍ୟ ବ୍ୟାପକ ଅନିୟମିତତା ହେଉଥିବା ଲୋକ ଲୋଚନକୁ ଆସିଛି । ଝୁମ୍ପୁରା ବ୍ଲକର ଜଙ୍ଗଲାଂଚଳରେ ଅବସ୍ଥିତ କୁଟୁଗାଁ ଗ୍ରାମ ପଂଚାୟତ ର ଅଭିଯୋଗ ପରେ ନିର୍ଶିନ୍ତପୁର ଗ୍ରାମ ପଂଚାୟତରେ ମନରେଗା ଯୋଜନା ଅନିୟମିତତା ସଂପର୍କରେ ଅଭିଯୋଗ ଆସିଛି। ନିର୍ଶିନ୍ତପୁର ଗ୍ରାମ ପଂଚାୟତର ସାନହୁଣ୍ଡୁଳା ଗ୍ରାମର ଜଙ୍ଗଲ ପାର୍ଶ୍ୱକୁ ରହିଛି କାଟାବନ୍ଧ । ବର୍ଷାଦିନରେ ଜଙ୍ଗଲର ପାଣି ଏହି ବନ୍ଧରେ ପଶିଥାଏ ଏବଂ ବନ୍ଧର ଦୁଇ ପାର୍ଶ୍ୱରେ ରହିଥିବା କେନାଲ ଦ୍ୱାରା ପାଣି ବାହାରିଥାଏ। ସୂଚନା ଅନୁଯାୟୀ ଉକ୍ତ କାଟାବନ୍ଧର ପଙ୍କଦ୍ୱାର ପାଇଁ ୨୦୧୯/୨୦ ମସିହାରେ ୧୦ଲକ୍ଷ ଟଙ୍କା ମନରେଗା ଯୋଜନାରେ ବ୍ୟୟ କରାଯାଇ ଥିଲା। ଏବେ ପୁଣି ୨୦୨୦/୨୧ ଆର୍ଥିକ ବର୍ଷରେ ପଙ୍କଦ୍ୱାର ପାଇଁ ବ୍ୟୟ କରାଯାଇଛି ୧୦ଲକ୍ଷ ଟଙ୍କା। ଗତ ବର୍ଷର ସୂଚନା ଫଳକକୁ ରଙ୍ଗମାରି ଲିଭାଯାଇ, ଚଳିତ ବର୍ଷର ମନରେଗା ଯୋଜନା ବ୍ୟୟ ଅଟକଳ ଲେଖାଯାଇଛି । ଅଭିଯୋଗକାରୀ ଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ବନ୍ଧରେ ଆଦୌ ପଙ୍କ ନ ଥିଲା, କେବଳ କିଛି ଜାଗା ମାଟି ଉଠାଯାଇ ବ୍ୟୟ ଅଟକଳ ୧୦ଲକ୍ଷ ଟଙ୍କାରେ ଦଫାରଫା କରି ଦିଆଯାଇଛି । ପୁଣି ସେହି କାଟାବନ୍ଧ ତଳକୁ ଥିବା କେନାଲରେ କେବଳ ପଥର ଖଣ୍ଡକୁ ସଜାଡି ଦେଇ ଅନ୍ୟ ଏକ ପ୍ରକଳ୍ପର ଯୋଜନା କରାଯାଇ ୬ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଏଠାରେ ମଧ୍ୟ ସାମଗ୍ରୀ ଅଂଶରେ ବ୍ୟାପକ ଅନିୟମିତତା ହେବା ଅଭିଯୋଗ ହୋଇଛି ।କେନାଲରେ ଯେଉଁ ପଥରଖଣ୍ଡ ସବୁ ସଜେଇ ଦିଆଯାଇଛି, ସେଥିରେ କୌଣସି ଜାଗାରେ ହେଲେ ସିମେଣ୍ଟ ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ନିର୍ଶିନ୍ତପୁର ଗ୍ରାମ ପଂଚାୟତରେ ୧୧ ଟି ଗ୍ରାମ ରହିଥିବା ବେଳେ, ୨୦୧୧ ମସିହାର ଜନଗଣନା ଅନୁଯାୟୀ ଲୋକ ସଂଖ୍ୟା ୫୯୧୧ । ଏବେ ରିପୋର୍ଟ ଅନୁଯାୟୀ ଜବକାର୍ଡଧାରୀଙ୍କ ସଂଖ୍ୟା ୩୦୩୬ । ଅନେକ ଜବକାର୍ଡଧାରୀ କାମ ନ କରି ମଧ୍ୟ ମେଟ୍ ଏବଂ ଠିକାଦାରଙ୍କ ସହିତ ସୁସମ୍ପର୍କ ରଖି ତମର ଅଧା କୁ ଆମର ଅଧା ନ୍ୟାୟରେ ପରିଶ୍ରମ ନକରି ଟଙ୍କା ପାଉଥିବା ଅବିଯୋଗ ଆ ସିଛି । କାଟାବନ୍ଧ ପଙ୍କଦ୍ୱାର ଏବଂ କେନାଲର ଅନିୟମିତତା ସଂପର୍କରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ସେପରି କିଛି ହୋଇ ନଥିବା କହିଥିବା ବେଳେ ବିଡିଓ ବିଜୟ କୁମାର ନାୟକ , କଣ ହୋଇଛି ଦେଖୁଛି ବୋଲି କହିଛନ୍ତି ।

## ସମ୍ବଲପୁର ରେଳ ମଣ୍ଡଳରେ ୬୮ତମ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ମିଟିଂ ଆୟୋଜିତ'

ସମ୍ବଲପୁର, ୦୩ ଫେବୃୟାରୀ (ହି.ସ.)- ସମ୍ବଲପୁର ରେଳ ମଣ୍ଡଳରେ ୬୮ତମ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ମଣ୍ଡଳ ସଭା କକ୍ଷରେ ଆୟୋଜିତ ହୋଇଯାଇଅଛି । ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହିତ ମୁଖ୍ୟ ନିରାପତା ଅଧିକାରୀ ଶୈଳେନ୍ଦ୍ର କପିଲ୍ ମୁଖ୍ୟ ବକ୍ତାଭାବେ ଭର୍ଚୁଆଲ ମୋଡ଼ରେ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ପ୍ରଦୀପ କୁମାର କହିଲେ ଯେ, ରେଳ ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କର ଦୈନନ୍ଦିନ ସହକାରୀ କାର୍ଯ୍ୟରେ ଅଧିକରୁ ଅଧିକ ହିନ୍ଦୀ ଭାଷା ବ୍ୟବହାର କରିବା ଉଚିତ୍ । ମୁଖ୍ୟ ବକ୍ତା ଶୈଳେନ୍ଦ୍ର କପିଲ କହିଲେ ଯେ, ହିନ୍ଦୀ ଭାଷା ହେଉଛି ଭାରତୀୟ ସଂସ୍କୃତିର ଆତ୍ମା । ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ତଥା ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ.ଭି.ଏସ.ଏମ ପାତ୍ରଡୁ ଅତିଥି ଭାବେ ଯୋଗଦାନ କରି ହିନ୍ଦୀ ପ୍ରତି ଅଧିକ ସଂଖ୍ୟକ ରେଳ କର୍ମଚାରୀ ଅଂଶଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ପ୍ରଦୀପ କୁମାର ହିନ୍ଦି କୁଇଜ୍ ପ୍ରତିଯୋଗିତାରେ ବିଜେତା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ରାଜଭାଷା ଅଧିକାରୀ ତଥା ମଣ୍ଡଳ ଯାନ୍ତ୍ରିକ ଇଂଜିନିୟର ମୋହନିଶ ବ୍ରହ୍ମା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଲାଂଚ ନେବା ମାମଲାରେ ବନପାଳ ନିଲମ୍ବିତ

ମାଲକାନଗିରି,୪ା୨ (ନି.ପ୍ର): ମାଲକାନଗିରି ଏସିଏଫ ବିଭୁତି ଭୁଷଣ ବେହେରା ଗତ ଜାନୁଆରୀ ୩୦ ତାରିଖ ଦିନ ଜଣେ ଭାଲୁ କାମୁଡା ବ୍ୟକ୍ତିଙ୍କ ଅନୁକମ୍ପା ମୂଳକ ଏକ ଲକ୍ଷ ଟଙ୍କାକୁ ଚଂଚକତା କରି ଲାଂଚ ନେଇଥିବା ଅଭିଯୋଗ ପରେ କୁଡୁମୁଲୁ ଗୁମ୍ମା ବନପାଳ ରାଜେନ୍ଦ୍ର ଶବରଙ୍କୁ ନିଲମ୍ବିତ କରିବାସହ ବୁଟି ଗୁଡା ଗ୍ରାମର ପାରା ୱାଚର ଅନନ୍ତରାମ ପାଙ୍ଗୀ କାର୍ଯ୍ୟରୁ ବହିଷ୍କାର କରିଛନ୍ତି । ମାଲକାନଗିରି ଜିଲ୍ଲାର ଖଇରପୁର ବ୍ଲକ ଅଧିନସ୍ଥ ରାସବେଡା ପଂଚାୟତର ବନ୍ଧଗୁଡା ଗ୍ରାମରେ ଆଜକୁ ୮ ମାସ ତଳେ ସେହି ଗ୍ରାମର ରଘୁ ମାଦ୍ରୀ(୬୦) ଜମିକୁ ଯାଉଥିବା ବେଳେ ହଠାତ ତାଙ୍କ ଉପରକୁ ଏକ ଭାଲୁ ଆକ୍ରମଣ କରିଥିଲା। ସେ ଗୁରୁତର ଥିବାରୁ ସ୍ଥାନୀୟ ଲୋକ ଓ ସରପଂଚ ଙ୍କ ସାହାଯ୍ୟରେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରି ଚିକିତ୍ସା କରିଥିଲେ । ସ୍ଥାନୀୟ ସରପଂଚଙ୍କୁ ଧରି ବନ ବିଭାଗରେ ସାହାଯ୍ୟ ପାଇଁ ଆବେଦନ କରିଥିଲେ । ଫଳରେ ତାଙ୍କ ଏକାଉଂଟକୁ ଏକ ଲକ୍ଷ ଟଙ୍କା ସରକାରୀ ସହାୟତା ଅର୍ଥ ଆସିଲା । ତେବେ କୁଡୁମୁଲୁଗୁମ୍ମା ବନ ପାଳ ଅଧିନରେ କାମ କରୁଥିବା ପାରା ୱାଚର ଅନନ୍ତରାମ ପାଙ୍ଗୀ ଆମେ କାଗଜ ପତ୍ର କାମ କରେଇ ଦେଇଥିବାରୁ ତୁମକୁ ଏକ ଲକ୍ଷ ଟଙ୍କା ମିଳିଲା । ଏଣୁ ଆମକୁ ୩୦ରୁ ୪୦ ହଜାର ଟଙ୍କା ଦେବାକୁ ବାଧ୍ୟ କରିଥିଲେ । ଅନନ୍ତ ରାମ ପାଙ୍ଗୀ ସେହି ବ୍ୟକ୍ତିଙ୍କୁ ବ୍ୟାଙ୍କକୁ ନେଇ ଟଙ୍କା ଉଠାଇ ବାକୁ କହିଥିଲେ । ବ୍ୟାଙ୍କରୁ ୩୦ ହଜାର ଟଙ୍କା ଉଠାଇଲା ପରେ ୨୭ହାଜର ଟଙ୍କା ସେ ଫରେଷ୍ଟର ଓ ରେଞ୍ଜର ମାଗୁଛନ୍ତି କହି ନେଇ ଯାଇଥିଲେ । ପରେ ପୁଣି ଆସି ୧୦ ହଜାର ଟଙ୍କା ଦେବାକୁ ପଡିବ ବୋଲି କହିଥିଲେ । ଟଙ୍କା ନ ଦେଲେ ସବୁ ଟଙ୍କା ଫେରସ୍ତ ଚାଲିଯିବ କହି ଡ଼ରାଇ ଥିଲେ । ଏହି ଘଟଣାଟି ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇଲା ପରେ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରଦୀପ ଦେବଦାସୀ ମିରାଶେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଏସିଏଫ ବିଭୁତି ଭୂଷଣ ବେହେରା ଘଟଣାର ତଦନ୍ତ କରି ବନପାଳ ଙ୍କୁ ନିଲମ୍ବିତ ଓ ୱାଚର ଙ୍କୁ ବହିଷ୍କାର କରିଛନ୍ତି !

## ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ଧାନ କିଣାରେ ବ୍ୟାପକ ଅନିୟମିତତା

### ■କଟ୍‌ନୀ/ ଛଟନୀ ନାମରେ ଚାଷୀଙ୍କୁ ଶୋଷଣ ଅଭିଯୋଗ
### ■ଜିଲ୍ଲା ଯୋଗାଣ ଅଫିସ ଆଗରେ ବିଜେପିର ଗଣଧାରଣା




ଭଦ୍ରକ,୪ା୨ (ନି.ପ୍ର): ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ଚାଷୀ ନାମ ପଞ୍ଜିକରଣ, ଧାନ କିଣାରେ ବ୍ୟାପକ ଅନିୟମିତତା ଓ ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ଆଜି ବିଜେପି ପକ୍ଷରୁ ବିଧାନସଭା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀ ନାରାୟଣ ଧଳଙ୍କ ନେତୃତ୍ୱରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଯୋଗ ଦେଇ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ସରକାରଙ୍କୁ ଚାଷୀ ସ୍ୱାର୍ଥ ବିରୋଧୀ ସରକାର ବୋଲି କହିବା ସହ କଟ୍‌ନୀ ଛଟ୍‌ନୀ ନାମରେ ଦାଦା ବଟି ଆଦାୟ ହେଉଛି ବୋଲି ଆରୋପ କରିଥିଲେ। ଚାଷୀଙ୍କ ହକ୍ ପାଇଁ ବିଜେପି ସଂକଳ୍ପ ବଦ୍ଧ। ଏ ଆନ୍ଦୋଳନ ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଯିବ ବୋଲି ଚେତାବନୀ ଦେଇଥିଲେ। ପ୍ରତିବାଦ ସଭାରେ ୧୧ ଦଫା ବିଶିଷ୍ଟ ଦାବି ଉପସ୍ଥାପନ କରାଯାଇଥିଲା। ଚାଷୀଙ୍କ ନାମ ପଞ୍ଜିକରଣରେ ହୋଇଥିବା ବ୍ୟାପକ ତ୍ରୁଟିର ନିରପେକ୍ଷ ଯାଞ୍ଚ କରାଯାଇ ସଂଶୋଧନ କରାଯିବା ସହିତ ଯାଞ୍ଚ ପରେ ଧାନବିକ୍ରି କରିବାରୁ ବଞ୍ଚିତ ଚାଷୀମାନଙ୍କର ଧାନ କ୍ରୟ କରାଯାଉ, ମଣ୍ଡିକୁ ଧାନ ଆଣିବା ପାଇଁ ଚାଷୀଙ୍କୁ ପରିବହନ ଖର୍ଚ୍ଚ ସହିତ ସମସ୍ତ ଚାଷୀଙ୍କୁ ବିନା ମୂଲ୍ୟରେ ଅଖା ଯୋଗାଇ ଦିଆଯିବା ସଂଗେ ସଂଗେ କେନ୍ଦ୍ର ସରକାରଙ୍କ ଦ୍ୱାରା ଉପଲବ୍ଧ ସମସ୍ତ ସୁବିଧା ଯୋଗାଇ ଦିଆଯାଉ। ଚାଷୀଙ୍କ ବଳକା ଧାନ ବିକ୍ରି କରିବା ପାଇଁ ଆବଶ୍ୟକ ଟୋକନ ପ୍ରଦାନ କରାଯାଉ, ମଣ୍ଡିରେ ଗୁଣାତ୍ମକ ମାନ ପରୀକ୍ଷା ଆଳରେ ଯେଉଁଭଳି ଭାବେ କୁଇଣ୍ଟାଲ ପ୍ରତି ୫ କେଜିରୁ ୧୦ କେଜି ପର୍ଯ୍ୟନ୍ତ କଟ୍‌ନୀ / ଛଟ୍‌ନୀ ନାମରେ ଚାଷୀମାନଙ୍କୁ ଶୋଷଣ କରାଯାଉଛି, ତାହାକୁ ତୁରନ୍ତ ବନ୍ଦ କରାଯାଉ। ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୬୮ ଟଙ୍କା ପ୍ରଦାନ କରାଯିବା ସହ ଚାଷୀ ତା'ର ବଳକା ଧାନକୁ ବିକ୍ରି କରିବା ପାଇଁ ଆବଶ୍ୟକ ପରିମାଣର ଟୋକନ ପ୍ରଦାନ କରାଯାଉ। ଟୋକନ ପ୍ରଦାନରେ ଚଞ୍ଚକତା ଓ ଧାନ କ୍ରୟ କ୍ଷେତ୍ରରେ ଏଜେଣ୍ଟମାନଙ୍କର ପାତର ଅନ୍ତର ବନ୍ଦ କରାଯିବା ସଂଗେ ସଂଗେ ଧାନକ୍ରୟର ସାପ୍ତାହିକ ଦିବସକୁ ବୃଦ୍ଧି କରାଯାଉ। ଧାନକ୍ରୟ ପରେ ମଣ୍ଡିରୁ ଧାନ ଉଠାଇବା ପାଇଁ ସମ୍ପୃକ୍ତ ମିଲରଙ୍କୁ ତାଗିଦ କରାଯାଉ। ମଣ୍ଡିରେ ଲୋଡିଂ, ଟ୍ରାନ୍ସପୋର୍ଟ ଓ ଲେବର ଚାର୍ଜ ନାମରେ ଚାଷୀଙ୍କ ଠାରୁ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗର ତଦନ୍ତ କରାଯାଇ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ଉପସ୍ଥାପନ କରିଥିଲେ। ଏହି ଗଣଧାରଣାକୁ ସମର୍ଥନ ଜଣାଇ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, କାଳନ୍ଦୀ ସାମଲ, ଠାକୁର ରଣଜିତ୍ ଦାସ, ଜିଲ୍ଲା ନେତା ହେମନ୍ତ ପାଢୀ, ଡାକ୍ତର ପ୍ରଦୀପ ନାୟକ, ଶଶୀକାନ୍ତ ବିଶ୍ୱାଳ, ଶରତ ପଢିଆରୀ, ତପନ ମହାନ୍ତି, ସୁରେଶ ସାମଲ ପ୍ରମୁଖ ଯୋଗ ଦେଇଥିବା ବେଳେ ମଣ୍ଡଳ ସଭାପତି ନବକିଶୋର ବଳ, ଖଗେଶ୍ୱର ବେହେରା, ପ୍ରଫୁଲ୍ଲ ସାହୁ, ଗିରିଶ ସାମଲ, ମୁକୁନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରିଷ୍ଠ ନେତା ଶଙ୍କର୍ଷଣ ଜେନା, ନିର୍ମଳ କର, ପୂର୍ଣ୍ଣଚନ୍ଦ୍ର ଖିଲାର, ବନମାଳୀ ଜେନା, ପ୍ରକାଶ ମହାପାତ୍ର, ରୁକ୍ମିଣୀ ଦାସ ପ୍ରମୁଖ ନିଜ ଅଞ୍ଚଳର ଚାଷୀଙ୍କ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ଦେଢ ବର୍ଷ ହେବ ଶ୍ରମଦାନ କରି ମିଳିନାହିଁ ମଜୁରି

ଜୟପୁର, ୦୪ ଫେବୃୟାରୀ (ହି.ସ.)- ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଶ୍ରମିକ । ସମାଜସେବୀ ବି ହରିରାଓଙ୍କ ନେତୃତ୍ୱରେ ଉପ ଜିଲାପାଳ ଙ୍କ ଦ୍ୱାରସ୍ଥ ହୋଇ ଦାବୀ ପତ୍ର ପ୍ରଦାନ କରିଛନ୍ତି । ବୋରିଗୁମ୍ମା ବ୍ଲକ ସରଗିଗୁଡା ଗ୍ରାମପଂଚାୟତ ତରଫରୁ ବଡ ଧୁବୁଲି ଗ୍ରାମରେ ହାତିଧିକାରି ମାନେ ଦେଢ ବର୍ଷ ହେଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିଥିଲେ । କିନ୍ତୁ ବର୍ତମାନ ଯାଏ ସେମାନଙ୍କ ଶ୍ରମିକ ଟଙ୍କା ପାଇ ନାହାଁନ୍ତି । ହାତିଧିକାରି ମାନେ ଦେଢ ବର୍ଷ ହେବ ଆବାସ ଗୃହ ନିର୍ମାଣ କରିଥିଲେ । ଏମଏନଆରଜିଏ ଯୋଜନାରେ ହିତାଧିକାରିଙ୍କ ବ୍ୟାଙ୍କ ଆକାଉଂଟକୁ ଟଙ୍କା ଜମା ହେବାର ନିୟମ ରହିଛି । ଏନେଇ ବୋରିଗୁମ୍ମା ବିଡିଓଙ୍କୁ ଜଣାଇବା ପରେ ମଧ୍ୟ କିଛି ସୁଫଳ ମିଳୁ ନାହିଁ । କିନ୍ତୁ ଜିତୁରୁ ଗଣ୍ଡା, ତ୍ରିପତି ଗାଦବା, ଶ୍ୟାମ ଗଉଡ, କୃଷ୍ଣ ଗଉଡ. ଡମ୍ବୁରୁ ଭୁମିଆ ଟଙ୍କା ପାଇ ନାହାଁନ୍ତି । ତେଣୁ ଉପ ଜିଲାପାଳ ତୁରନ୍ତ ଶ୍ରମିକଙ୍କ ମଜୁରି ଦେବା ବ୍ୟବସ୍ଥା କରିବା ପାଇଁ ଦାବୀ କରିଛନ୍ତି ।

## ଆରଏସପି ଦୁର୍ଘଟଣାକୁ ମାସେ ପୁରିବ: ଉଭୟ ପୁଲିସ ଓ ଫ୍ୟାକ୍ଟ୍ରୀ ବୟଲର୍ ବିଭାଗ ନିରବ

ରାଉରକେଲା,୪ା୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାରେ ଦୁର୍ଘଟଣା ଘଟି ୪ ଜଣ ଠିକା ଶ୍ରମିକ ପ୍ରାଣ ହରାଇବା ମାମଲାକୁ ଫେବୃଆରୀ ମାସ ୬ ତାରିଖକୁ ମାସେ ପୁରିବ, ହେଲେ ରାଜ୍ୟ ପୁଲିସ ବିଭାଗର ବରିଷ୍ଠ ଅଧିକାରୀ ଓ ରାଜ୍ୟ ଫାକ୍ଟ୍ରୀ ବୟଲର ବିଭାଗ ଅଧିକାରୀ ମାନଙ୍କର ଆରଏସପି ପ୍ରୀତି ଲାଗି ଏଯାଏ କୌଣସି ଅଧିକାରୀଙ୍କୁ ଗିରଫ କରାଯାଇ ନପାରିବା ସହ ସଠିକ୍ ମାର୍ଗରେ ମାମଲା ରୁଜୁ ନହେବା ଓ ତଦନ୍ତ ଏଯାଏ ନସରିବା ଏସବୁର ନଗ୍ନ ଉଦାହରଣ ବୋଲି ଅଭିଯୋଗ ହେଉଛି । ସେହିଭଳି ବରିଷ୍ଠ ପଦାଧୀକାରୀ ମାନଙ୍କ ଆରଏସପି ପ୍ରୀତି ଲାଗି କାରଖାନାରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ଜୀବନ ମୂଲ୍ୟହୀନ ହୋଇପଡିଥିବା କୁହାଯାଉଛି । ଏତେ ବଡ ଘଟଣା ପରେ ୨ ଦିନ ଲାଗି ରାଉରକେଲାକୁ ଆସିଥିବା ସେଲ୍ ର ମୁଖିଆ ଏନେଇ ପଦେହେଲେ ମୁହଁ ନଖୋଲିବା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି । କାରଖାନା ଭିତରେ ବିନା ସୁରକ୍ଷାରେ କୋଲ୍ କେମିକାଲ ବିଭାଗରେ ଥିବା ଗ୍ୟାସ୍ ପାଇପର ମରାମତି କାମକୁ ଠିକା ଶ୍ରମିକ ମାନେ କରୁଥିବା ବେଳେ ସେଠାରୁ ବିଶାକ୍ତ ଗ୍ୟାସ୍ ନିର୍ଗତ ହୋଇ ୪ ଜଣଙ୍କର ଜୀବନ ଚାଲିଗଲା । ଏହାକୁ ନେଇ ସେଦିନ ବିଭିନ୍ନ ଶ୍ରମିକ ସଂଗଠନ ମାନେ ଆରଏସପିରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ନାନା ପ୍ରକାର ଅଭିଯୋଗ କରିବା ସହ ଏହି ଦୁର୍ଘଟଣା କେବଳ ସୁରକ୍ଷା ଅଭାବରୁ ଘଟିଲା ବୋଲି ଅଭିଯୋଗ କରିଥିଲେ । ଘଟଣାସ୍ଥଳକୁ ରାଜ୍ୟ କାରଖାନା ବିଭାଗର ସ୍ଥାନୀୟ ବାବୁ ମାନେ ପରିଦର୍ଶନରେ ଜିବା ସହ ପ୍ରାଥମିକ ତଦନ୍ତ କରି ସୁରକ୍ଷାରେ ଢିଲା ଥିବା କଥା ଜାଣି ଗଣମାଧ୍ୟମରେ ପ୍ରକାଶ କରିଥିଲେ । ଏଭଳି ପ୍ରୋଟୋକଲ କାମରେ ଯାହା ସବୁ ସୁରକ୍ଷା ରହିବା କଥା ତାହା ଆଦୌ ନଥିବା ବେଳେ ଆରଏସପି କିଛି ଦିନ ପରେ ନିଜ ତରଫରୁ ସୁରକ୍ଷା ଠିକ୍ ଥିଲା ବୋଲି ପ୍ରେସ୍ ବିଜ୍ଞପ୍ତି ଦେଇ ପ୍ରକାଶ କରିଥିଲା । ରାଉରକେଲା ପୁଲିସ ଜିଲ୍ଲା ଟାଙ୍ଗରପାଲ୍ଲୀ ଥାନାରେ ଏନେଇ ଏକ ମାମଲା ମଧ ରୁଜୁ ହେଲା । ହେଲେ ଆଜିଯାଏ ପୁଲିସ ମାମଲାରେ କାହାରିକୁ ଗିରଫ କରିପାରି ନଥିବା ବେଳେ ରାଜ୍ୟ କାରଖାନା ବିଭାଗର ବାବୁ ମାନେ ମାମଲା ଟିଏ ମଧ ରୁଜୁ କରିପାରିଲେ ନାହିଁ । ଏସବୁ ପଛରେ ପୁଲିସ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ଆରଏସପି ପ୍ରୀତି ଅହେତୁକ ଅନୁକମ୍ପା ଓ ରାଜ୍ୟ ଫାକ୍ଟ୍ରୀ ବୟଲର ବିଭାଗର ବାବୁ ମାନଙ୍କର ଆରଏସପି ପ୍ରୀତି କାମ କରିଛି ବୋଲି କୁହାଯାଉଛି । ପୁଲିସକୁ ଆରଏସପି ୧୦୦ରୁ ଅଧିକ ଘର ଦେବା ସହ ବଡ ବଡ ବାବୁ ମାନଙ୍କୁ ଘର ସାଙ୍ଗକୁ ନାନା ପ୍ରକାର ସୁବିଧା ସୁଯୋଗ ଦିଆଯାଇଛି । ତେଣୁ ଆରଏସପି ଘରେ ରହି ପୁଲିସ ବାବୁ ମାନେ ପ୍ରାୟ ଆରଏସପିର ଦୋଷ ତୃଟୀକୁ ଭୁଲି ସାରିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । ସେହିଭଳି ଫାକ୍ଟ୍ରୀ ବୟଲର ବିଭାଗ ବାବୁ ମାନେ ଗାଡିର ସୁବିଧା ସୁଯୋଗ ପାଇବା ସହ ଏଠାରେ ୩ ବେଡରୁମ ଘର, ଚାକର ସାଙ୍ଗକୁ ଆହୁରି ଅନେକ ସୁବିଧା ସୁଯୋଗ ପାଉଛନ୍ତି ,ତେଣୁ ସେମାନଙ୍କର ମଧ ଆରଏସପି ପ୍ରୀତି ରହିଛି ବୋଲି କୁହାଯାଉଛି । ଠିକା ଶ୍ରମିକ ହେଉ କିମ୍ବା ସାଧାରଣ ଶ୍ରମିକ, ସେମାନେ ମରିଗଲେ ପୁଲିସ କିମ୍ବା ଏହି ବିଭାଗକୁ ଆଇନର ଫର୍ଦ୍ଦ ଦେଖାଯାଏ ନାହିଁ ବୋଲି ଆଲୋଚନା ହେଉଛି । ଅତିତର ଅନେକ ମୃତ୍ୟୁ ମାମଲାରେ ଯଦି ଏମାନେ କୌଣସି ମାମଲା କରି ନାହାନ୍ତି କିମ୍ବା ଗିରଫ କରିନାହାନ୍ତି ତେବେ ଏହି ମାମଲାରେ ଆଇନକୁ ସଠିକ୍ ମାର୍ଗରେ ଯେ କାର୍ଯ୍ୟକାରୀ କରାଜିବ ତାହା କିଏ କହିବ ? । ସମ୍ ହସ୍ପିଟାଲ, ଭୁବନେଶ୍ୱରରେ ପୋଲ ଭୁଷୁଡିବା ଭଳି ମାମଲାରେ ଯଦି ମାଲିକ ମାନଙ୍କୁ ଗିରଫ କରାଗଲା ତେବେ ଏଠାରେ କାରଖାନା ଲାଇସେନ୍ସରେ ଅକୁପାୟର ଭାବେ ଥିବା ଇଡି ଓାର୍କ୍‌ସ ଙ୍କୁ କାହିଁକି ଗିରଫ କରାନଜିବ ବୋଲି ପ୍ରଶ୍ନ ହେଉଛି । ଏହାରି ଭିତରେ ସେଲର ଅଧକ୍ଷା ମଧ ରାଉରକେଲା ଆସି ୨ ଦିନ ରହି ଚାଲିଗଲେ, କିନ୍ତୁ ଏହି ଦୁର୍ଘଟଣା ଓ କାରଖାନାର ସୁରକ୍ଷା ବ୍ୟବସ୍ଥାକୁ ନେଇ ନୀରବ ରହିଲେ । କେବଳ ଶ୍ରମିକ ୟୁନିଅନ, ରାଜନୈତିକ ଦଳ, ସାମାଜିକ ସଂଗଠନ ଗୁଡିକୁ ଭେଟି ଫେରିଗଲେ । ହେଲେ ଆରଏସପି, ଯାହା ଓଡିଶାର ଗର୍ବ ଓ ଗୌରବ ତାର ଏଭଳି ସ୍ଥିତି, ସେଠାରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ସୁରକ୍ଷା ବିପନ୍ନ ହେବା ନେଇ ସେଲ୍ ର ମୁଖ୍ୟ ନୀରବ ରହି ଫେରି ଜିବା ସମସ୍ତଙ୍କୁ ଚକିତ କରିଛି । ଦୁର୍ଘଟଣା ଘଟିବାର ୬/୭ ଦିନ କାରଖାନା ଭିତରେ ସୁରକ୍ଷା ବ୍ୟବସ୍ଥାକୁ ଟିକେ କଡା କଡି ଦେଖା ଗଲା, ମାତ୍ର ତାପରେ ପୁଣି ଜେମିତି ଚାଲିଥିଲା ସେମିତି ଚାଲିଛି ।

## ସଡ଼କ ସୁରକ୍ଷା ଓ ମୋଟର ଯାନ ଅଧିନିୟମ ସମ୍ପର୍କିତ ଆଇନ ସଚେତନତା ଶିବିର

ମାଲକାନଗିରି,୪ା୨ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ଆନୁକୂଲ୍ୟରେ ଆଜି ଅନ୍ ଲାଇନ୍ ମାଧ୍ୟମରେ ସଡ଼କ ସୁରକ୍ଷା ଓ ମୋଟର ଯାନ ଅଧିନିୟମ ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ତଥା ରେଜିଷ୍ଟ୍ରାର, ଜିଲ୍ଲା ଓ ଦୌରାଜଜ୍ ଅଦାଲତ କୃଷ୍ଣଚନ୍ଦ୍ର ନାୟକ, ରିମାଣ୍ଡ ଆଡ଼ଭୋକେଟ ଯୋଶେଫ ଜେମ୍ସ, ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ତଥା ସ୍ୱେଚ୍ଛାସେବୀ ଡଃ. ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ବକ୍ତା ଭାବେ ଶ୍ରୀ ସ୍ୱାଇଁ ମୋଟର ଯାନ ସଂଶୋଧନ ଅଧିନିୟମ, ୨୦୧୯, ଦଣ୍ଡବିଧାନ, ଲାଇସେନ୍ସ, ପଞ୍ଜିକରଣ ଏବଂ ଜାତୀୟ ପରିବହନ ନୀତି ନିୟମ ବିଷୟରେ ମାଲକାନଗିରିର ଯୁବଗୋଷ୍ଠୀ ମାନଙ୍କୁ ଅବଗତ କରିଥିଲେ । ଗାଡ଼ି ଚାଳକ ମାନେ ହେଲମେଟ୍ ବ୍ୟବହାର କରିବା, ଗାଡ଼ି ଲାଇସେନ୍ସ, ପ୍ରଦୂଷଣ ସାର୍ଟିଫିକେଟ୍, ବୀମା ସାର୍ଟିଫିକେଟ, ଦୃତ ଗତିରେ ଗାଡ଼ି ନଚଳାଇବା, ଗାଡି ଚଳାଇବା ବେଳେ ସିଟ୍ ବେଲ୍ଟର ବ୍ୟବହାର, ଟ୍ରାଫିକ୍ ନିୟମ ମାନିବା ପାଇଁ ନିବେଦନ କରିଥିଲେ ।

# ଆତ୍ମନିର୍ଭର ଭାରତ ଅଭିମୁଖେ ୨୦୨୧-୨୨ କେନ୍ଦ୍ରୀୟ ବଜେଟ୍

ଭୁବନେଶ୍ୱର,୦୪ା୦୨ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ ପତ୍ର ସୂଚନା କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଆତ୍ମ ନିର୍ଭର ଭାରତ ଅଭିମୁଖେ ବଜେଟ ୨୦୨୧-୨୨ ଉପରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗଦେଇ ପୂର୍ବତନ ପ୍ରଧାନ ପ୍ରମୁଖ ଆୟକର ଆୟୁକ୍ତ ଶ୍ରୀ ଶରତ କୁମାର ଦାଶ କରୋନା ବୈଶ୍ୱିକ ମହାମାରୀର ଘନଘଟା ମଧ୍ୟରେ କୃଷି, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମୀ ଉପରେ ଗୁରୁତ୍ୱ ଆରୋପକରି ଆତ୍ମ ନିର୍ଭର ଭାରତ ଗଠନମୁଖୀ ବଜେଟ ବେଶ ଅଭିନନ୍ଦନୀୟ ବୋଲି କହିଥିଲେ। ଜନ ସାଧାରଣଙ୍କ ଉପରେ କୌଣସି ବୋଝ ନ ଲଦି କରୋନା ମୁକାବିଲା




ପାଇଁ ବ୍ୟୟବରାଦ ପ୍ରସ୍ତାବ ରଖିବା ସହ ଷ୍ଟାର୍ଟ ଅପ କମ୍ପାନୀ ପାଇଁ ଟ୍ୟାକ୍ସ ହଲିଡେ ଓ ୭୫ ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ନିମନ୍ତେ ରିଟର୍ଣ୍ଣ ଫାଇଲ ରିହାତି ଇତ୍ୟାଦି ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏଥିରେ ଅଂଶଗ୍ରହଣ କରି ବିଶିଷ୍ଟ ଚାଟାର୍ଡ ଆକାଉଟାଣ୍ଟ ଶ୍ରୀ ଅରୁଣ କୁମାର ସାବତ ଆତ୍ମ ନିର୍ଭର ଭାରତ ଲକ୍ଷ୍ୟ ହାସଲ ପାଇଁ ସରକାର କେତେକ ସାହସିକ ପଦକ୍ଷେପ ବଜେଟରେ ଗ୍ରହଣ କରିଛନ୍ତି ବୋଲି କହିଥିଲେ। ୨୦୨୧-୨୨ ବଜେଟରେ ନିଅଣ୍ଟ ସତ୍ତ୍ୱେ ଅନେକ ସଂସ୍କାରମୂଳକ ପଦକ୍ଷେପ ବଜେଟରେ ଘୋଷଣା କରାଯାଇଛି। ମାତ୍ର ବଜେଟ ଗୃହୀତ ହେବା ପୂର୍ବରୁ ମଧ୍ୟବିତ ଶ୍ରେଣୀ ଲୋକଙ୍କ ମୁଖରେ ହସ ଫୁଟାଇବା ନିମନ୍ତେ ଆଉ କେତେକ ସୁବିଧା ଦେବା ପାଇଁ ସେ ଅର୍ଥମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏଥିରେ ଅଂଶଗ୍ରହଣ କରି ବିଶିଷ୍ଟ ଅର୍ଥନୀତିଜ୍ଞ ଶ୍ରୀ ରମଣ ଅଗ୍ରୱାଲ ୨୦୨୧-୨୨ ବଜେଟକୁ ଭାରତ ଓ ସମଗ୍ର ଦେଶର ଅର୍ଥ ବ୍ୟବସ୍ଥା ପାଇଁ ଏକ ଦୃଶ୍ୟପତ୍ର ଭାବେ ବିବେଚନା କରିବା ଉପରେ ମତବ୍ୟକ୍ତ କରିଛନ୍ତି। ବଜେଟରେ ଘୋଷିତ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ପୁଞ୍ଜିନିବେଶକୁ ଅଧିକ ବଳ ପ୍ରଦାନ କରିବ ବୋଲି କହିଛନ୍ତି। ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଶୈଳେଶ କୁମାର ମାଲବ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ୱେବିନାରରେ ଆଞ୍ଚଳିକ କ୍ଷେତ୍ରପ୍ରଚାର, ଭୁବନେଶ୍ୱର ନିର୍ଦ୍ଦେଶକ ତଥା ମୁଖ୍ୟ ଶ୍ରୀ ଅଖିଳ କୁମାର ମିଶ୍ର, ପତ୍ର ସୂଚନା କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ଡକ୍ଟର ଗିରୀଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ପତ୍ର ସୂଚନା କାର୍ଯ୍ୟାଳୟ ଗଣଯୋଗାଯୋଗ ଅଧିକାରୀ ଡକ୍ଟର ପ୍ରଦୀପ ଚୌଧୁରୀ ଓ ସହାୟକ ସ୍ୱାଧୀନ ଶକ୍ତିପ୍ରସାଦ ୱେବିନାର ପରିଚାଳନା କରିଥିଲେ।

## ତୃତୀୟଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ

ଜଳେଶ୍ୱର, ୪/୨ (ନିପ୍ର) : ଆଜି ଜଳେଶ୍ୱର ଶିକ୍ଷାଜିଲାର ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ ପାଇଛି । ସରକାରଙ୍କ କୋଭିଡ୍ କଟକଣା ରହିଥିଲେ ମଧ୍ୟ କର୍ତ୍ତୃପକ୍ଷ ଦୂରତା ରକ୍ଷା କରି ଅଧିକ ପରୀକ୍ଷା ସେଣ୍ଟର କରି ଅଫଲାଇନ୍‌ରେ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ଜଳେଶ୍ୱର ବ୍ଲକରେ ୭ଜଣ କୃତକାର୍ଯ୍ୟ ହୋଇଛନ୍ତି । ଜଳେଶ୍ୱର ଜଗନ୍ନାଥ ମହିଳା ହାୟାରସେକେଣ୍ଡାରୀ ବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡାଙ୍କ ପୁତ୍ର ଶ୍ରୀତନୁ ଖଣ୍ଡା ମେରିଟ୍ ଲିଷ୍ଟରେ ତୃତୀୟସ୍ଥାନ ଅଧିକାର କରି ଥିବା ଜଣାଯାଇଛି । ଶ୍ରୀତନୁ ଜଣେ ନମ୍ର, ଜିଜ୍ଞାସୁ, ସରଳ ପ୍ରକୃତିର ଅଟନ୍ତି । ତାଙ୍କର ଏହି ଶ୍ରେୟ ତାଙ୍କର ପିତାମାତା ଓ ଗୁରୁଜୀ ମାନଙ୍କୁ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୌସିକ ଜେନା, ଅରୋବିନ୍ଦ ଜେନା, ଅଂକିତା ପାଳ, ପ୍ରୟାସ ପାତ୍ର, ସ୍ମୃତିପ୍ରଜ୍ଞା ଜେନା, ଦେବାଶିଷ ଜେନା ପ୍ରମୁଖ ରହିଛନ୍ତି ।

## ସମାଜସେବୀଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୦୪ା୦୨ (ନି.ପ୍ର): ସମାଜସେବୀ ଆଦୈତ୍ୟ କୁମାର ପଣ୍ଡାଙ୍କର ଭୁବନେଶ୍ୱରରେ ଏକ ଘରୋଇ ହସପିଟାଲରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ବୟାସାଧିକ ରୋଗରେ ପୀଡ଼ିତ ହୋଇ ସେ ଗତ ୩୧ ତାରିଖରୁ ଡାକ୍ତରଖାନା ଭର୍ତ୍ତି ହୋଇଥିଲେ। ଗୁରୁବାର ସକାଳ ପ୍ରାୟ ୮ଟା ୧୦ ମିନିଟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ଓଡିଶା ସରକାରଙ୍କ ଶିକ୍ଷ ବିଭାଗର ଯୁଗ୍ମ ନିର୍ଦ୍ଦେଶକ କାର୍ଯ୍ୟ କରି ଅବସର ନେଇଥିଲେ। ଅବସର ପରେ ବିଭିନ୍ନ ସମାଜସେବାରେ କାର୍ଯ୍ୟ କରୁଆସୁଥିଲେ। ତାଙ୍କ ମୃତ୍ୟୁ ସମୟରେ ପତ୍ନୀଙ୍କ ସମେତ ଝିଅ ଜ୍ୱାଇଁ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଡେନ୍ତୁଲା ଚଣ୍ଡୀମାତା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ବସ୍ତା,୪ ।୨(ନିପ୍ର)ବସ୍ତାବ୍ଲକ ପୁଟୁରାପଞ୍ଚାୟତ ଡେନ୍ତୁଲା ଗ୍ରାମ ରେ ଚଣ୍ଡିମାତା କ୍ରିକେଟ ଟୁର୍ଣ୍ଣାମେଟ ଆଜି ଉଯାପିତ ହୋଇଯାଇଅଛି । ଚାରିଦିନ ଧରି ଚଣ୍ଡିମାତା କ୍ରୀକେଟ କ୍ଲବ ଆନୁକୁଲ୍ୟ ରେ ଖେଳ ଚାଲୁଥିବା ବେଳେ ଆଜିତାର ଉଯାପନୀ ଦିବସ ରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସଂପାଦକ ଶ୍ୟାମା ପ୍ରସାଦ ବେହେରା ସମ୍ମାନୀତ ଅତିଥି ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଅଜୟକୁମାର ସାହୁ ଯୋଗଦେଇଥିଲେ । ଚାରିଦିନ ବ୍ୟାପି ଆଠଟି ଟିମ ର ଖେଳ ହୋଇଥିଲା । ଆଜି ଶେଷଦିନରେ ମା ମଙ୍ଗଳା ଟିମ ବାଲିକୁଠି ଓ ଗଣପତି ୟୁଥ କ୍ଲବ ନାଡବଣି ମଧ୍ୟରେ ଖେଳ ହୋଇଥିଲା ୨୦ ଅଭର ଖେଳ ର ମା ମଙ୍ଗଳା ବାଲିକୁଠି ୨୦୮ ରନ କରିଥିଲା ତାର ଜବାବରେ ଗଣପତି ୟୁଥ କ୍ଲବ ନାଡବଣି ଟିମ ୧୫୦ ରନ କରିଥିଲେ ବିଜେତା ଟିମ ବାଲିକୁଠି ଟିମ କୁ ତିନି ହଜାର ଟଙ୍କା ସହ କପ ଶ୍ରୀ ବେହେରା ଦେଇଥିବାବେଳେ ଓ ରନର୍ସ ଟିମ ନାଡବଣୀ ଗଣପତି ଟିମକୁ ଦୁଇ ହଜାର ଟଙ୍କା ସହ କପ ଶ୍ରୀ ସାହୁ ପ୍ରଦାନ କରିଥିଲେ ଅତିଥି ଗୌରାଙ୍ଗ ସେନାପତି ବିରାଜ ସଂହଦେଓ ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତଥିଲେ ସୁଦ୍ରଶଂନ ଜେନା ଛତ୍ରପତି ଜେନା ଅଭିଜିତ ଜେନା ରାଜେନ୍ଦ୍ର ଜେନା ବନବୀହାରି ଜେନା ରାକେଶ ଦତ୍ତ ସୁଦାମ ପ୍ରଧାନ ସୁଧାକର ଜେନା କାଳିଚରଣ ଜେନା ଅକିତ କୁମାର ଜେନା କୁମୁଦ ରଞ୍ଜନ ଜେନା ମଣିଶକଂର ଜେନା ସୁବ୍ରତ କୁମାର ରାଉତ ସହଯୋଗ କରିଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୭ ଗିରଫ

ଭୁବନେଶ୍ୱର,୦୪ା୦୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୨୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୮୯,୧୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଉତ୍କଳ ସମ୍ମିଳନୀ ଓ ଆଇନ୍‌ଜିବୀଙ୍କ ପକ୍ଷରୁ ମଧୁବାବୁଙ୍କ ମହାପ୍ରାଣାୟ ଦିବସ ପାଳିତ

ଜଳେଶ୍ୱର, ୪/୨ (ନିପ୍ର) : ଆଜି ମଧୁ ବାବୁଙ୍କ ମହାପ୍ରାଣାୟ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ ଓ ଜଳେଶ୍ୱର ଆଇନ୍‌ଜିବୀଙ୍କ ପକ୍ଷରୁ ପୂର୍ବାହ୍ନ ୯ ଘଟିକା ସମୟରେ ବାଲେଶ୍ୱର ଜିଲା ଜଳେଶ୍ୱର ପୂରାତନ କୋଟ' ବଜାରସ୍ଥିତ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଉତ୍କଳ ସମ୍ମଳନୀ ଶାଖାର ସଦସ୍ୟ ଅଜିତ୍ କୁମାର ମହାନ୍ତି ଅଧ୍ୟକ୍ଷାତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଉତ୍କଳ ସମ୍ମଳିନୀର କେନ୍ଦ୍ରୀୟ ସଂପାଦକ କମଳ ଚକ୍ରବର୍ତ୍ତୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରଚେଷ୍ଟାରେ ନବ ଉତ୍କଳ



ସଂଗଠନର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନ୍‌ଜିବୀ ସୁଶାନ୍ତ ଦାସ, ରାଜେଶ କୁମାର ପାତ୍ର, ବିନୋଦ ଅଗ୍ରୱାଲ, ନରହରି ପ୍ରଧାନ, ଗିରିଜା ଶଂକର ଦାସ, ବରିଷ୍ଠ ମହୁର ପ୍ରବୋଧ ଜେନା ପ୍ରମୁଖ ଉପସ୍ଥିତ ରହି ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ସଦସ୍ୟ ମନୋରଂଜନ ଦାସ ସଂଯୋଜନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫ମ ଦିନରେ ମୟୂରଭଞ୍ଜ ପ୍ରିମିୟର ଲିଗ୍

ବାରିପଦା,୦୪ା୦୨ (ନି.ପ୍ର): ଆଜି ବିଜୁ ଜନତା ଦଳ ପ୍ରୋୟଜିତ ମୟୂରଭଞ୍ଜ ପ୍ରିମିତ ଲିଗ୍‌ରେ ଗ୍ରୁପ ବି ଷ୍ଟାଡିୟମ ଠାରେ ହେଉଥିବା ପ୍ରଥମ ଖେଳରେ ଛାଞ୍ଚ ବନାମ ଶ୍ରୀ ଦୁର୍ଗା ମଧରେ ହୋଇଥିଲା। ଛାଞ୍ଚ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଅଭରରେ ୭ ଉଇକେଟ୍ ଉପରେ ୯୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ଶ୍ରୀ ଦୁର୍ଗାନ ୭.୨ ଅଭରରେ ୩ ଉଇକେଟ୍ ଉପରେ ୯୨ ରନ କରିଥିଲେ। ଶ୍ରୀ ଦୁର୍ଗା ୭ ଉଇକେଟ୍ ରେ ମ୍ୟାଚ୍ ଜିତି ନେଇଛି। ଦ୍ୱିତୀୟ ମ୍ୟାଚ୍ ମାଁ ଫୁଲଛୁଇଁ ବନାମ ବିନଦାସ-ଏକାଦଶ ମଧରେ ହୋଇଥିଲା। ମାଁ ଫୁଲଛୁଇଁ ପ୍ରଥମେ ବ୍ୟାଟିଂ କରି



୧୦ ଅଭର୍ ରେ ୪ ଉଇକେଟ୍ ଉପରେ ୭୭ ରନ୍ କରିଥିବା ବେଳେ ବିନଦାସଦ ଏକାଦଶ ୫ ଉଇକେଟ୍ ଉପରେ ମ୍ୟାଚ୍‌କୁ ଜିତିନେଇଥିଲେ। ଆମ୍ପେୟାର ଥିଲେ ଦିଲିପ ଦାସ, ସରୋଜ ମହାକୁଡ ସ୍କୋରର ଭାବରେ ତୁଷାର ବେହେରା ଥିଲେ। ସେହିପରି ଗ୍ରୃପ୍ ଏର ପଡିଆ ।ରେ ହେଉଥିବା ପ୍ରଥମ ମ୍ୟାଚ୍‌ରେ ମା ଜଗଧାତ୍ରୀ ସହିତ ଡି.ଆର.କେ. ମଧଗୟରେ ହୋଇଥିଲା। ମାଁ ଜଗଧାତ୍ରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଅଭରରେ ୬ ଉଇକେଟ୍ ଉପରେ ୮୯ରନ୍ କରିଥିଲେ ଜବାବରେ ଡି.ଆର.କେ. ୬ ଉଇକେଟ୍ ଉପରେ ମ୍ୟାଚ୍‌କୁ ଜିତିନେଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ପ୍ରଥମ ସେମିଫାଇନାଲରେ ଷ୍ଟେସନକ୍ଲବ ବନାମ ଲେଟ୍‌କଟ୍ କ୍ଲବ ମଧରେ ହୋଇଥିଲା। ଷ୍ଟେସନ ପ୍ରଥମ ବ୍ୟାଟିଂ କରି ୯ ଉଇକେଟ୍ ଉପରେ ୫୮ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ଲେଟ୍ କଟ୍ ୯ ଉଇକେଟ୍‌ରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲା। ତୃତୀୟ ମ୍ୟାଚ୍‌ଟି ଦ୍ୱିତୀୟ ସେମି ଫାଇନାଲ୍‌ରେ ଡି.ଆର.କେ. ସହିତ ପାଲବଣୀ କ୍ଲବ ମଧରେ ହୋଇଥିଲା। ଡି.ଆର.କେ. ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଅଭରରେ ୧୭୦ ରନ୍ କରିଥିବାବେଳେ ଜବାବରେ ପାଲବଣି ୧୩୭ ରନ୍ ରେ ଅଲଆଉଟ୍ ହୋଇ ଯଅଇଥିଲା। ଡି.ଆର.କେ. ଏହି ମ୍ୟାଚ୍‌ଟିକୁ ୩୩ ରନ୍‌ରେ ଜିତି ନେଇଥିଲା। ଏହି ମ୍ୟାଚ୍‌ରେ ଆମ୍ପେୟାର ଭାବେ ମୋନମହନ ମୁର୍ମୁ ଏବଂ ଉତ୍ତମ ମହାକୁଡ୍ ସ୍କରର ଭାବେ ସମ୍ମିତ କୁମାର ମହାରଣା ଏବଂ ସନ୍ଦିପ କୁମାର ବାସ୍କେ ସହଯୋଗ କରିଥିଲେ।

## ପ୍ରହସନ ପାଲଟିଛି ଆବାସ ଯୋଜନା

ବସ୍ତା,୦୪ା୦୨ (ନି.ପ୍ର): ଦାରିଦ୍ରର ସିମାରେଖାତଳେ ଥାଇ ଦୁଇ ଓଳି ପେଟକୁ ଦାନା ଜୁଟୁ ନଥିବା ବେଳେ ରହିବା ପାଇଁ ଝାଟିମାଟି ଘରଟି ଗତ ୧ ତାରିଖ ବିଳମ୍ବିତ ରାତ୍ରିରେ ଭୂଷୁଡି ପଡିଥିବା ସ୍ଥଳେ ଅଳ୍ପବେ ବର୍ତ୍ତି ଯାଇଛନ୍ତି ପରିବାରଲୋକେ । ଏହିଭଳି ଘଟଣା ଦେଖିବାକୁ ମିଳିଛି - ବସ୍ତାବ୍ଲକ ମଥାନୀ ପଞ୍ଚାୟତ ତିଗିରିଆ ଗ୍ରାମରେ । ସ୍ୱର୍ଗତଭାସ୍କରଧଳ ଙ୍କ ପୁତ୍ର ଫକିରମୋହନ ଧଳ( ୬୧ ) ଭାଗ୍ୟରେ । ସରକାର ଗରିବ ମାନଙ୍କ ପାଇଁ ଆବାସ ଯୋଜନା ପ୍ରଣୟନ କରିଥିବାବେଳେ ପ୍ରହସନ ପାଲଟିଛି ଧଳ ପରିବାରରେ ।ତେବେ ବୁଢି ମା କନକ ମଣୀ ସ୍ତ୍ରୀ ଦୁଇପୁଅ ଦୁଇ ଝିଅ ମୋଟ ୬ ଜଣ



ପରିବାର ର ଭରଣ ପୋଷଣ ପାଇଁ ସାହାରା ଏକ ରିକ୍ସା ଟି ମଧ୍ୟ କାନ୍ଥ ମାଟି ଅତଡା ପଡି ଚକ ଗୁଡିକ ମୁଡି ମକଚି ନଷ୍ଟ ହୋଇଯାଇଛି । ଯାହାଫଳରେ ଦୈନ ଦିନ ରିକ୍ସା ଚଳାଇ ପରିବାର ଗୁଜୁରାଣ ମେଣ୍ଟାଇବା କାଠିକର ହୋଇପଡିଛି ।ତେବେ ୩ ଦିନ ଧରି ଦିନ ମଜୁରି ଖଟି ଯାହା ଆଣୁଛନ୍ତି ସେତିକିରେ ଦୁଃଖେ କଷ୍ଟେ ପରିବାର ଲୋକଙ୍କ ମୁହଁରେ ଆହାରଦେଉଛନ୍ତି । ଏପରିସ୍ଥଳେ ଶ୍ରୀଧଳ ଘରଟି କୁ ମରାମତି କରିବା ପାଇଁ ଅର୍ଥସାଜିଛି ବାଧକ ।ବାରମ୍ବାର ୱାର୍ଡ ସଭ୍ୟ ଓ ସରପଞ୍ଚ ଙ୍କ ନିକଟରେ ଅଭିଯୋଗ କରିଆସୁଛନ୍ତି ।ହେଲେ ତୁମ ନାମ ଆସିଲେ ଘରଟିଏ ଦିଆଯିବ ବୋଲି କହି ସରପଞ୍ଚ ବାବୁ କହି ଫେରାଇ ଦେଉଛନ୍ତି ବୋଲି ଫକିରମୋହନଧଳ ପ୍ରକାଶ କରିଛନ୍ତି । ସେହି ବିପଦପୂର୍ଣ୍ଣ ଭଙ୍ଗା ନଡା ଛପର ଘରେ ପରିବାର ଲୋକେ ଭାଗ୍ୟକୁ ଆବରି ପଡିରହିଥିବା ବେଳେ ବସ୍ତା ତହସିଲ କୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି । ହେଲେ କିଛିଦିନ ବିତିଯାଇଥିଲେ ମଧ୍ୟ ଆଉ ଆଇ ତଦନ୍ତ କରିବାପାଇଁ ଆସୁନାହାନ୍ତି । ଯାହା ଫଳରେ ଫକିରମୋହନ ବସ୍ତା ବିଡିଓଙ୍କ ନିକଟକୁ ଅଭିଯୋଗ ପତ୍ର ଦେଇଛନ୍ତି । ତେବେ ଏହି ବିଷୟରେ ମଥାନୀ ସରପଞ୍ଚ ଅନିଲ କୁମାର ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ କୁହନ୍ତି ତାଙ୍କ ନାମ ପଞ୍ଜିକୃତ ତାଲିକାରେନାହିଁ ତେବେ ବିଡିଓଙ୍କୁ ତାଙ୍କ ଭଙ୍ଗା ଘର ବିଷୟରେ ଅବଗତ କରାଇ ଘରଟିଏ ପାଇଁ ମୁଚେଷ୍ଟା କରିବି ।ସେହିପରି ବିଡିଓ କୁକୁମିନା ଦାସ କୁହନ୍ତି ମୋପାଖକୁ କୌଣସି ଅଭିଯୋଗ ଆସିନାହିଁ ଅଭିଯୋଗ ଆସିଲେ ତଦନ୍ତକରି କାର୍ଯ୍ୟଯାନୁ ଷାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।ତେବେ ଜିଲ୍ଲାପାଳ ଯଥାଶିଘ୍ରତଦନ୍ତ ପୂର୍ବକ ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଅଧିକ ଅନୁଦାନ ପାଇଁ ପ୍ରଧାନମନ୍ତ୍ରୀ ....

ସରକାରରେ ୨୦୦୯-୧୪ ମଧ୍ୟରେ ଓଡିଶାକୁ ରେଳ ଅନୁଦାନ ବାବଦକୁ ବାର୍ଷିକ ହାରାହାରି ମାତ୍ର ୮୩୮ କୋଟି ଟଙ୍କା ଦିଆଯାଇଥିଲା । ମାତ୍ର ମୋଦି ସରକାରରେ ୨୦୧୪-୧୯ ମଧ୍ୟରେ ୩୯୨ ପ୍ରତିଶତ ବୃଦ୍ଧି ପାଇ ବାର୍ଷିକ ହାରାହରି ୪,୧୨୬ କୋଟି ଟଙ୍କା ଦିଆଯାଉଛି। ପୂର୍ବୋଦୟର ବିକାଶ ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଚଳିତ କେନ୍ଦ୍ରର ରେଳ ବଜେଟରେ ୨୮୯ କିମି ଖୋର୍ଦ୍ଧା ରୋଡ- ବଲାଙ୍ଗୀର ରେଳ ଲାଇନ ପାଇଁ ୧୦୦୦.୫୦ କୋଟି ଟଙ୍କା ଅନୁଦାନ ଦିଆଯାଇଥିବା ବେଳେ ରାଜ୍ୟ ସରକାର ରାଜ୍ୟର ତିନୋଟି ଜିଲ୍ଲା ସୋନପୁର, ବୌଦ୍ଧ ଓ କନ୍ଧମାଳରେ ଚାଲିଥିବା ରେଳ କାମରେ ରାଜ୍ୟ ସରକାର ଜମି ଅଧିଗ୍ରହଣ କଲେ ଏହି କାମ ତ୍ୱରାନ୍ୱିତ ହେବ । ଏହାବ୍ୟତିତ ବଜେଟରେ ୯୮.୭ କିମିର ଅନୁଗୁଳ-ସୁକିନ୍ଦା ରୋଡ୍ ଲାଇନ ପାଇଁ ୪୦୦ କୋଟି ଟଙ୍କା ,୮୨ କିମି ହରିଦାସପୁର-ପାରାଦୀପ ରେଳ ଲାଇନ ପାଇଁ ୧୦୦ କୋଟି ଟଙ୍କା ଦିଆଯାଇଛି । ଏହା ଦ୍ୱାରା ଏହି ପ୍ରକଳ୍ପର କାମ ତ୍ୱରାନ୍ୱିତ ହେବ । ଏହାସହ ସମ୍ବଲପୁର- ତାଳଚେରର ୧୭୪.୧୧ କିମି ରେଳ ଲାଇନ ଦୋହରୀକରଣ ପାଇଁ ୧୭୩.୮୨ କୋଟି ଟଙ୍କା, ସମ୍ବଲପୁର – ଟିଟିଲାଗଡ ୧୮୨.୧୧ କିମି ରେଳ ଲାଇନର ଦୋହରୀକରଣ ପାଇଁ ୨୦୦ କୋଟି ଟଙ୍କା, ଟିଟିଲାଗଡରୁ ବିଜୟନଗରମ୍ ୨୬୪.୬ କିମି ତୃତୀୟ ଲାଇନ ପାଇଁ ୩୦୦ କୋଟି ଟଙ୍କା ରାଉରକେଲାରୁ ଝାରସୁଗୁଡା ତୃତୀୟ ଲାଇନ ପାଇଁ ୨୩୦ କୋଟି ଟଙ୍କା ଦିଆଯାଇଛି । ଚଳିତ ଆର୍ଥିକ ବର୍ଷ ପାଇଁ ନୂଆ ଲାଇନର କାର୍ଯ୍ୟ ପାଇଁ ୧୫୫୩.୬୦ କୋଟି ଟଙ୍କା ଅନୁଦାନ ଦିଆଯାଇଛି । ସେହିପରି ରାଜ୍ୟରେ ରେଳଲାଇନର ଦୋହରୀକରଣ ପାଇଁ ୧୭୦୨.୪୯ କୋଟି ଟଙ୍କା ଦିଆଯାଇଛି । ଯାତ୍ରୀ ସୁବିଧା ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୯୦.୮ କୋଟି ଟଙ୍କା ଦିଆଯାଇଥିଲା ମାତ୍ର ୨୦୨୧ -୨୨ ଆର୍ଥିକ ବର୍ଷ ପାଇଁ ଏହାକୁ ବୃଦ୍ଧି କରାଯାଇ ୩୦୦.୮ କୋଟି ଟଙ୍କା କରାଯାଇଛି । ଅନୁଗୁଳ ଇଲେକ୍ଟ୍ରିକ୍ ଲୋକୋ ସେଡ୍ ହୋଲ୍ଡିଂ କାପାସିଟିକୁ ୧୦୦ ଇଞ୍ଜିନରୁ ବୃଦ୍ଧି କରାଯାଇ ୧୫୦ ଇଞ୍ଜିନକୁ କରାଯାଇଛି । ଏହାଦ୍ୱାରା ପୂର୍ବ ଭାରତରେ ଅନୁଗୁଳକୁ ରେଳ ଇଞ୍ଜିନ ଲୋକୋସେଡ୍‌ରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇବ । କଳାହାଣ୍ଡିରେ ବିଦ୍ୟୁତ୍ ଇଞ୍ଜିନ୍ କାରଖାନା ମଧ୍ୟ ପ୍ରତିଷ୍ଠା କରିବା ନେଇ ବଜେଟରେ ଘୋଷଣା କରାଯାଇଛି ।

## ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର...

ଫେରିବା ସମୟରେ ବସଟି ଅର୍ବାନ ହାଟରେ ନଛାଡି ଅନ୍ୟ ସ୍ଥାନରେ ଛାଡିବାରୁ ପର୍ଯ୍ୟଟକ ଜଣକ ଏ ସଂପର୍କରେ ଡ୍ରାଇଭରଙ୍କୁ କହିବାରୁ ଡ୍ରାଇଭର ପର୍ଯ୍ୟଟକଙ୍କୁ ଗାଳିମନ୍ଦ ସହ ମାଡ ମାରିଥିଲେ । ଏ ସଂପର୍କରେ ସମୁଦ୍ରକୂଳ ଥାନାରେ ଅଭିଯୋଗ ହେବା ପରେ ସଂପୃକ୍ତ ବସ ଡ୍ରାଇଭରକୁ ୧୨ଘଂଟା ଭିତରେ ପୁଲିସ ଗିରଫ କରିଥିଲା । ଏହି ଘଟଣା ପର୍ଯ୍ୟଟକ ମହଲରେ ନିନ୍ଦିତ ହେବାରୁ ପୁରୀ ପୁଲିସ ପକ୍ଷରୁ ଏସପି କେ. ଭିଶାଲ ସିଂଙ୍କ ଅଧକ୍ଷତାରେ ଟୁରିଷ୍ଟ ବସ ମାଲିକ ସଂଘ ଓ କର୍ମକର୍ତାଙ୍କ ସହ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଟୁରିଷ୍ଟଙ୍କୁ ପୁଲିସ ସହାୟତା ପାଇଁ ଏକ ହେଲ୍ପ ଲାଇନ୍ ଜାରି ହୋଇଛି । ଯାହାର ନମ୍ବର ୬୩୭୦୯୬୭୧୦୦ ରହିଛି । ଏହି ହେଲ୍ପ ଲାଇନ ନମ୍ବର ସମସ୍ତ ଟୁରିଷ୍ଟ ବସରେ ସମସ୍ତ ନଜର ଆସିବା ଭଳି ସ୍ଥାନରେ ଲେଖାଯିବ । ସମସ୍ତ ଟୁରିଷ୍ଟ ବସର ମାଲିକ ମାନେ ଏଥିରେ ରାଜି ହୋଇଛନ୍ତି । ଏହାସହ ବସ ଡ୍ରାଇଭର, ହେଲପରଙ୍କ ବ୍ୟବହାରରେ ପରିବର୍ତନ କରିବା ପାଇଁ ପରାମର୍ଶ ଦିଆଯାଇଛି ।

## ରେଳ ବଜେଟ୍ ରେ ....

କହିଛନ୍ତି ଚଳିତ ଥର ରେଳ ବଜେଟରୁ ଓଡ଼ିଶା ପାଇଁ ଯାହା ଆଶା କରାଯାଉଥିଲା ତାହା ମିଳି ନାହିଁ ଏବଂ ପୁନର୍ବାର ଓଡ଼ିଶାକୁ ଉପେକ୍ଷିତ କରାଯାଇଛି । ଆଗକୁ ଆସୁଥିବା ତାମିଲନାଡୁ ଓ ପଶ୍ଚିବଙ୍ଗ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସେହି ରାଜ୍ୟକୁ ଅଧିକ ଦେଇଛନ୍ତି ,ଓଡ଼ିଶାର ଆବଶ୍ୟକତା ଓ ଅଭିବୃଦ୍ଧି ଦୃଷ୍ଟିରୁ ଯାହା ପାଇବା କଥା ତାହା ପାଇନାହିଁ, କେନ୍ଦ୍ର ରାଜ୍ୟ ମଧରେ ଭିତିରିଆ ରାଜନୈତିକ ସୁସମ୍ପର୍କ ଥିବାରୁ ରାଜ୍ୟର ହକ୍ , କେନ୍ଦ୍ର ସାମ୍ନାରେ ରାଜ୍ୟ ସଠିକ ଭାବେ ଦାବି ଉପସ୍ଥାପନ କରିପାରୁନି । ନୂଆ ରେଳ ଲାଇନ କିଛି ନାହିଁ, କେନ୍ଦ୍ର ସରକାର ପୁରୁଣା ଲାଇନ ପାଇଁ କିଛି କିଛି ଅର୍ଥ ଦେଇଛନ୍ତି। ଅପରପକ୍ଷରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି ଯେ ଓଡ଼ିଶାକୁ ଉପେକ୍ଷା ନୁହେଁ ଅପେକ୍ଷା ଠାରୁ ଅଧିକ ଅନୁଦାନ ଦିଆଯାଇଛି। ୟୁପିଏ ଶାସନକାଳରେ ଦଶ ବର୍ଷରେ ମାତ୍ର ୪୨୩୨ କୋଟି ଟଙ୍କା ଓଡ଼ିଶାକୁ ମିଳିଥିଲା। ସେତେବେଳେ ଚୁପ ଥିଲେ। କିନ୍ତୁ ମୋଦୀ ସରକାର ଆସିବା ପରେ ମାତ୍ର ୬ ବର୍ଷରେ ୨୯,୧୧୨ କୋଟି ଟଙ୍କା ସହାୟତା ଦେଇଛି। ଏଥିରୁ ଜଣାପଡୁଛି ଓଡ଼ିଶା ପାଇଁ କାହାର ଦରଦ କେତେ। ଯେଉଁ ପ୍ରକଳ୍ପରେ କେବଳ ଟୋକନ ଅନୁଦାନ ମିଳିଛି ସେଥିରେ ଆହୁରି ଅଧିକା ମିଳିପାରିଥାନ୍ତା। କିନ୍ତୁ ଜମି ଅଧିଗ୍ରହଣ ଓ ଆଇନ ଶୃଙ୍ଖଳା ରାଜ୍ୟ ସରକାରଙ୍କ ହାତରେ। ପୂର୍ବରୁ ମଧ କେନ୍ଦ୍ର ରେଳମନ୍ତ୍ରୀ ଜମି ଅଧିଗ୍ରହଣ ଯୋଗୁ ବିଭିନ୍ନ ପ୍ରକଳ୍ପ କାମ ଅଟକିଥିବା ନେଇ ଚିଠି ଲେଖି ରାଜ୍ୟକୁ ଅବଗତ କରିଥିଲେ। ତେଣୁ ଆଗ ନିଜ ତ୍ରୁଟି ସୁଧାରନ୍ତୁ ଓ ଜମି ଅଧିଗ୍ରହଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରନ୍ତୁ।

## ମିଳିଲା ସ୍କୁଟର....

ଭୁବନେଶ୍ୱର ପାଖ ସୁନ୍ଦରପଦା ନିକଟରୁ ଏକ ବୁଦା ମୂଳରୁ ସ୍କୁଟରଟିକୁ ଜବତ କରାଯାଇଛି। କିନ୍ତୁ ଏଯାଏ ରାକେଶଙ୍କ ସହଯୋଗୀ ପୁଲିସ୍ ହାତରେ ପଡ଼ି ନାହାନ୍ତି। ଝରାଫୁଲଙ୍କ ମୃତଦେହକୁ ସ୍କୁଟରରେ ବୋହି ନେଇ ବାଟରେ ଫିଙ୍ଗିବାରେ ସେ ରାକେଶଙ୍କୁ ସହଯୋଗ କରିଥିଲେ। ଝରାଫୁଲଙ୍କ ମୃତ୍ୟୁ ଘଟଣାରେ ଏକାଧିକ ସିସିଟିଭି ଫୁଟେଜ୍ ମିଳିଛି। ସେଥିରେ ଏକ ସ୍କୁଟରକୁ ବାରମ୍ବାର ଦେଖିବାକୁ ମିଳିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ରାକେଶ ସ୍ୱାଇଁକୁ ପୁଲିସ୍ ତିନି ଦିନ ରିମାଣ୍ଡରେ ଆଣିଥିବା ବେଳେ ଆଜି ହେଉଛି ଏହାର ଶେଷ ଦିନ। ତେବେ ଏଯାଏଁ ଝରାଫୁଲଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଯାହା ସୂଚନା ମିଳିଛି, ରାକେଶ ମଧ କିଛି ଜାଣି ନାହିଁ ବୋଲି କହୁଛି। ମୟୂରଭଞ୍ଜ ଜିଲ୍ଲାର ଝରାଫୁଲ ନାୟକ ତାଙ୍କ ଧରମବାପା ଚକ୍ରଧର ବେହେରାଙ୍କ ଘର ଭୁବନେଶ୍ୱରରେ ରହି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପଢୁଥିଲେ। ମହାମାରୀ କରୋନା ପାଇଁ କଲେଜ ବନ୍ଦ ଥିବାରୁ ଝରାଫୁଲ ଗାଁକୁ ଯାଇଥିଲେ। ଗତ ୨୫ ତାରିଖରେ ଚକ୍ରଧରଙ୍କ ଝିଅର ଜନ୍ମ ଦିନ ଥିବାରୁ ଝରା ଗାଁକୁ ଭୁବନେଶ୍ୱର ଆସିଥିଲେ। ଜାନୁଆରୀ ୨୬ ତାରିଖରେ ପୂର୍ବାହ୍ନ ୧୧ଟା ବେଳେ ଜୟଦେବ ବିହାରରେ ଝରାଫୁଲଙ୍କୁ ଯଶିପୁର ଯାଉଥିବା ଝାଡେଶ୍ୱର ବସ୍‌ରେ ବସାଇଥିଲେ ଚକ୍ରଧର। କିନ୍ତୁ ଅସୁସ୍ଥ ଥିବା ଦର୍ଶାଇ ଝରାଫୁଲ ବାଣୀବିହାର ଷ୍ଟପେଜ୍ ?ରୁ ଓହ୍ଲାଇ ଥିଲେ। ଝରାଫୁଲ ବସ୍‌ରେ ବସିବାର କିଛି ସମୟ ପରେ ବାପା ରମାକାନ୍ତ ଫୋନ୍ କରିଥିଲେ। ଝରାଫୁଲ ଫୋନ୍ ରିସିଭ୍ କରି ଦେହ ଅସୁସ୍ଥ ଲାଗିବାରୁ ସାଙ୍ଗ ସୋନାଲିଙ୍କ ଘରେ ଅଛି ବୋଲି କହିଥିଲେ। ଏମିତିକି ତାଙ୍କ ଭାଇ ମଧ ଝରାଫୁଲଙ୍କ ପାଖକୁ ବାରମ୍ବାର ଫୋନ୍ କରିଥିଲେ। ସେ ଫୋନ୍ ନ ଉଠାଇବାରୁ ହ୍ୱାଟସ୍‌ଆପ୍‌ରେ ମେସେଜ୍ କରିଥିଲେ। ରାକେଶ, ସୋନାଲୀ ନାଁରେ ମୋବାଇଲ୍‌ରେ ଚାଟିଂ କରିଥିଲେ। ୨୬ ତାରିଖରେ ଝରାଫୁଲ ବାଣୀବିହାର ଷ୍ଟପେଜରେ ବସରୁ ଓହ୍ଲାଇ ଚାଲି ଚାଲି ରୂପାଲି ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଉଭୟ ସ୍କୁଟିରରେ ଭୁବନେଶ୍ୱରରେ ବୁଲାବୁଲି କରିବା ପରେ ଲିଙ୍ଗରାଜ ଥାନା ଅଞ୍ଚଳରେ ଥିବା ଏକ ରେଷ୍ଟୁରାଣ୍ଟରେ ବିରିୟାନୀ ଖାଇବାକୁ ଯାଇଥିଲେ। ସେଠାରେ ରାକେଶ ବିରିୟାନୀ ଖାଇଥିଲେ। କିନ୍ତୁ ପେଟ କାଟୁଥିବା କହି ଝରାଫୁଲ ବିରିୟାନୀ ଖାଇ ନଥିଲେ। ସନ୍ଧ୍ୟାରେ ଉଭୟ ଧର୍ମ ବିହାରରେ ଥିବା ଏକ ଗେଷ୍ଟ ହାଉସକୁ ଯାଇଥିଲେ। ସେଠାରେ ଉଭୟ ରାତ୍ର ଯାପନ କରିଥିଲେ। ତେଣୁ ଯାହା ଘଟିଛି, ସେହି ରାତିରେ ଘଟିଛି ବୋଲି କୁହାଯାଉଛି। ଅଭିଯୋଗରୁ ପ୍ରକାଶ, ୨୭ ତାରିଖ ସକାଳେ ଝରାଫୁଲ ସଜ୍ଞା ହରାଇ ତଳେ ପଡ଼ିଯାଇଥିଲେ। ଯେଉଁଥିପାଇଁ ରାକେଶ ଭୟଭୀତ ହୋଇଯାଇଥିଲେ। ପରେ ରାକେଶ ତାଙ୍କ ସାଙ୍ଗ ଶେଖରକୁ ଫୋନ୍ କରି ଡାକିଥିଲେ। ଏହା ପରେ ଶେଖର ଓ ରାକେଶ ସ୍କୁଟିରରେ ଝରାଫୁଲଙ୍କୁ ବସାଇ କଟକ ମେଡିକାଲ୍‌ରେ ନେଉଥିଲେ। ହେଲେ ରାସ୍ତାରେ ଝରାଫୁଲଙ୍କ ମୃତ୍ୟୁ ଘଟିଥିବା ଆଲୋଚନା ହେଉଛି। ଏହା ପରେ ଉଭୟ ଝରଫୁଲଙ୍କ ମୃତଦେହକୁ ମୟୂରଭଞ୍ଜ ଜିଲ୍ଲାରେ ଫିଙ୍ଗି ଦେବା ପାଇଁ ଯୋଜନା କରିଥିଲେ। ହେଲେ ଜାତୀୟ ରାଜପଥରେ ଝରାଫୁଲଙ୍କ ପାଦ ରାସ୍ତାରେ ଘୁଷୁରୁଥିବା ଦେଖି କେତେକ ଲୋକ ସେମାନଙ୍କୁ କହିଥିଲେ। ଏହା ପରେ ଶେଖର ଓ ରାକେଶ ମୃତଦେହକୁ ଯାଜପୁର ଜିଲ୍ଲା କୁଆଖିଆ ଥାନା ଅନ୍ତର୍ଗତ ମୂଳାପାଳ ଛକ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦେଇଥିଲା, ଯାହା ସିସିଟିଭିରେ କଏଦ ହୋଇଯାଇଥିଲା।

## ଚାଷୀ ଆନ୍ଦୋଳନକୁ ନେଇ....

ଭାରତୀୟ ଭାବରେ ଏହାର ସୌହାର୍ଯ୍ୟପୂର୍ଣ୍ଣ ସମାଧାନ ହୋଇପାରିବ । ସେହିଭଳି ଫିଲ୍ମଷ୍ଟାର ଅକ୍ଷୟକୁମାର ଓ ଅଜୟ ଦେବଗନ ବି ଟ୍ୱିଟ କରିଛନ୍ତି । ସେ ସରକାରଙ୍କ ପକ୍ଷ ନେଇ ସମସ୍ୟାର ସମାଧାନ କରିବାକୁ ମତ ଦେଇଛନ୍ତି । ଅକ୍ଷୟ ଲେଖିଛନ୍ତି, କୃଷକ ଦେଶର ଅଭିନ୍ନ ଅଙ୍ଗ, ସେମାନଙ୍କ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ହେବା ଦରକାର । ଅଜୟ ଦେବଗନ କହିଛନ୍ତି, ଭାରତ ଓ ଏହାର ନୀତି ବିରୁଦ୍ଧରେ ଚାଲିଥିବା ମିଥ୍ୟା ଅପପ୍ରଚାରରୁ ଲୋକେ ଦୂରେଇ ରୁହନ୍ତୁ । ବର୍ତମାନ ନିଜ ଭିତରେ କଳି ନ କରି ସମସ୍ତେ ଏକଜୁଟ ରହିବାର ଆବଶ୍ୟକତା ରହିଛି ।

## ପ୍ରତିଭା ମହାରଥୀଙ୍କୁ ....

ତେବେ ଦଳର ସୁପ୍ରିମୋ ଯାହା ନିଷ୍ପତି ନେବେ ତାକୁ ସମସ୍ତେ ମାନିବେ ବୋଲି କହିଛନ୍ତି । ପିପିଲି ଉପନିର୍ବାଚନରେ ବିଜେଡି ମଙ୍ଗ କିଏ ସମ୍ଭାଳିବ ତାକୁ ନେଇ କଳ୍ପନା ଜଳ୍ପନା ଚାଲିଛି । ପୁଅ ରୁଦ୍ର ମହାରଥୀ ଓ ମାଆ ପ୍ରତିଭା ମହାରଥୀଙ୍କ ମଧରୁ କାହାକୁ ଟିକେଟ ମିଳିବ ତାକୁ ନେଇ ସସପେନ୍ସ ରହିଛି । ଏପରି ସମୟରେ ପ୍ରତିଭାଙ୍କ ସମର୍ଥନରେ ଡେଲାଙ୍ଗର ବିଜେଡି ନେତା ମେଳି ବାନ୍ଧିବା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଓଡ଼ିଶାରେ ଆନ୍ଧ୍ରର ଭୋଟ...

ସବୁ ଆଇନ୍ କାନୁନକୁ ଜଳାଞ୍ଜଳି ଦେଇ ଆନ୍ଧ୍ର ସେହି ଗାଁ ଗୁଡ଼ିକରେ ପଞ୍ଚାୟତ ନିର୍ବାଚନ କରୁଛି। କିନ୍ତୁ ଏ ନେଇ କୋରାପୁଟ ଜିଲ୍ଲା ପ୍ରଶାସନ ନିକଟରେ ଖବରନାହିଁ। ଯାହାକୁ ନେଇ ଅବିଭକ୍ତ କୋରାପୁଟ ଜିଲ୍ଲାର ନେତାମାନେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ଯେଉଁଥିପାଇଁ ଆଜି ରାଜ୍ୟ ସରକାର ଜିଲ୍ଲାପାଳଙ୍କୁ ବଦଳି କରିଥିବା ଆଲୋଚନା ହେଉଛି।

ଶୁକ୍ରବାର,୦୫ ଫେବୃୟାରୀ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ମଧୁବାବୁ ସ୍ମୃତି ପରିଷଦ ଉଦ୍‌ଘାଟନୀ ଉତ୍ସବ

ଧାମନଗର,୦୪।୦୨ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବ୍ଲକ ବଜାର ସ୍ଥିତ କଲ୍ୟାଣ ପଣ୍ଡପ ପରିସରରେ ମଧୁବାବୁ ସ୍ମୃତି ପରିଷଦ ଧାମନଗର ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୭ତମ ପୁଣ୍ୟତିଥି ପାଳନ ଅବସରରେ ଧାମନଗର ଓକିଲ ସଂଘ ଆନୁକୂଲ୍ୟରେ ମଧୁବାବୁ ସ୍ମୃତି ପରିଷଦ ଗଠନର ଉଦ୍‌ଘାଟନୀ ଉତ୍ସବ କରାଯାଇଛି। ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥିଭାବେ ଧାମନଗର ବିଧାୟକ ବିଷ୍ଣୁ ସେଠୀ, ସମ୍ମାନିତ ଅତିଥିଭାବେ ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ରାଜ୍ୟ ବାର କାଉନସିଲର ସଦସ୍ୟ ଆଇନ୍‌ଜୀବୀ ପବନ ଶର୍ମା ଯୋଗଦେଇଥିବାବେଳେ ବିଶିଷ୍ଟ ସ୍ତମ୍ଭକାର ଇଂ. ଅଭୟ ଦ୍ୱିବେଦୀ ଓ ଆଧାତ୍ମିକ ପତ୍ରିକା ଅମୃତ ଦର୍ଶନର ସମ୍ପାଦକ ତଥା ଖ୍ୟାତନାମା ପ୍ରବଚକ ପଣ୍ଡିତ ସଂଗ୍ରାମ ଆରର୍ଯ୍ୟ ବରେଣ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଧାମନଗର ଓକିଲ ସଂଘର ସାଧାରଣ ସମ୍ପାଦକ ଅମରେନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ଆଇନ୍‌ଜୀବୀ ରଣଜିତ୍ ମହାନ୍ତି ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ହାଇକୋର୍ଟର ଆଇନ୍‌ଜୀବୀ ଦେବାଶିଷ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଶାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ସଭାପତି ସ୍ୱର୍ଗତ ଅଶୋକ କୁମାର ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବନ୍ଦେ ଉତ୍କଳ ଜନନୀ ଗାନପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଓଡ଼ିଆ ଜାତି ଓ ମାଟିର ଗର୍ବ ଓ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ପାଇଁ ଅତିଥିମାନେ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଦାବି ଉପସ୍ଥାପନ କରିଥିଲେ। ଉତ୍କଳ ଗୌରବଙ୍କ ଜନ୍ମ ତିଥିକୁ ସ୍ୱାଭିମାନ ଦିବସ ଭାବେ ପାଳନ କରାଯାଉଥିବାବେଳେ ତାଙ୍କ ପୁଣ୍ୟତିଥିକୁ ଜାଗ୍ରତ ଦିବସ ଭାବେ ପାଳନ କରାଯିବାକୁ ସଭାରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ କାହ୍ନୁ ଚରଣ ପାଣିଗ୍ରାହୀ, ବରିଷ୍ଠ ସ୍ୱାଧିନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, କାନ୍ତସାହିତ୍ୟ ପରିଷଦର ସମ୍ପାଦକ ଶଚିକାନ୍ତ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ରବିନ୍ଦ୍ର ବେହୁରିଆ ପ୍ରମୁଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ।

# ରେଳ ଓଭରବ୍ରିଜ ନିର୍ମାଣ ଯୋଗୁଁ ବନ୍ଦହେବ ପାନୀୟ ଜଳ ପମ୍ପହାଉସ

## ତୁରନ୍ତ ନୂତନ ପ୍ରକଳ୍ପ ସ୍ଥାପନ ପାଇଁ ଅଙ୍ଗାରଗଡ଼ିଆବାସୀଙ୍କ ଦାବି



ବାଲେଶ୍ୱର,୦୪।୦୨ (ନି.ପ୍ର): ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅବହେଳିତ ହୋଇ ଆସିଥିବା ବାଲେଶ୍ୱର ସହରର ରେଳ ଧାରଣା ପଶ୍ଚିମ ପାର୍ଶ୍ୱ ଅଙ୍ଗାରଗଡ଼ିଆ ମୌଜାର ବସନ୍ତ ବିହାର, ଉଦୟ ନଗର ଓ ଶକ୍ତିନଗର ପ୍ରଭୃତି ଅଞ୍ଚଳର ଲୋକେ ଆଜି ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ଏହି ଅଞ୍ଚଳ ସହରରେ କିମ୍ବା ରେମୁଣା ବ୍ଲକ ଅନ୍ତର୍ଗତ ପଞ୍ଚାୟତରେ ଯାଉଛି ଏହାକୁ ନେଇ ଦୀର୍ଘଦିନ ଧରି ବିବାଦ ଚାଲିଆସିଥିଲା। ଖାସ ସେଇଥି ପାଇଁ ବାଲେଶ୍ୱର ପୌରପାଳିକା କିମ୍ବା ରେମୁଣା ବ୍ଲକ କେହି ବି ଏହି ଅଞ୍ଚଳକୁ ଦୃଷ୍ଟି ଦିଅନ୍ତି ନାହିଁ ବୋଲି ଗ୍ରାମବାସୀମାନେ କହିଛନ୍ତି। ଏହି ଅଞ୍ଚଳର ରାସ୍ତା, ଡ୍ରେନ ନିର୍ମାଣ ଓ ପାନୀୟ ଜଳ ଯୋଗାଣ ପ୍ରଭୃତି ନିଜସ୍ୱ ଅର୍ଥରେ ଗ୍ରାମବାସୀମାନେ ତିଆରି କରିଥିବା ସେମାନେ କହିଛନ୍ତି। ପାନୀୟଜଳ ଯୋଗାଣ କ୍ଷେତ୍ରରେ ରେଳ ଲାଇନର ଆଳ ଦେଖାଇ ଜନସ୍ୱାସ୍ଥ୍ୟ ବିଭାଗ ଏହି ଅଞ୍ଚଳକୁ ଅଣଦେଖା କରି ଆସିଥିବା ବେଳେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସଏସ) ବିଭାଗ ମଧ୍ୟ ଗ୍ରାମବାସୀମାନେ କହିଛନ୍ତି। ଏହା ସତ୍ତ୍ୱେ ସମସ୍ତଙ୍କ ମିଳିତ ସହଯୋଗରେ ଏହି ଅଞ୍ଚଳର ଗ୍ରାମାବସୀ ଜ୍ୟୋସ୍ନାରାଣୀ ପଣ୍ଡାଙ୍କ ସ୍ଥିତିବାନ ଜମି ଉପରେ ଏକ ଗଭୀର ନଳକୂପ ଖନନ କରି ୪ଶହରୁ ଊର୍ଦ୍ଧ୍ୱ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଦିଆଯାଉଥିଲା। ମାତ୍ର ନିର୍ମାଣ ଆରମ୍ଭ ହୋଇଥିବା ଅଙ୍ଗାରଗଡ଼ିଆ ରଳ ଓଭର ବ୍ରିଜ୍ ଏହି ପମ୍ପ ହାଉସ ଦେଇ ଯାଉଥିବା ବେଳେ ଏବେ ତାହା ମଧ୍ୟ ଦିନେ ଦୁଇଦିନ ମଧ୍ୟରେ ବନ୍ଦ ହୋଇଯିବ ବୋଲି ଗ୍ରାମବାସୀମାନେ ଜାଣିବାକୁ ପାଇଛନ୍ତି। ଏହି ପାଇପ ପାନୀୟ ଜଳ ପ୍ରକଳ୍ପ ଉପରେ ଏବେ ପାଖାପାଖି ୬ଶହ ପରିବାର ନିର୍ଭର କରୁଥିବା ବେଳେ ଏହା ବନ୍ଦ ହୋଇଯିବା ଫଳରେ ଲୋକେ କେମିତି ଊର୍ଦ୍ଧ୍ୱ ପରିବାର କେଉଁ ଉତ୍ସରୁ ପାନୀୟଜଳ ପାଇବେ ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ବାଲେଶ୍ୱର ପୌରପାଳିକାର ୨୦ ଓ ୨୧ ନଂ ୱାର୍ଡ଼ର ବସବାସ କରୁଥିବା ତଥା ଅନ୍ୟାନ୍ୟ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇ ଆସିଥିବା ଗ୍ରାମାବାସୀଙ୍କୁ ପାନୀୟ ଜଳ ଯୋଗାଣ ନେଇ କେହି ପଦକ୍ଷେପ ନେଉ ନାହାନ୍ତି। ଏପରି ସ୍ଥଳେ ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ଆରଡବ୍ଲ୍ୟୁଏସଏସ ପକ୍ଷରୁ ତୁରନ୍ତ ନୂତନ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ତେବେ ପ୍ରକଳ୍ପ ପ୍ରତିଷ୍ଠା ନହେବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗ ଲୋକଙ୍କୁ ପାନୀୟ ଜଳ ଯୋଗାଇବାକୁ ସେମାନେ ଜିଲାପାଳଙ୍କଠାରେ ଗୁହାରୀ କରିଛନ୍ତି। ନଚେତ୍ ଆଗାମୀ ଦିନରେ ୫ଶହରୁ ଊର୍ଦ୍ଧ୍ୱ ପରିବାର ଶେଷରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।

# ଉନ୍ନତିକରଣ ଓ ସଂରକ୍ଷିତ ହେବ ଆଦମପୁର ଜଙ୍ଗଲ



ଭଦ୍ରକ,୦୪।୦୨ (ନି.ପ୍ର): ୧୬ ନଂ ଜାତୀୟ ରାଜପଥକୁ ଲାଗି କପାଳୀ ନଦୀ କୂଳରେ ଥିବା ଆଦମପୁର ଜଙ୍ଗଲ (ନଳାଙ୍ଗ ବଣ)ର ବୃକ୍ଷରାଜିକୁ ସଂରକ୍ଷିତ ରଖାଯିବା ସହିତ ଏହି ଅଞ୍ଚଳ ଏକ ପିକ୍‌ନିକ୍ ସ୍ପଟ ପାଲଟିଥିବାରୁ ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବା ନେଇ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଆଗ୍ରହ ପ୍ରକାଶ କରିଛନ୍ତି। ଏ ନେଇ ଆଜି ଜିଲ୍ଲାପାଳ କ୍ଷେତ୍ରୀୟ ପରିଦର୍ଶନ କରିଛନ୍ତି। ଏହି ସ୍ଥାନକୁ କିପରି ଅଧିକରୁ ଅଧିକ ସଂଖ୍ୟାରେ ଲୋକ ପିକ୍‌ନିକ୍ (ଭୋଜି) କରିବାକୁ ଆସିବେ ସେଥିଲାଗି ଆବଶ୍ୟକ ଥିବା ପାନୀୟ ଜଳ ବନ୍ଦୋବସ୍ତ ବସିବା ଲାଗି ବେଞ୍ଚ, ବର୍ଜ୍ୟବସ୍ତୁକୁ ଫୋପାଡିବା ପାଇଁ ଡଷ୍ଟବିନ୍ ସହିତ ପିଲାମାନଙ୍କ ପାଇଁ ଆକର୍ଷଣୀୟ ସାଜସଜ୍ଜା କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅଞ୍ଚଳ ରାଜପଥ କଡରେ ହୋଇଥିବାରୁ ପିକ୍‌ନିକ୍ ପାଇଁ ଆସୁଥିବା ଗାଡିଗୁଡିକର ପାର୍କିଂ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଛି। ଏହି ତଦନ୍ତ ସମୟରେ ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଭଣ୍ଡାରିପୋଖରୀ ବିଡିଓ ବିଜୟ କୁମାର ସାହୁ, ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଶୋକସଭା



ଭଦ୍ରକ,୦୪।୦୨ (ନି.ପ୍ର): ଭଦ୍ରକ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ବାଲ୍‌ଗୋପାଲ ମନ୍ଦିର ପରିସରରେ ଏକ ଜରୁରୀ ବୈଠକରେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ମଲ୍ଲଯୋଦ୍ଧା ସ୍ୱର୍ଗତ ଗୋପାଳକୃଷ୍ଣ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକଟ କରାଯାଇଥିଲା। ଏହି ଶୋକସଭାରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମା ପୌରୋହିତ୍ୟ କରିଥିଲେ। ପ୍ରଚାର ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ୨୧ତମ ବାର୍ଷିକ ସ୍ମାରକୀ ପ୍ରତିଷ୍ଠା ଦିବସ 'ନେତ ଉଡାଣ ଉତ୍ସବ'ର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ସମିତିର ଆୟବ୍ୟୟ ସହସମ୍ପାଦକ ପ୍ରଶାନ୍ତ କୁମାର ଦେ ଉପସ୍ଥାପନା କରିଥିଲେ। ତାହା ଆଲୋଚନା ପରେ ଗୃହୀତ ହୋଇଥିଲା। ବାର୍ଷିକ ପତ୍ରିକା 'ନୀଳ କନ୍ଦର'ର ମୁଦ୍ରଣରେ ରହିଥିବା କେତେକ ତ୍ରୁଟି ସମ୍ପର୍କରେ ଆଲୋଚନା କରାଯିବା ସହିତ ଏହି ଅନିଚ୍ଛାକୃତ ତ୍ରୁଟି ଯେପରି ଆଗାମୀ ଦିନରେ ନ ହୁଏ ସେଥିଲାଗି ଦୃଷ୍ଟି ଦିଆଯିବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତା ୮ ତାରିଖ ଶ୍ରୀକ୍ଷେତ୍ର ପୁରୀ ଧାମରୁ ମହାପ୍ରଭୁଙ୍କ ଦଇତା ସେବକ ରାମଚନ୍ଦ୍ର ଦାସମହାପାତ୍ର, ରାଜ୍ୟ ପାଟସେବା ସଂଘର ସଭାପତି ଦୁର୍ଯ୍ୟୋଧନ ସାହୁ ଏବଂ ସେବକ ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଭଦ୍ରକ ଜିଲ୍ଲାର ମୁଖ୍ୟ ପ୍ରଶାସକ ତଥା କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରିବାକୁ ଆସୁଥିବାର ପ୍ରଚାର ସମିତି ପକ୍ଷରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ପାଇଁ ସ୍ଥିର କରାଯାଇଥିଲା।

# ଟ୍ରାକ୍ଟର ଓଲଟି ୧ ମୃତ

ଜଳେଶ୍ୱର, ୪/୨ (ନିପ୍ର) : ଆଜି ଗୁରୁବାର ପୂର୍ବାହ୍ନରେ ରାଇବଣିଆ ଥାନା ଅନ୍ତର୍ଗତ ଗୋପାଳ ପ୍ରସାଦ ଛକ (ସୀମାନ୍ତ କଲେଜ) ସମ୍ମୁଖରେ ଏକ ଟ୍ରାକ୍ଟର ରାସ୍ତାକଡରେ ଓଲଟି ପଡିବାରୁ ଡ୍ରାଇଭର ତା ତଳେ ଚାପି ହୋଇ ରହିଥିଲା। ସ୍ଥାନୀୟ ଲୋକେ ବହୁ ଚେଷ୍ଟାରେ ତାକୁ ବାହାର କରି ନ ପାରିବାରୁ ଜେସିବି ସହାୟତାରେ ଟ୍ରାକ୍ଟର ତଳୁ ଡ୍ରାଇଭରକୁ ବାହାର କଲାବେଳକୁ ତାର ମୃତ୍ୟୁ ଘଟିଥିଲା। ଛକରେ ଏବଂ ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଟ୍ରାକ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଟ୍ରାକ୍ଟରଟି ପଶ୍ଚିମବଂଗର ଛାଡଗ୍ରାମ ଜିଲାର ନୟାଗ୍ରାମ ଥାନା ଅନ୍ତର୍ଗତ ଝରିଆ ଅଂଚଳର ବୋଲି ଜଣାଯାଇଛି । ମୃତ ଡ୍ରାଇଭର ସଂଜୟ ମହାକୁଡ(୨୬)ଙ୍କ ଘର ପଶ୍ଚିମବଂଗର ଝୋଟଝରିଆ ଗାଁର ବୋଲି କୁହାଯାଉଛି । ଆଜି ସଂଜୟର ଶବକୁ ବ୍ୟବଚ୍ଛେଦ ହୋଇ ଘରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଟ୍ରାକ୍ଟରଟି ଓଡିଶାକୁ ଇଟା ବୁହାଇବାକୁ ଆସୁଥିବା ପ୍ରକାଶ । ସେଠାରେ ଏକ ଛକ ଥିବାରୁ ଏକ ହମ୍ପସ୍ ନିର୍ମାଣ ଲାଗି ସରପଂଚ ଜତିନ୍ଦ୍ର ନାଥ ମହାନ୍ତିଙ୍କ ନେତୃତ୍ୱରେ ଦାବି କରାଯାଇଛି । ଏହି ଟ୍ରାକ୍ଟରଟିରନମ୍ବର ନ ଥିବା ବେଳେ ଟ୍ରଲିରେ ଓଡି୩୯ଟିସିଏ/୭ ବୋଲି ଲେଖା ଯାଇଛି ।

# ବିଧାନସଭା ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଭୁବନେଶ୍ୱର,୦୪।୦୨ (ନି.ପ୍ର): ଓଡ଼ିଶା ଏକତ୍ରୀକରଣର କର୍ଣ୍ଣଧାର, ଓଡ଼ିଆ ଅସ୍ମିତାର ପ୍ରତୀକ, କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୭ତମ ଶ୍ରାଦ୍ଧବାର୍ଷିକୀ ବିଧାନସଭା ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଧାନସଭା ପରିସରସ୍ଥ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ରୂପେ ବାଚସ୍ପତିଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ର ଯୋଗ ଦେଇ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ସୁଗୋ ଟେମ୍ପୋ ଦୁର୍ଘଟଣାରେ ଆହତଙ୍କ ମଧ୍ୟରୁ ୨ ମୃତ

ଜଳେଶ୍ୱର, ୪/୨ (ନିପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ସୁଗୋ ପେଟ୍ରୋଲପମ୍ପ ନିକଟରେ ଗତ ବୁଧବାର ଦ୍ୱିପ୍ରହରରେ ବାରିପଦାର ଶଂଖାଭଂଗା ଅଂଚଳରୁ ୧୨ଜଣ ଶ୍ରମିକଙ୍କୁ ଧରି ଓଡି୦୧ଏଜି୦୭୭୮ ଟେମ୍ପୋଟି କମର୍ଦ୍ଦା ଥାନା ନାଚିନ୍ଦା ଗଲାବେଳେ ଓଡି ୦୧ଡି-୯୪୧୧ ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଧକ୍କା ହେବାଫଳରେ ଡ୍ରାଇଭର ସହିତ ୧୦ଜଣ ଆହତ ହୋଇ ଜଳେଶ୍ୱର ଜିକେଭଙ୍ଗର ହସ୍‌ପିଟାଲରେ ପ୍ରାଥମିକ ଚିକିତ୍ସା ହୋଇଥିଲେ । ଗୁରୁତର ଥିବାରୁ ସେମାନଙ୍କୁ ଦୁଇ ପର୍ଯ୍ୟାୟରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଚିକିତ୍ସାଧିନ ଅବସ୍ଥାରେ ଡ୍ରାଇଭରଙ୍କ ଶଶୁର ସପନ ପାଇକରାୟ(୫୦) ଓ ଅନ୍ୟଜଣେ ମହିଳା ଶ୍ରମିକ କାଜଲ ଦେହୁରୀ (୩୮) ମୃତ୍ୟୁ ଘଟିଥିବାର ଜଣାଯାଇଛି । ଆଜି ଅପରାହ୍ନରେ ସପନ ପାଇକରାୟଙ୍କ ମୃତ ଶରୀର କାଶିଡିହା ଓ କାଜଲ ଦେହୁରୀର ଶଂଖାଭଂଗାଠାରେ ପହଞ୍ଚିଥିବା ଜଣାଯାଇଛି ।

# କଂଗ୍ରେସରେ ଯୋଗଦେଲେ ଜଟଣୀର ବିଜେଡ଼ି, ବିଜେପି କର୍ମୀ

ଭୁବନେଶ୍ୱର,୦୪।୦୨ (ନି.ପ୍ର): ଅନ୍ଧାରୁଆ ଗ୍ରାମ ପଂଚାୟତର ସରପଂଚ ଦିଲୀପ ତରାଇଙ୍କ ନେତୃତ୍ୱରେ ଶତାଧିକ ବିଜେଡ଼ି ଓ ବିଜେପି କର୍ମୀ ଗୁରୁବାର ଦିନ କଂଗ୍ରେସ ଭବନ ଠାରେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ଏହି ଅବସରରେ ଜଟଣୀ ନିର୍ବାଚନ ମଣ୍ଡଳୀର ବିଧାୟକ ସୁରେଶ କୁମାର ରାଉତରାୟ ସମସ୍ତ ନେତା ଓ କର୍ମୀଗଣଙ୍କୁ ସ୍ୱାଗତ କରି କହିଲେ ଯେ ଆପଣମାନଙ୍କ ଯୋଗଦାନ ଜଟଣୀ ଅଂଚଳରେ କଂଗ୍ରେସ ଦଳକୁ ସୁଦୃଢ଼ କରିବ। କଂଗ୍ରେସ ଦଳରେ ଯୋଗଦେଇଥିବା ସର୍ବଶ୍ରୀ ଅଇଁଠି ମୁଦୁଲୀ, ଜୟନ୍ତ ସାମନ୍ତରାୟ, ପ୍ରମୁଖ ଶତାଧିକ କର୍ମୀ ଆଗାମୀ ଦିନରେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଜ୍ୟୋତି ହସପିଟାଲରେ ଚକ୍ଷୁ ବିଭାଗ ଉଦଘାଟିତ



ବାଲେଶ୍ୱର,୦୪।୦୨ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଜ୍ୟୋତି ହସପିଟାଲରେ ନୂତନ ଚକ୍ଷୁ ବିଭାଗ ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି। ବାଲେଶ୍ୱର ରୋମାନ କ୍ୟାଥୋଲିକ୍ ଡାଇଓସେସର ପୂର୍ବତନ ମୁଖ୍ୟ ବିଶପ ଥୋମାସ ଥିରଥଲିଲ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚକ୍ଷୁ ଚିକିତ୍ସା ବିଭାଗକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି କରିଥିଲେ। ନୂତନ ଭାବେ ଆରମ୍ଭ ହୋଇଥିବା ଏହି ଚକ୍ଷୁ ଚିକିତ୍ସା ବିଭାଗ ଜ୍ୟୋତି ହସପିଟାଲ ଇତିହାସରେ ନୂତନ ଅଧ୍ୟାୟ ସୃଷ୍ଟି ହେଲା ବୋଲି ସେ କହିଥିଲେ। ଏହି ହସପିଟାଲ ଉଜ୍ଜ୍ୱଳ ଜ୍ୟୋତିଷ୍କ ଭଳି ଆହୁରି ଅଧିକରୁ ଅଧିକରୁ ଅଧିକ ଉଦଭାସିତ ହେବ ବୋଲି ବିଶପ ଥିରୁଥଲିଲ ମତ ପ୍ରକାଶ କରିଥିଲେ। ବାଲେଶ୍ୱର ରୋମାନ କ୍ୟାଥୋଲିକ ଡାଇଓସେସର ପ୍ରଶାସନିକ ଅଧିକାରୀ ଫାଦର ଆଇଜାକ ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇ ଜ୍ୟୋତି ହସପିଟାଲର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ହସପିଟାଲର ନିର୍ଦ୍ଦେଶକ ଫାଦର ପଲ ପରମ କୁନମପଥ ଏହି ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିବା ସହ ହସପିଟାଲର ସଫଳତା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜ୍ୟୋତି ହସପିଟାଲ ଚକ୍ଷୁ ବିଭାଗର ନୂତନ ଭାବେ ଯୋଗଦାନ କରିଥିବା ଚକ୍ଷୁ ବିଶେଷଜ୍ଞ ଡାକ୍ତର ଦେବଦତ୍ତ ନାୟକ ଏଥିରେ ଯୋଗଦେଇ ଜନସାଧାରଣଙ୍କୁ ଉତ୍ତମ ଚକ୍ଷୁଚିକିତ୍ସା ଯୋଗାଇ ଦେବା ଦିଗରେ ନିଜର ଅଙ୍ଗୀକାରବଦ୍ଧତା ସମ୍ପର୍କରେ ସୂଚନା ଦେଇଥିଲେ। ଡାଇଓସେସର ସମ୍ପାଦକ ଫାଦର ଯୋଶ କୁଟି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନାରାମ ସୋରେନଙ୍କ ଜନ୍ମ ଜୟନ୍ତୀରେ ପ୍ରତିମୂର୍ତ୍ତୀ ଉନ୍ମୋଚନ



ବାରିପଦା,୦୪।୦୨ (ନି.ପ୍ର): ବହୁ ବାଦ ବିବାଦ ପରେ ବିଶିଷ୍ଟ ଆଦିବାସୀ ନେତା ତଥା ପୂର୍ବତନ ମନ୍ତ୍ରୀ ଭଞ୍ଜବୀର ସୁନାରାମ ସରେନଙ୍କର ୧୦୩ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲା ବାରିପଦାର ଭଞ୍ଜପୁର ଠାରେ ତାଙ୍କର ପୂର୍ଣାବୟବ ପ୍ରତିମୂର୍ତ୍ତୀ ଉନ୍ମଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ଉଦଘାଟକ ଭାବେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ରହି ପ୍ରତିମୂର୍ତ୍ତୀ ଅନାବରଣ କରିବା ସହ ଆୟୋଜିତ ସାଧାରଣ ସଭାରେ ସୁନାରାମ ସୋରେନ ଜଣେ ଆଦିବାସୀ ନେତା ଭାବରେ ଜିଲ୍ଲାରେ ମହିଳା ମାନଙ୍କ ମଧ୍ୟରେ ଶିକ୍ଷା ପ୍ରତିସଚେତନତା ସୃଷ୍ଟି କରିବା ନିମନ୍ତେ କନ୍ୟାଶ୍ରମ ତଥା ଆଶ୍ରମ ବିଦ୍ୟାଳୟ ସ୍ଥାପନରଯେଉଁ ପ୍ରୟାସ କରିଥିଲେ ତାହା ବେଶ ପ୍ରଣିଦାନ ଯୋଗ୍ୟ ବୋଲି କହିବା ସହିତ ଓଡିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟରେ ଆଦିବାସୀ ବାଳିକାଙ୍କ ଶିକ୍ଷା ପାଇଁ ବହୁ ଯୋଜନା କରିଥିବାର କହିଛନ୍ତି । ଏବଂ ବାରିପଦା ଠାରେ ସୁନାରାମ ସୋରେନଙ୍କ ନାମରେ ଏକ ସଂସ୍କୃତି ଭବନ ନିର୍ମାଣ କରାଯିବାର କାର୍ଯ୍ୟକ୍ରମ ରହିଥିବାର କହିଥିଲେ । ଅତିଥି ମାନଙ୍କ ଦ୍ୱାରା ପ୍ରଥମେ ପ୍ରତିମୂର୍ତ୍ତୀ ଅନାବରଣ କରାଯାଇ ପୁଷ୍ପ ମଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସୁନାରାମ ସୋରେନଙ୍କ ପୁତ୍ର ସେଙ୍ଗେଲ ସିଂ ସୋରେନ ଏବଂ ତାଙ୍କ ପରିବାର ବର୍ଗ ଯୋଗଦେଇଥିବା ବେଳେ, ଆଦିବାସୀ ସମ୍ପ୍ରଦାୟର ବହୁ ଲୋକ ଯୋଗଦେଇଥିଲେ । ଏହି ଅବସରରେ ଆଦିବାସୀ ମାନଙ୍କର ପାରମ୍ପରିକ ବାଦ୍ୟ ନୃତ୍ୟ ପରିବେଷଣ କରି ଲୋକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ତେବେ ଏହି ପ୍ରତିମୂର୍ତ୍ତୀ ଉନ୍ମୋଚନ କାର୍ଯ୍ୟକ୍ରମରେ ବିଜେଡିର ଜିଲ୍ଲାରେ ଥିବା ମୋରୋଡା ବିଧାୟକ ରାଜକିଶୋର ଦାଶ, କରଞ୍ଜିଆ ବିଧାୟକ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବିଜେଡି ଦଳର ମହିଳା ଯୁବ ଛାତ୍ର ସଂଗଠନର ବହୁ କର୍ମୀ ଯୋଗଦେଇ ଥିଲେ ।

# ଦରଡ଼ାରେ ମଦ ଦୋକାନକୁ ଜନନୀ ପରିବାରର ବିରୋଧ

ବାଲେଶ୍ୱର,୦୪।୦୨ (ନି.ପ୍ର): ବସ୍ତା ବ୍ଲକ ଦରଡ଼ା ପଞ୍ଚାୟତରେ ସରକାରୀ ମଦ ଖୋଲିବା ନିଷ୍ପତିକୁ ବିରୋଧ କରି ଜିଲ୍ଲାପାଳଙ୍କଠାରେ ଗୁରୁବାର ଦିନ ଫେରାଦ ହୋଇଛି ମହିଳା ସଂଗଠନ 'ଜନନୀ ପରିବାର'। ଜନନୀ ପରିବାରର ମୁଖ୍ୟ ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କ ନେତୃତ୍ୱରେ ସଂଗଠନର ସଦସ୍ୟାଙ୍କ ସମେତ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ସାକ୍ଷାତ କରି ଅବକାରୀ ବିଭାଗର ପ୍ରସ୍ତାବିତ ମଦ ଦୋକାନ ଦରଡ଼ା ବଜାରରୁ ସ୍ଥାନାନ୍ତର ପାଇଁ ନିବେଦନ କରିଛନ୍ତି। ଦରଡ଼ା ବଜାରକୁ ଲାଗି ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାପୀଠ, ଏକ ଯକ୍ତଦୁଇ ବିଜ୍ଞାନ କଲେଜ ସମେତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଏଥି ସହିତ ଅନତିଦୂରରେ ଥିବା ଦେବାଦେବୀ ମନ୍ଦିର ଓ ମସଜିଦକୁ ଲୋକେ ଏହି ଦରଡ଼ା ବଜାର ଦେଇ ଯାତାୟ କରିଥାନ୍ତି। ବଜାରରେ ସରକାରୀ ଠିପିଖୋଲା ବିଦେଶୀ ମଦ ବିକ୍ରି ହେଲେ ସେଠାରେ ଅସାମାଜିକ ଯୁବକଙ୍କ ଭିଡ଼ ବଢ଼ିବା ସହିତ ସ୍ଥାନୀୟ ଅଞ୍ଚଳରେ ଶାନ୍ତିଭଙ୍ଗ ହେବ। ଏମିତିକି ଏହି ରାସ୍ତାରେ ସାଧାରଣ ଘର ଝିଅବୋହୂ ଯିବା ଆସିବା କରିବା ପାଇଁ ନିଜକୁ ଅସୁରକ୍ଷିତ ମଣିବେ। ଏଭଳି ସ୍ଥିତିରେ ନିଷ୍ପତିର ପୁନର୍ବିଚାର ସହ ପ୍ରସ୍ତାବିତ ମଦ ଦୋକାନ ଦରଡ଼ା ବଜାରରୁ ସ୍ଥାନାନ୍ତର ପାଇଁ ଜନନୀ ପରିବାର କର୍ମକର୍ତ୍ତା ଦାବି କରିଛନ୍ତି। ଏନେଇ ଜିଲ୍ଲାପାଳ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସମ୍ପୃକ୍ତ ଅଞ୍ଚଳର ମହିଳା ଓ ପୁରୁଷମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଜନନୀ ପରିବାରର ମୁଖ୍ୟ ଶ୍ରୀମତୀ ମହାନ୍ତି ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଂଗଠନ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

# ବିଧାନସଭା ସଦାଚାର କମିଟି : ଗୃହଙ୍କର ଖୋରଧା ଗସ୍ତ ଓ ବୈଠକରେ ଯୋଗଦାନ

ଖୋରଧା,୦୪।୦୨ (ନି.ପ୍ର): ଓଡ଼ିଶା ବିଧାନସଭା ସଦାଚାର କମିଟି, ଗୃହଙ୍କର ମାନ୍ୟବର ଅଧକ୍ଷ ଓ ମାନ୍ୟବର ସଦସ୍ୟମାନେ ଆଜି ଖୋରଧା ଗସ୍ତରେ ଆସି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଯୋଗଦେଇଛନ୍ତି । ସଦାଚାର କମିଟିର ଅଧକ୍ଷ ମାନ୍ୟବର ବିଧାୟକ ଶ୍ରୀ ଅମର ପ୍ରସାଦ ଶତପଥି ବୈଠକରେ ଅଧକ୍ଷତା କରି କହିଲେ ୨୦୨୧ରେ ଏହା ପ୍ରଥମ ଜିଲ୍ଲା ଗସ୍ତ ଓ କ୍ଷେତ୍ର ପରିଦର୍ଶନ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକ ପ୍ରତିନିଧିନଙ୍କ ସହ ପ୍ରଶାସନ ସମନ୍ୱୟ ରକ୍ଷା କରି ଫଳପ୍ରଦ କାର୍ଯ୍ୟ କରିବାକୁ ମାନ୍ୟବର ଅଧକ୍ଷ ସଦାଚାର କମିଟି ଗୁରୁତ୍ୱ ଦେଇଥିଲେ । ବୁକ୍ ସର୍କୁଲାର - ୪୭ର ନିୟମାବଳୀ ବିଷୟରେ ଆଲୋକପାତ କରି ଏହାର ଅନୁପାଳନ କରିବାକୁ ଅଧିରୀମାନଙ୍କୁ କହିଥିଲେ । ପରସ୍ପର ମଧରେ ବୁଝାମଣା ରଖିବାକୁ ପରାମର୍ଶ ଦେଇଥିଲେ । ଖୋରଧା ଜିଲ୍ଲାରେ କରୋନା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବାରୁ ମାନ୍ୟବର ଅଧକ୍ଷ, ସଦାଚାର କମିଟି ଗୃହ ସନ୍ତୋଷ ପ୍ରକାଶ କରିଥିଲେ । ସଦାଚାର କମିଟିର ସଦସ୍ୟ ମାନ୍ୟବର ବିଧାୟକ ଶ୍ରୀ ପ୍ରଫୁଲ୍ଲ କୁମାର ସାମଲ ବିଧାୟକମାନଙ୍କର ଦାୟିତ୍ୱ ଓ ପ୍ରଶାସନର ସହଯୋଗ ସମ୍ପର୍କରେ କହିଥିଲେ । ଲୋକମାନଙ୍କର ସମସ୍ୟା ସମାଧାନ କରିବା ଓ ପ୍ରତିମାସରେ ସମୀକ୍ଷା ବୈଠକ କରିବାକୁ ସେ କହିଥିଲେ । ସଦାଚାର କମିଟିର ମାନ୍ୟବର ସଦସ୍ୟ ମାନ୍ୟବର ବିଧାୟକ ଶ୍ରୀ ଅରବିନ୍ଦ ଡାଲି, ମାନ୍ୟବର ବିଧାୟକ ଶ୍ରୀ ପ୍ରଦୀପ କୁମାର ଅମାତ, ମାନ୍ୟବର ବିଧାୟକ ଶ୍ରୀ ଭୂପିନ୍ଦର ସିଂ ବୁକ ସର୍କୁଲାର - ୪୭ର ନିୟମାବଳୀ, ଏହାର କାର୍ଯ୍ୟକାରିତା ଏବଂ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ବୈଠକ ସଂପର୍କରେ ଆଲୋଚନା କରିଥିଲେ । ଜିଲ୍ଲାପାଳ, ଖୋରଧା ଶ୍ରୀ ସନତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ମାନ୍ୟବର ବିଧାୟକ ଓ ମାନ୍ୟବର ସାଂସଦମାନଙ୍କ ଠାରୁ ମିଳିଥିବା ପତ୍ର ଓ ଏଥିପାଇଁ ହୋଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ କହିଥିଲେ । ବୁକ୍ ସର୍କୁଲାର ନିୟମ ଅନୁପାଳନ କରିବା ଓ ବିଭାଗୀୟ ଅଧିକାରୀମାନେ ସଚେତନ ରହି କାର୍ଯ୍ୟ କରିବେ ବୋଲି କହିଥିଲେ । ଖୋରଧା ଜିଲ୍ଲାରେ କୋଭିଡ ସ୍ଥିତି ଓ ପ୍ରଥମ ପର୍ଯ୍ୟାୟ କୋଭିଡ ଟୀକାକରଣ ସଂପର୍କରେ ଜିଲ୍ଲାପାଳ କହିଥିଲେ । ମାନ୍ୟବର ବିଧାୟକ, ଖୋରଧା ଶ୍ରୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର , ମାନ୍ୟବର ବିଧାୟକ ଚିଲିକା ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ ବିଭିନ୍ନ କମିଟିର ଚିଠିର ଉତ୍ତର ଦେବା ଓ ନିୟମ ପାଳନ କରିବା । ସଂପର୍କରେ ଆଲୋଚନା କରିଥିଲେ ସଦାଚାର କମିଟି, ଗୃହର ମାନ୍ୟବର ସଦସ୍ୟ ମାନ୍ୟବର ବିଧାୟକ ଶ୍ରୀ ଅନନ୍ତ ଦାସ, ମାନ୍ୟବର ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି , ମାନ୍ୟବର ବିଧାୟକ ଶ୍ରୀ ଜୟନ୍ତ କୁମାର ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo